ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୧/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, August 11/2025 Page 14 | ₹ 7.00 | RAYAGADA
୫୧ଶ ଭାଗ ୨୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 257 | ମୂଲ୍ୟ ₹୭/-



**ଟ୍ରୋଲ୍ ହେଲେ ଅଲ୍ଲୁ**

ଅଲ୍ଲୁ ଅର୍ଜୁନ ମୁମ୍ବାଇ ଏୟାରପୋର୍ଟରେ ସୁରକ୍ଷା ଅଧିକାରୀଙ୍କ ସହ ଯୁକ୍ତିତର୍କ କରୁଥିବାର ଏକ ଭିଡିଓ ଭାଇରାଲ ହେବା ପରେ ସୋସିଆଲ ମିଡିଆରେ ତାଙ୍କୁ ଟ୍ରୋଲ୍ କରାଯାଉଛି। ୦୨

୧୨ **ଏସିଆନ ସର୍ଫିଂରେ ରମେଶଙ୍କୁ ପଦକ**

ଏସିଆନ ସର୍ଫିଂ ଚାମ୍ପିୟନଶିପ୍‌ରେ ପ୍ରଥମ ଭାରତୀୟ ଭାବେ ଏକ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି ରମେଶ ବୁଢ଼ିଆଲ।









ଓଡ଼ିଶା ପୋଷ୍ଟ ପକ୍ଷରୁ ଆୟୋଜିତ 'ମେଟଲ ମିଟ୍ -୨୦୨୫'ର ରବିବାର ଅନୁଷ୍ଠିତ ଗ୍ରାଣ୍ଡ ଫାଇନାଲ୍‌ରେ ସିନିୟର ଚାମ୍ପିୟନ ଏମ୍‌ସ ଭୁବନେଶ୍ୱର ପ୍ରତିଯୋଗୀ (ବାମ) ଏବଂ ଜୁନିୟର ଚାମ୍ପିୟନ ଭୁବନେଶ୍ୱର ୟୁନିଟ୍-୮ ଡିଏଭି ସ୍କୁଲର ପ୍ରତିଯୋଗୀଙ୍କୁ ୧ଲକ୍ଷ ଟଙ୍କା ଲେଖାଏ ଚେକ୍ ପ୍ରଦାନ ଅବସରରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ। ନିକଟରେ ଅଛନ୍ତି ଅଜନ୍ତା ଆଡଭର୍ଟାଇଜର୍ସର ପରିଚାଳନା ନିର୍ଦ୍ଦେଶକ ମନୀଷ ଅଗ୍ରୱାଲ ଏବଂ କୁଇଜ୍ ମାଷ୍ଟର ଅଜୟ ପୁନିଆ । (ଫଟୋ-ବିକାଶ ନାୟକ/ମନୋରଞ୍ଜନ ମିଶ୍ର) (ଅଧିକ ଫଟୋ: ପୃଷ୍ଠା-୪/୫)

## ଚନ୍ଦ୍ରଭାଗା ସମୁଦ୍ରରେ ଭାସିଯାଇ ୩ ମୃତ

**ଭୋଜି ସାରି ସମୁଦ୍ରରେ ଗାଧୋଇବା ହେଲା କାଳ**

କୋଣାର୍କ,୧୦।୮ (ଜ୍ୟୋତିରାଜ ମହାନ୍ତି)

ଚନ୍ଦ୍ରଭାଗା ସମୁଦ୍ରରେ ରବିବାର ଅଭାବନୀୟ ଘଟଣା ଘଟିଛି। ପୃଥକ୍ ପୃଥକ୍ ଭାବେ ସମୁଦ୍ରରେ ଗାଧୋଉଥିବା ବେଳେ ବୁଡ଼ିଯାଇ ୩ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଆହତ ହୋଇଥିବା ଜଣାପଡ଼ିଛି। ମୃତକମାନେ ହେଲେ କୋଣାର୍କ ଥାନା ଅଧୀନ ଯମତଳା ଗ୍ରାମର କ୍ଷେତ୍ରବାସୀ ସେନାପତିଙ୍କ ସାନପୁଅ ରାହୁଲ କୁମାର ସେନାପତି(୨୫), ବିମ୍ବାଧର ଜେନାଙ୍କ ପୁଅ ଅରୂପାନନ୍ଦ ଜେନା (୨୫) ଓ କଟକ ଜିଲା ପାହାଳ ଅଞ୍ଚଳର ପିଣ୍ଟୁ ପଟ୍ଟନାୟକ। ଉତ୍ତରପ୍ରଦେଶର ଶିବ କୁମାର (୨୫) ସାମାନ୍ୟ ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ, ଛୁଟି କଟାଇବାକୁ ଆସି ଚନ୍ଦ୍ରଭାଗା ସମୁଦ୍ରକୂଳଠାରୁ ୧ କି.ମି. ଦୂରରେ ସାଙ୍ଗମାନଙ୍କ ସହ ଗାଧୋଉଥିବା ବେଳେ ସମୁଦ୍ରରେ ବୁଡ଼ିଯାଇ ପାହାଳ ଅଞ୍ଚଳର ପିଣ୍ଟୁ ପଟ୍ଟନାୟକଙ୍କ ମୃତ୍ୟୁ ଘଟିଥିବା ବେଳେ ଚନ୍ଦ୍ରଭାଗା ଇକୋ ☞ପୃଷ୍ଠା-୮

**ଆଜିର ସମ୍ପାଦକୀୟ**

**ହାତୀ ସହ ମଣିଷ**

# ଡିଏଭି ୟୁନିଟ୍-୮, ଏମ୍‌ସ ଭୁବନେଶ୍ୱର ଚାମ୍ପିୟନ

**ଓଡ଼ିଶା ପୋଷ୍ଟ 'ମେଟଲ ମିଟ୍-୨୦୨୫'**

Reviving Quizzing
METTLE MEET 2025
A Quiz Extravaganza

ଭୁବନେଶ୍ୱର, ୧୦।୮ (ବନ୍ଦନା ସେଠୀ)

ଦୈନିକ ଇଂଲିଶ ଖବରକାଗଜ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ ହୋଟେଲଠାରେ କୁଇଜ୍ ପ୍ରତିଯୋଗିତା 'ମେଟଲ ମିଟ୍-୨୦୨୫'ର ଗ୍ରାଣ୍ଡ ଫାଇନାଲ୍ସ ରବିବାର ଅନୁଷ୍ଠିତ ହୋଇଯାଇଛି। ଜୁନିୟର ବର୍ଗରେ ଭୁବନେଶ୍ୱରସ୍ଥିତ ୟୁନିଟ-୮ ଡିଏଭି ପବ୍ଲିକ ସ୍କୁଲ ଟିମ୍ ଏବଂ ସିନିୟର ବର୍ଗରେ ଏମ୍ସ ଭୁବନେଶ୍ୱର ଚାମ୍ପିୟନ ହୋଇଛନ୍ତି। ସେହିପରି ଜୁନିୟର ବର୍ଗରେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଟିମ୍ ପୂର୍ବଭଳି ପ୍ରଥମ ରନରଅପ୍ ଓ ଲୋୟଲା ଟିମ୍ ଦ୍ୱିତୀୟ ରନରଅପ୍ ହୋଇଛନ୍ତି। ଅନୁରୂପ ଭାବେ ସିନିୟର ବର୍ଗରେ ଆଇଆଇଟି ଖଡଗପୁର ପ୍ରଥମ ରନରଅପ୍ ଏବଂ ଆଇଆଇଏମ୍ କାଲ୍‌କାଟା ଦ୍ୱିତୀୟ ରନରଅପ୍ ହୋଇଛନ୍ତି। ଉଭୟ ବର୍ଗର ଚାମ୍ପିୟନ୍‌ଙ୍କୁ ୧ଲକ୍ଷ ଟଙ୍କା ଲେଖାଏ ଏବଂ ପ୍ରଥମ ରନର୍‌ଅପ୍‌ମାନଙ୍କୁ ୫୦ହଜାର ଓ ଦ୍ୱିତୀୟ ରନର୍‌ଅପ୍‌ମାନଙ୍କୁ ୨୫ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

'ମେଟଲ ମିଟ୍'ର ଚଳିତ ଥର ଥିଲା ସପ୍ତମ ସଂସ୍କରଣ। ଶନିବାର ଓ ରବିବାର ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା କୁଇଜ୍ ପ୍ରତିଯୋଗିତାରେ ଏଥର ପ୍ରଥମ ଥର ପାଇଁ ରାଜ୍ୟ ବାହାରୁ ବିଶେଷକରି ପୂର୍ବାଞ୍ଚଳ ଜୋନ୍‌ରୁ ଅଂଶଗ୍ରହଣକାରୀ ସାମିଲ୍ ହେବା ପରେ 'ମେଟଲ ମିଟ୍'ର ପରିସର ବ୍ୟାପକ ହୋଇଛି। ୨୦୨୫ ମେଟଲ୍ ମିଟ୍‌ରେ ଜୁନିୟର ଓ ସିନିୟରଙ୍କୁ ମିଶାଇ ମୋଟ୍ ୮୧ଟି ଟିମ୍ ଭାଗ ନେଇଥିଲେ। ଜୁନିୟରରେ ରାଜ୍ୟ ଭିତରୁ ୩୯ଟି ଟିମ୍ ସାମିଲ ହୋଇଥିବାବେଳେ ସିନିୟର ବର୍ଗରେ ରାଜ୍ୟ ଓ ରାଜ୍ୟ ବାହାରକୁ ମିଶାଇ ୪୨ଟି ଟିମ୍‌ଙ୍କ ମଧ୍ୟରେ ବ୍ରେନ୍ ବ୍ୟାଟଲ୍ ହୋଇଥିଲା। ଶନିବାର ଅନୁଷ୍ଠିତ ପ୍ରିଲିମ୍ସରେ ଉଭୟ ବର୍ଗରୁ ୮ଟି ଲେଖାଏ ଟିମ୍ ଗ୍ରାଣ୍ଡ ଫାଇନାଲ୍ସକୁ ଉନ୍ନୀତ ହୋଇଥିଲେ। ରବିବାର ଅପରାହ୍ଣରୁ ପ୍ରଥମେ ଜୁନିୟର ବର୍ଗର ଗ୍ରାଣ୍ଡ ଫାଇନାଲ୍ସ ଆରମ୍ଭ ହୋଇଥିଲା। କୁଇଜ୍ ମାଷ୍ଟର ଅଜୟ ପୁନିଆ ୮ଟି ଦଳର ଅଂଶଗ୍ରହଣକାରୀଙ୍କ ପାଇଁ ୫ଟି ପର୍ଯ୍ୟାୟରେ ବିଭିନ୍ନ ବିଷୟବସ୍ତୁ ଉପରେ ଆଧାରିତ ପ୍ରଶ୍ନମାନ ପଚାରିଥିଲେ। କେତେକ ପ୍ରଶ୍ନରେ ଅଡିଓ ଭିଜୁଆଲ୍ ଉପସ୍ଥାପନା ପ୍ରତିଯୋଗୀଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ସୃଷ୍ଟି କରିଥିଲା। ପିଲାମାନେ ମଧ୍ୟ ସମାନ ଜୋସ୍ ରଖି ଉତ୍ତର ଦେଉଥିବା ଉପସ୍ଥିତ ଦର୍ଶକମାନଙ୍କୁ ଆହ୍ଲାଦିତ କରିଥିଲା। ବିଜୟୀ ଦଳ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ ଦ୍ୱିତୀୟ ରାଉଣ୍ଡରୁ ହିଁ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ଦଳକୁ ପଛରେ ପକାଇ ଆଗରେ ରହିଥିଲା। ଫାଇନାଲ୍ ବେଳକୁ ମୋଟ୍ ୧୩୦ ସ୍କୋର ରଖିବା ସହିତ ଦ୍ୱିତୀୟରେ ଥିବା କିଟ୍ ଇଣ୍ଟରନ୍ୟାଶନାଲ୍‌ଠାରୁ ୫୨ସ୍କୋର୍ ଅଧିକ ପାଇଥିଲା। ୬୫ ସ୍କୋର ରଖି ତୃତୀୟ ଲୋୟଲା ସ୍କୁଲ ତୃତୀୟ ସ୍ଥାନ ହାସଲ କରିଥିଲା। ସୂଚନାଯୋଗ୍ୟ, ସେଣ୍ଟ ପଲ୍ସ ସ୍କୁଲ, ରାଉରକେଲା, ଡିଏଭି ପବ୍ଲିକ ସ୍କୁଲ, ସିଡିଏ, କଟକ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗନଗର ଏବଂ ଭୁବନେଶ୍ୱର ମଡେଲ ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର ପ୍ରତିଯୋଗିତାରେ ଅନ୍ୟ ଦଳ ଭାବେ ଅଂଶଗ୍ରହଣ କରିଥିଲେ।

ସିନିୟର ବର୍ଗରେ ଅଧିକ ଟକ୍କର ଦେଖିବାକୁ ମିଳିଥିଲା। ପ୍ରଥମରୁ ହିଁ ଏମ୍ସ ଭୁବନେଶ୍ୱର ଅନ୍ୟ ପ୍ରତିଯୋଗୀ ଦଳକୁ ପଛରେ ପକାଇ ସ୍କୋର ବଢାଇ ଚାଲିଥିଲା। ୫ଟି ରାଉଣ୍ଡରେ କୁଇଜ୍ ଶେଷ ହେବାପରେ ଏମ୍ସ ଭୁବନେଶ୍ୱର ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ଦ୍ୱିତୀୟ ସ୍ଥାନରେ ଆଇଆଇଟି ଖଡଗପୁର ଏବଂ ତୃତୀୟରେ ଆଇଆଇଏମ୍ କାଲ୍‌କାଟା ରହିଥିଲେ। ପ୍ରଥମଥର ପାଇଁ ଆଇଆଇଟି ଖଡଗପୁର ଏବଂ ଆଇଆଇଏମ୍ କାଲ୍‌କାଟା ଅଂଶଗ୍ରହଣ କରି ରାଜ୍ୟ ବାହାରର ଦଳଭାବେ ବିଜୟ ଲାଭ କରି ମେଟଲ୍ ମିଟ୍‌କୁ ଭିନ୍ନ ପରିଚୟ ଦେଇଛନ୍ତି। ସ୍କୋର ବୋର୍ଡକୁ ଦେଖିଲେ ☞ପୃଷ୍ଠା-୮

## କଳିଙ୍ଗରେ ପ୍ରଜ୍ଞା, ଅନିମେଶଙ୍କ ଚମକ

**ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍**

ଭୁବନେଶ୍ୱର, ୧୦।୮ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ) ଲେଭଲ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ରାଜ୍ୟ ଓ ଦେଶକୁ ଗର୍ବିତ କରିଛନ୍ତି ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁ। ଓଡ଼ିଶା ଏଚ୍‌ପିସିର ଅନିମେଶ କୁଜୁର ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ୱାର୍ଲ୍ଡ କଣ୍ଟିନେଣ୍ଟାଲ ପରି ଏକ ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ବାଲେଶ୍ୱରର ପ୍ରଜ୍ଞା ୧୦୦ ମିଟର ହର୍ଡଲ୍ସରେ ୧୩.୭୪ ସେକେଣ୍ଡ ସହିତ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କେବଳ ଭାରତୀୟଙ୍କୁ ନେଇ ଅନୁଷ୍ଠିତ ଫାଇନାଲ୍ସରେ ନନ୍ଦିନୀ କୋଙ୍ଗାନ ୧୩.୮୦, ଅଞ୍ଜଲି ସି ୧୪.୦୦ ଓ ପ୍ରଞ୍ଜଳି ଦିଲୀପ ପାଟିଲ ୧୪.୦୩ ସେକେଣ୍ଡ ସହିତ ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ୨୦୧୮ରେ ଶ୍ରୀଲଙ୍କାର କଲମ୍ବୋରେ ଅନୁଷ୍ଠିତ ଦକ୍ଷିଣ ଏସୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିଥିବା ପ୍ରଜ୍ଞା ୱାର୍ଲ୍ଡ ଆଥଲେଟିକ୍ସ ଟୁର୍ ଭଳି ଏକ ବଡ଼ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ନିଜ କ୍ୟାରିୟରକୁ ଋଦ୍ଧିମନ୍ତ କରିଛନ୍ତି। ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସେ ଅନେକ ପଦକ ହାସଲ କରିଛନ୍ତି। ବାଲେଶ୍ୱର ଜିଲା ବସ୍ତା ଅନ୍ତର୍ଗତ ଟିକିରାପଡ଼ାର ପ୍ରଜ୍ଞାଙ୍କ ମା'ଙ୍କ ନାମ ସୁକାନ୍ତିମଣି ଜେନା ଓ ବାପା ପାର୍ଥ ସାରଥି ସାହୁ। ପୁରସ୍କାର ଆକାରରେ ପ୍ରଜ୍ଞା ୮୦୦ ଆମେରିକୀୟ ଡଲାର ଲାଭ କରିଛନ୍ତି। ଅନ୍ୟ ୩ ବିଜେତାଙ୍କୁ ଯଥାକ୍ରମେ ୪୦୦, ୩୦୦ ଓ ୨୦୦ ଆମେରିକୀୟ ଡଲାର ପ୍ରଦାନ କରାଯାଇଛି। ପୁରୁଷ ୨୦୦ ମିଟରରେ ☞ପୃଷ୍ଠା-୮

## କୁକୁର କାମୁଡ଼ାରେ ଆହତ ପାରା ଆଥ୍‌ଲେଟ ଯୋଗେନ୍ଦ୍ରଙ୍କ ସମେତ ୨ ମୃତ



ଯୋଗେନ୍ଦ୍ର ଛତ୍ରିଆ



ହୃଷୀକେଶ ରଣା

ଗୁଡ଼ଭେଲା,୧୦।୮ (ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଚିଞ୍ଚୋଡ ଗ୍ରାମରେ ବୁଲା କୁକୁର କାମୁଡ଼ାରେ ଗୁରୁତର ହୋଇ ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ପାରା ଆଥ୍‌ଲେଟ ଯୋଗେନ୍ଦ୍ର ଛତ୍ରିଆ(୩୩)ଙ୍କ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ଏଥିସହିତ ଉକ୍ତ କୁକୁର କାମୁଡ଼ାରେ ଗୁରୁତର ହୋଇଥିବା ଚିଞ୍ଚୋଡ଼ ଗ୍ରାମର ହୃଷୀକେଶ ରଣା(୪୭)ଙ୍କ ମଧ୍ୟ ରବିବାର ମୃତ୍ୟୁ ଘଟିଛି। ଆହତ ହୋଇଥିବା ଅନ୍ୟ ୪ ଜଣ ଏବେ ବି ଚିକିତ୍ସାଧୀନ ଅଛନ୍ତି।

ପ୍ରକାଶ ଯେ,ଗତ ୨୩ ତାରିଖ ଦିନ ଏକ ବୁଲା କୁକୁର ଚିଞ୍ଚୋଡ ଗ୍ରାମର କେଶବ ନାଗ, ☞ପୃଷ୍ଠା-୮

# ବିକାଶ ସହ ଦୁର୍ନୀତିମୁକ୍ତ ଶାସନ ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

- **କୋରାପୁଟରେ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ କୋଠାର ଲୋକାର୍ପଣ**
- **ଖୁବ୍‌ଶୀଘ୍ର ନବରଙ୍ଗପୁର ସମେତ ୪ ଜିଲାରେ ହେବ ମେଡିକାଲ କଲେଜ**

ଓଡ଼ିଶାର ସାମଗ୍ରିକ ବିକାଶକୁ ଗତିଶୀଳ କରାଇ ରାଜ୍ୟବାସୀଙ୍କୁ ଦୁର୍ନୀତିମୁକ୍ତ ଶାସନ ଦେବା ସରକାରଙ୍କ ଲକ୍ଷ୍ୟ। ଏହି ଲକ୍ଷ୍ୟ ପୂରଣ ଦିଗରେ ରାଜ୍ୟ ସରକାର ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି ବୋଲି ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହିକ୍ରମରେ ଓଡ଼ିଶାର ନିରନ୍ତର ବିକାଶ ଧାରାରେ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାକୁ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ୨୮୦ କୋଟି ଟଙ୍କା ବ୍ୟୟରେ କୋରାପୁଟରେ ନିର୍ମିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ ଏବଂ ହସ୍ପିଟାଲର ୬୫୦ ଶଯ୍ୟା ବିଶିଷ୍ଟ ନୂତନ କୋଠାର ଲୋକାର୍ପଣ କରିଛନ୍ତି। ସେହିପରି ରାଜଧାନୀ ସହ ଦକ୍ଷିଣ ଓଡ଼ିଶାକୁ ଆହୁରି ମଜଭୁତ ଢଙ୍ଗରେ ଯୋଡ଼ି ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ୬ ଲେନ୍ ବିଶିଷ୍ଟ ଜୟପୁର-ବ୍ରହ୍ମପୁର-ଭୁବନେଶ୍ୱର ଅର୍ଥନୈତିକ କରିଡର ନିର୍ମାଣର ଘୋଷଣା କରିଛନ୍ତି। ଏଥିସହିତ ନବରଙ୍ଗପୁର, ଜଗତ୍‌ସିଂହପୁର, ଢେଙ୍କାନାଳ ଓ ଭଦ୍ରକରେ ଖୁବ୍‌ଶୀଘ୍ର ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




କୋରାପୁଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଜଣେ ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ପ୍ରଦାନ କରୁଛନ୍ତି।

କୋରାପୁଟ,୧୦।୮ (ଅମିତାଭ ବେହେରା)

ରାଜ୍ୟର ନିରନ୍ତର ବିକାଶ ଧାରାରେ ସାମିଲ ହେଲା କୋରାପୁଟ ଜିଲା। କୋରାପୁଟବାସୀଙ୍କୁ ସ୍ୱାସ୍ଥ୍ୟସେବା ପାଇଁ ଆଉ ଦୂରଦୂରାନ୍ତକୁ ଯାଇ ହଇରାଣ ହେବାକୁ ପଡ଼ିବନାହିଁ। ଏଥିପାଇଁ ରାଜ୍ୟ ସରକାର ସମସ୍ତ ବ୍ୟବସ୍ଥା କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରବିବାର କୋରାପୁଟସ୍ଥିତ ସରକାରୀ ଡିଏଭି କଲେଜ ପଡିଆରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ବିକାଶ ସହ ଦୁର୍ନୀତିମୁକ୍ତ ଶାସନ ଦେବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ଓ କର୍ତ୍ତବ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୨୮୦ କୋଟି ଟଙ୍କା ବ୍ୟୟରେ ନିର୍ମିତ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ☞ପୃଷ୍ଠା-୮

## ସଂକ୍ଷେପରେ

### ରାହୁଲଙ୍କୁ ଭୋଟ ଚୋରି ଅଭିଯୋଗର ପ୍ରମାଣ ମାଗିଲେ କର୍ନାଟକ ସିଇଓ

ନୂଆଦିଲ୍ଲୀ,୧୦।୮

୨୦୨୪ ଲୋକ ସଭା ନିର୍ବାଚନରେ ଭୋଟର ଜାଲିଆତି ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କରିଥିବା ଅଭିଯୋଗ ଉପରେ କର୍ନାଟକ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ରବିବାର ତାଙ୍କୁ ନୋଟିସ୍ ପଠାଇ ଏହାର ପ୍ରମାଣ ପାଇଁ ଆବଶ୍ୟକ ଦସ୍ତାବିଜ୍ ମାଗିଛନ୍ତି। ଜଣେ ମହିଳା ଦୁଇଥର ଭୋଟ ଦେଇଥିଲେ ବୋଲି କେଉଁ ଦସ୍ତାବିଜ୍ ଆଧାରରେ ଅଭିଯୋଗ ଆଣିଲେ, ତାହା ଦେଖାଇବାକୁ ସିଇଓ କହିଛନ୍ତି। ସୂଚନାଯୋଗ୍ୟ, ଗତ ୭ ତାରିଖରେ ରାହୁଲ ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ କହିଥିଲେ, କର୍ନାଟକର ମହାଦେବପୁରା ନିର୍ବାଚନମଣ୍ଡଳୀରେ ବ୍ୟାପକ ଭୋଟ୍ ଚୋରି ହୋଇଥିଲା। ନକଲି ନାମ, ଜାଲ୍ ଠିକଣା ସମେତ ଗୋଟିଏ ଠିକଣାରେ ଏକାଧିକ ନାମ ପଞ୍ଜୀକରଣ ଜରିଆରେ ଲକ୍ଷାଧିକ ଭୋଟ ଚୋରି ହୋଇଥିବା ସେ ଅଭିଯୋଗ କରିଥିଲେ। ଶକୁନ ରାନି ନାମ୍ନୀ ୭୦ ବର୍ଷୀୟା ମହିଳା ଫାର୍ମ ୬'ର ଦୁରୁପଯୋଗ କରି ୨ ମାସରେ ୨ ଥର ନିଜକୁ ଭୋଟର ତାଲିକାରେ ପଞ୍ଜୀକୃତ କରାଇଥିଲେ। ତାଙ୍କ ଭୋଟର ପରିଚୟ ପତ୍ର ବ୍ୟବହାର କରି ୨ ଥର ଭୋଟ ଦିଆଯାଇଥିବା ରାହୁଲ ଅଭିଯୋଗ କରିଥିଲେ। ତେବେ ନିର୍ବାଚନ ଅଧିକାରୀ ତଥ୍ୟ ଯାଞ୍ଚ କରି ମହିଳା ଜଣକ ଗୋଟିଏ ଥର ଭୋଟ ଦେଇଥିବା ଜାଣିବାକୁ ପାଇଛନ୍ତି।

### ବିନା ନୋଟିସରେ ଚିଠା ଭୋଟର ତାଲିକାରୁ କୌଣସି ନାମ କଟାଯିବ ନାହିଁ

**ସୁପ୍ରିମକୋର୍ଟଙ୍କୁ ଜଣାଇଲେ ଇସି**

ନୂଆଦିଲ୍ଲୀ,୧୦।୮ (ପି.ଟି.)

ପୂର୍ବରୁ ନୋଟିସ ଦିଆ ନ ଯାଇ ବିହାରର ଚିଠା ଭୋଟର ତାଲିକାରୁ କୌଣସି ଭୋଟରଙ୍କ ନାମ କଟାଯିବ ନାହିଁ ବୋଲି ନିର୍ବାଚନ କମିଶନ (ଇସି) ସୁପ୍ରମକୋର୍ଟଙ୍କୁ ଜଣାଇଛନ୍ତି। ସେମାନଙ୍କୁ ଶୁଣାଣି ପାଇଁ ସୁଯୋଗ ଦିଆଯିବା ସହ ତର୍କଯୁକ୍ତ ନିର୍ଦ୍ଦେଶ ରହିବ ବୋଲି ଇସି କହିଛନ୍ତି। ଚିଠା ତାଲିକାରୁ ବାଦ୍ ପଡ଼ିଥିବା ଲୋକମାନଙ୍କର ଅଲଗା ତାଲିକା ପ୍ରକାଶନ ପାଇଁ ଆସୋସିଏଶନ୍ ଅଫ୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ଦାବି କରିଥିଲା ବେଳେ ଇସି ଏହାର ବିରୋଧ କରିଛନ୍ତି। ବାଦ୍ ପଡ଼ିଥିବା ଭୋଟରଙ୍କ ଅଲଗା ତାଲିକା ପ୍ରକାଶ କରିବାକୁ କୌଣସି ନିୟମ ନ ଥିବା ଇସି ଶନିବାର ସର୍ବୋଚ୍ଚ ଅଦାଲତଙ୍କୁ ସତ୍ୟପାଠ ଜରିଆରେ ଜଣାଇଛନ୍ତି। ବିହାର ଚିଠା ଭୋଟର ତାଲିକାରେ ୭.୨୪ କୋଟି ଭୋଟରଙ୍କ ନାଁ ଥିବାବେଳେ ୬୫ ଲକ୍ଷରୁ ଊର୍ଦ୍ଧ୍ୱ ନାମ ବାଦ୍ ପଡ଼ିଛି। ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଅନେକ ପିଟିଶନ ଦାଏର ହୋଇଥିବାବେଳେ ଆସନ୍ତା ମଙ୍ଗଳବାର ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଜୟମାଲା ବାଗ୍‌ଚୀ ଏହାର ଶୁଣାଣି କରିବେ।

### ଉପରାଷ୍ଟ୍ରପତି ନିର୍ବାଚନ: ମିଳିତ ପ୍ରାର୍ଥୀ ଦେବ ଇଣ୍ଡିଆ ବ୍ଲକ୍

ନୂଆଦିଲ୍ଲୀ,୧୦।୮

ଉପରାଷ୍ଟ୍ରପତି ନିର୍ବାଚନରେ ବିରୋଧୀ ଇଣ୍ଡିଆ ବ୍ଲକ୍ ମିଳିତ ପ୍ରାର୍ଥୀ ଦେବା ପାଇଁ ନିଷ୍ପତ୍ତି ନେଇଛି। ସମ୍ଭାବ୍ୟ ପ୍ରାର୍ଥୀଙ୍କ ନାମ ଉପରେ ଆଲୋଚନା କରି ସହମତିରେ ପହଞ୍ଚିବା ପାଇଁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସହଯୋଗୀ ଦଳଗୁଡ଼ିକର ନେତାଙ୍କ ସହ ଆଲୋଚନା କରିଛନ୍ତି। ଫଳାଫଳ ନିର୍ବିଶେଷରେ ଏକ ଦୃଢ଼ ରାଜନୈତିକ ବାର୍ତ୍ତା ପଠାଇବା ଲାଗି ଲଢ଼େଇରୁ ଦୂରେଇଯିବା ଉଚିତ ନୁହେଁ ବୋଲି ମତାମତ ପ୍ରକାଶ ପାଇଛି। ତେବେ ଏପର୍ଯ୍ୟନ୍ତ ଏନେଇ ଆନୁଷ୍ଠାନିକ ଆଲୋଚନା ହୋଇ ନ ଥିବାବେଳେ ସହଯୋଗୀଙ୍କ ମଧ୍ୟରେ ପଛଦ୍ୱାର ଆଲୋଚନା ଜାରି ରହିଛି। ମିଳିତ ମେଣ୍ଟକୁ ଉପସ୍ଥାପନ କରିବା ଲାଗି ଅଧିକାଂଶ ସଦସ୍ୟ ରାଜି ହୋଇଥିବାବେଳେ ଭାଜପା ପ୍ରାର୍ଥୀ ଘୋଷଣା କରିବା ପରେ ବିରୋଧୀ ପ୍ରାର୍ଥୀ ଦେବା ଠିକ୍ ହେବ ବୋଲି ବିରୋଧୀ ପକ୍ଷର କେତେଜଣ ଅନୁଭବ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ ନୈଶଭୋଜି ବୈଠକର ଆୟୋଜନ କରୁଛନ୍ତି, ଯେଉଁଥିରେ ୧୫ ବିରୋଧୀ ଦଳର ଶୀର୍ଷ ନେତାମାନେ ଯୋଗଦେବେ।

## ନେତାନ୍ୟାହୁଙ୍କ ଗାଜା ଦଖଲ ଯୋଜନା

# ଅଭୂତପୂର୍ବ ଉତ୍ତେଜନା

**୨୦୨୩ ଅକ୍ଟୋବର ୭ରୁ ଚାଲିଥିବା ଇସ୍ରାଏଲ୍-ହମାସ୍ ଯୁଦ୍ଧକୁ ୨ ବର୍ଷ ପୂରିବାକୁ ୨ ମାସରୁ କମ୍ ସମୟ ବାକି ରହିଛି। ଯୁଦ୍ଧାବସାନର ସଙ୍କେତ ଦିଶୁନାହିଁ, ସ୍ଥିତି ଅଧିକରୁ ଅଧିକ ସଙ୍ଗିନ ଆଡ଼କୁ ଗତି କରୁଛି। ଏହାରି ଭିତରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସମ୍ପୂର୍ଣ୍ଣ ଗାଜା ଷ୍ଟ୍ରିପ୍ ଦଖଲ ଯୋଜନା ଅଭୂତପୂର୍ବ ଉତ୍ତେଜନା ସୃଷ୍ଟି କରିଛି। ଏହି ପ୍ରସଙ୍ଗକୁ ନେଇ ସରକାର ଓ ସାମରିକ ନେତୃତ୍ୱ ମଧ୍ୟରେ ମତଭେଦ ବଢ଼ିବାରେ ଲାଗିଛି। ହମାସ୍ କବ୍‌ଜାରେ ଥିବା ପ୍ରାୟ ୫୦ ପଣବନ୍ଦୀଙ୍କ ମୁକ୍ତି ପାଇଁ ତେଲ୍‌ଆଭିଭରେ ଲକ୍ଷାଧିକ ଲୋକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନେତାନ୍ୟାହୁ ସରକାରଙ୍କ ନିଷ୍ପତ୍ତିକୁ ପାରମ୍ପରିକ ସହଯୋଗୀ ରାଷ୍ଟ୍ରଗୁଡ଼ିକ ମଧ୍ୟ ବିରୋଧ କଲେଣି। ଫଳରେ ଇସ୍ରାଏଲ୍‌ର ଅନ୍ତର୍ଜାତୀୟ ବିଶ୍ୱସନୀୟତା ପ୍ରତି ସଙ୍କଟ ଦେଖାଦେଇଛି। ଏଭଳି ସ୍ଥିତିରେ ଯୁଦ୍ଧ ଏକ ନୂଆ ପର୍ଯ୍ୟାୟକୁ ପ୍ରବେଶ କରୁଥିବା ଦେଖି ଜାତିସଂଘ ସ୍ଥାୟୀ ଅସ୍ତ୍ରବିରତି ପାଇଁ ଉଭୟ ପକ୍ଷଙ୍କୁ ପରାମର୍ଶ ଦେବା ସହ ଗାଜାର ସଶସ୍ତ୍ର ଶାସକ ହମାସ୍ ପଣବନ୍ଦୀମାନଙ୍କୁ ତୁରନ୍ତ ମୁକ୍ତ କରିବା ଉଚିତ ବୋଲି କହିଛି।**



ବେଞ୍ଜାମିନ୍ ନେତାନ୍ୟାହୁ

ତେଲ୍‌ଆଭିଭ/ଗାଜା ସିଟି,୧୦।୮

ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ଗତ ୨୨ ମାସ ମଧ୍ୟରେ ଗାଜା ଷ୍ଟ୍ରିପ୍‌ର ପ୍ରାୟ ୭୫ ଭାଗ ଦଖଲ କରିସାରିଲାଣି। ଅବଶିଷ୍ଟ ୨୫% ଅଞ୍ଚଳ ଅକ୍ତିଆର କରି ସମ୍ପୂର୍ଣ୍ଣ ଗାଜା ଦଖଲ କରିବା ପାଇଁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଉଦ୍ୟମ ଆରମ୍ଭ କରିଛନ୍ତି। ନେତାନ୍ୟାହୁ ଏନେଇ ରବିବାର ଜେରୁଜେଲମ୍‌ରେ ବିଦେଶୀ ଗଣମାଧ୍ୟମକୁ ସମ୍ବୋଧିତ କରି କହିଛନ୍ତି, ତାଙ୍କ ପାଖରେ ହମାସ୍‌କୁ ସମ୍ପୂର୍ଣ୍ଣ ପରାସ୍ତ କରି କାର୍ଯ୍ୟ ଶେଷ କରିବା ବ୍ୟତୀତ ଅନ୍ୟ କିଛି ବିକଳ୍ପ ନାହିଁ। ଗାଜାକୁ ଦଖଲ କରିବା ତାଙ୍କ ଲକ୍ଷ୍ୟ ନୁହେଁ। ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ଗାଜାକୁ ମୁକ୍ତ କରିବା। ନେତାନ୍ୟାହୁଙ୍କୁ ଦେଶବିଦେଶରୁ କରାଯାଉଥିବା ସମାଲୋଚନାକୁ ସେ 'ମିଛର ଏକ ବୈଶ୍ୱିକ ଅଭିଯାନ' ବୋଲି ଅଭିହିତ କରିଛନ୍ତି। ନାଗରିକଙ୍କ ମୃତ୍ୟୁ, ଧ୍ୱଂସଲୀଳା ଓ ସହାୟତା ନିଅଣ୍ଟ ପାଇଁ ସେ ପୁଣି ହମାସ୍‌କୁ ଦାୟୀ କରିଛନ୍ତି। ଏଥିସହ ଗାଜାର ବେସାମରିକକରଣ ଦ୍ୱାରା ହିଁ ସବୁ ସମସ୍ୟାର ସମାଧାନ ସମ୍ଭବ ବୋଲି କହିଛନ୍ତି।

ଇସ୍ରାଏଲୀ ମିଡିଆ ରିପୋର୍ଟ ଅନୁସାରେ ନେତାନ୍ୟାହୁଙ୍କ ଗାଜା ଦଖଲ ଯୋଜନା ଯୋଗୁ ଯୁଦ୍ଧ ଆହୁରି ଭୟାବହ ହୋଇପାରେ ବୋଲି ଆଇଡିଏଫ୍‌ର ଶୀର୍ଷ ଅଧିକାରୀମାନେ ଆଶଙ୍କା କରି ଏଥିରେ ରାଜି ହେଉନାହାନ୍ତି। ତେଣୁ ସାମରିକ ନେତୃତ୍ୱ ଓ ସରକାର ମଧ୍ୟରେ ଫାଟ ବଢ଼ିବାରେ ଲାଗିଛି। ପ୍ରଧାନମନ୍ତ୍ରୀଙ୍କ ଏହି ପ୍ଲାନ୍‌କୁ ସୁରକ୍ଷା କ୍ୟାବିନେଟ ମଞ୍ଜୁରୀ ଦେଇସାରିଥିବାବେଳେ ପୂର୍ଣ୍ଣ କ୍ୟାବିନେଟ୍ ଖୁବ୍‌ଶୀଘ୍ର ଅନୁମୋଦନ କରିପାରେ ବୋଲି କୁହାଯାଉଛି। ଇତିମଧ୍ୟରେ ହମାସ୍ କବଳରେ ଥିବା ୫୦ରୁ ଊର୍ଦ୍ଧ୍ୱ ପଣବନ୍ଦୀଙ୍କ ପରିବାର ସମେତ ଦେଶବାସୀ ରାସ୍ତାକୁ ଓହ୍ଲାଇଛନ୍ତି। ତେଲ୍‌ଆଭିଭରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀ ତୁରନ୍ତ ସାମରିକ ଅଭିଯାନ ବନ୍ଦ ସହ ପଣବନ୍ଦୀଙ୍କୁ ମୁକ୍ତି କରାଇ ଫେରାଇ ଆଣିବାକୁ ଦାବି କରିଛନ୍ତି। ଏହା ଉପରେ ନେତାନ୍ୟାହୁ କହିଛନ୍ତି, ସାମରିକ ଅଭିଯାନ ବ୍ୟାପକ ହେଲେ ଅବଶିଷ୍ଟ ପଣବନ୍ଦୀଙ୍କୁ ମୁକୁଳାଇବା ସହଜ ହେବ। ଜର୍ମାନୀ, ବ୍ରିଟେନ୍ ଓ ଫ୍ରାନ୍ସ ପକ୍ଷରୁ ଏକ ମିଳିତ ବିବୃତି ଜାରି କରାଯାଇ ଇସ୍ରାଏଲ୍‌ର ସାମରିକ ଅଭିଯାନକୁ ଏଥିରେ ପ୍ରତ୍ୟାଖ୍ୟାନ କରାଯାଇଛି। ଏହାଦ୍ୱାରା ପଣବନ୍ଦୀଙ୍କ ଜୀବନ ପ୍ରତି ଅଧିକ ବିପଦ ସୃଷ୍ଟି ହେବା ସହ ମାନବୀୟ ସଙ୍କଟ ଏବଂ ବିସ୍ଥାପନ ବୃଦ୍ଧି ପାଇବ ବୋଲି ୩ ଦେଶ କହିଛନ୍ତି। ସେହିପରି ଗାଜାକୁ ଇସ୍ରାଏଲ୍ ସହ ମିଶ୍ରଣ କରାଇବା ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ ବୋଲି ଏଥିରେ କୁହାଯାଇଛି। ସାମ୍ପ୍ରତିକ ସ୍ଥିତିକୁ ଗାଜା କର୍ତ୍ତୃପକ୍ଷ 'ଅଭୂତପୂର୍ବ ଉତ୍ତେଜନା' ବୋଲି ଅଭିହିତ କରିବା ସହ ଇସ୍ରାଏଲ୍‌କୁ ନିଜ ଯୋଜନାରୁ କ୍ଷାନ୍ତ ରହିବାକୁ କହିଛନ୍ତି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ 'X' ରେ କହିଛନ୍ତି, ଇସ୍ରାଏଲ୍ ଗାଜା ଆଡ଼କୁ ଅଗ୍ରସର ହେଲେ ଆହୁରି ବହୁ ପାଲେଷ୍ଟିନୀୟଙ୍କ ଜୀବନହାନି ହେବା ସହ ବିସ୍ଥାପିତଙ୍କ ସଂଖ୍ୟା ବହୁଗୁଣିତ ହେବ। ଗାଜାର ପାଲେଷ୍ଟିନୀୟ ଜନସଂଖ୍ୟା ଅକଳ୍ପନୀୟ ଦୁର୍ଦ୍ଦଶା ଭୋଗିବ। ଅତି ବିପଜ୍ଜନକ ସ୍ଥିତି ଉପୁଜିବା ପୂର୍ବରୁ ସମ୍ପୂର୍ଣ୍ଣ ଯୁଦ୍ଧ ବନ୍ଦ କରାଯାଉ। ହମାସ୍ ମଧ୍ୟ ତୁରନ୍ତ ସମସ୍ତ ପଣବନ୍ଦୀଙ୍କୁ ନିଃସର୍ତ୍ତ ମୁକ୍ତ କରୁ।




ପଣବନ୍ଦୀଙ୍କ ମୁକ୍ତି ପାଇଁ ତେଲ୍‌ଆଭିଭରେ ଇସ୍ରାଏଲୀଙ୍କ ବିକ୍ଷୋଭ।

- ■ସରକାର-ସେନା ମତଭେଦ ବଢ଼ିଲା
- ■ଇସ୍ରାଏଲ୍ ପାଇଁ ଅନ୍ତର୍ଜାତୀୟ ବିଶ୍ୱସନୀୟତା ସଙ୍କଟ
- ■ତେଲ୍‌ଆଭିଭରେ ଲକ୍ଷାଧିକ ଲୋକଙ୍କ ବିକ୍ଷୋଭ
- ■ସ୍ଥାୟୀ ଅସ୍ତ୍ରବିରତି, ପଣବନ୍ଦୀଙ୍କ ନିଃସର୍ତ୍ତ ମୁକ୍ତି ପାଇଁ ଜାତିସଂଘର ପରାମର୍ଶ

## ଛୁଟି ନେଇ ରାୟ ଲେଖ

**ଝାଡ଼ଖଣ୍ଡ ହାଇକୋର୍ଟ ବିଚାରପତିଙ୍କୁ କହିଲେ ସୁପ୍ରିମକୋର୍ଟ**

ନୂଆଦିଲ୍ଲୀ, ୧୦।୮

ସୁପ୍ରିମକୋର୍ଟ ଶନିବାର ଏକ ପିଟିଶନ୍‌ର ଶୁଣାଣିକରି ଝାଡ଼ଖଣ୍ଡ ହାଇକୋର୍ଟରେ ବିଚାରାଧୀନ ଅନେକ ମାମଲାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶୁଣାଣି ବେଳେ ସୁପ୍ରିମକୋର୍ଟ କହିଛନ୍ତି, ଝାଡ଼ଖଣ୍ଡ ହାଇକୋର୍ଟରେ ବିଚାରପତିମାନେ ସେମାନଙ୍କର ମଞ୍ଜୁରୀପ୍ରାପ୍ତ ଛୁଟି ନେଇ ବିଚାରାଧୀନ ଥିବା ମାମଲାଗୁଡ଼ିକର ରାୟ ଲେଖନ୍ତୁ। ଝାଡ଼ଖଣ୍ଡ ହାଇକୋର୍ଟଙ୍କ ନିକଟରେ ଏପରି ଏକାଧିକ ଡଜନ ମାମଲା ପଡ଼ିରହିଛି, ଯାହାର ଶୁଣାଣି ସମାପ୍ତ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ରାୟ ପ୍ରକାଶ ପାଇନାହିଁ। ଝାଡ଼ଖଣ୍ଡର ଦୁର୍ଗମ ଆଦିବାସୀ ଅଞ୍ଚଳରେ ହୋମଗାର୍ଡ ନିଯୁକ୍ତି ସମ୍ପର୍କିତ ଆବେଦନଗୁଡ଼ିକର ଶୁଣାଣି ବେଳେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ଟିପ୍ପଣୀ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଝାଡ଼ଖଣ୍ଡ ହାଇକୋର୍ଟଙ୍କ ନିକଟରେ ଏପରି ୬୧ ମାମଲା ରହିଛି, ଯାହାର ରାୟକୁ ସଂରକ୍ଷିତ କରି ରଖାଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ରାୟର ଘୋଷଣା କରାଯାଇନାହିଁ। ହାଇକୋର୍ଟଙ୍କ ପକ୍ଷ ରଖୁଥିବା ବରିଷ୍ଠ ଓକିଲ ଅଜିତ ସିହ୍ନାଙ୍କୁ ଖଣ୍ଡପୀଠ କହିଛନ୍ତି, ସମ୍ପ୍ରତିବିଚାରପତିମାନଙ୍କ ନିକଟରେ ଅନେକ ଛୁଟି ପଡ଼ି ରହିଥାଏ। ତେଣୁ ୧୦ରୁ ୧୨ ସପ୍ତାହର ମଞ୍ଜୁରୀପ୍ରାପ୍ତ ଛୁଟି ନେଇ ଦୀର୍ଘଦିନ ହେବ ବିଚାରାଧୀନ ଥିବା ମାମଲାଗୁଡ଼ିକର ରାୟ ଲେଖିବାକୁସେମାନଙ୍କୁ କୁହନ୍ତୁ। ଲୋକେ ତୁରନ୍ତ ରାୟ ଚାହାଁନ୍ତି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

## ନାଶିକ୍‌ରେ ନକଲି କଲ୍ ସେଣ୍ଟର ଠାବ

**ଆମେରିକା, କାନାଡା ନାଗରିକଙ୍କୁ ଟାର୍ଗେଟ କରାଯାଉଥିଲା**

ମୁମ୍ବାଇ,୧୦।୮

ମହାରାଷ୍ଟ୍ରର ନାଶିକ୍ ଅନ୍ତର୍ଗତ ଇଗତପୁରୀରୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏକ ସାଇବର ଠକେଇ ର୍‍ୟାକେଟ୍‌ର ପର୍ଦ୍ଦାଫାଶ୍ କରିଛି। ଜାଲ୍ ଆମାଜନ ସପୋର୍ଟ କଲ୍ ସେଣ୍ଟର ଚଳାଇଥିବା ୫ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ଆମେରିକା, କାନାଡା ଏବଂ ଅନ୍ୟ ଦେଶର ନାଗରିକମାନଙ୍କୁ ଟାର୍ଗେଟ କରୁଥିଲେ। ଏନେଇ ମୁମ୍ବାଇର ୬ ଜଣଙ୍କ ସମେତ କେତେଜଣ ଅଜଣା ବ୍ୟକ୍ତି ଓ ବ୍ୟାଙ୍କ ଅଫିସରଙ୍କ ନାମରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ନିଜକୁ ଆମାଜନ କଷ୍ଟମର ସର୍ଭିସ୍ ଏଜେଣ୍ଟ ପରିଚୟ ଦେଇ ବିଦେଶୀମାନଙ୍କୁ ଠକୁଥିଲେ। ଗିଫ୍ଟ କାର୍ଡ କିମ୍ବା କ୍ରିପ୍ଟୋକରେନ୍ସି ପଠାଇବା ପାଇଁ ସେମାନେ ବିଦେଶୀଙ୍କୁ ଫିସିଂ କଲ୍ କରି ଠକୁଥିଲେ। ଉକ୍ତ କଲ୍ ସେଣ୍ଟରରେ ଡାଏଲର, ଭେରିଫାୟର, କ୍ଲୋଜର ଆଦି ବିଭିନ୍ନ ପଦବୀରେ ୬୦ ଜଣ ନିଯୁକ୍ତ ଥାଇ ଦୁର୍ନୀତି ଚଳାଇଥିଲେ। ସିବିଆଇ ଟିମ୍ ଚଢ଼ାଉ କଲାବେଳେ ୬୨ ଜଣଙ୍କୁ ଧରିଥିଲା। ଚଢ଼ାଉ ସମୟରେ ୪୪ଟି ଲାପଟପ୍, ୭୧ଟି ମୋବାଇଲ୍ ଫୋନ୍ ଏବଂ ଅପରାଧ ସମ୍ପର୍କିତ ଡିଜିଟାଲ ପ୍ରମାଣପତ୍ର ଜବତ ହୋଇଛି। ଏହା ବ୍ୟତୀତ ୧.୨ କୋଟି ନଗଦ ଟଙ୍କା, ୫୦୦ ଗ୍ରାମ ସୁନା, ୭ଟି ଦାମୀ କାର୍ ଓ ୧.୨୬ ଲକ୍ଷ ଟଙ୍କାର ଗିଫ୍ଟ କାର୍ଡ ଜବତ ହୋଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଓ ଅର୍ଥ କାରବାରର ଚେର କେଉଁ ଆଡ଼କୁ ଯାଇଛି, ତାହା ଜାଣିବା ପାଇଁ ସିବିଆଇ ତଦନ୍ତ ଚଳାଇଛି।

## ବେଙ୍ଗାଲୁରୁ ମେଟ୍ରୋର ୟେଲୋ ଲାଇନ୍ ଉଦ୍‌ଘାଟିତ

ବେଙ୍ଗାଲୁରୁ,୧୦।୮


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ବହୁପ୍ରତୀକ୍ଷିତ ବେଙ୍ଗାଲୁରୁ ମେଟ୍ରୋ ରେଳର 'ୟେଲୋ ଲାଇନ୍'କୁ ଉଦ୍‌ଘାଟନ କରିଛନ୍ତି। ସହରର ଆଇଟି ହବ୍‌କୁ ସଂଯୋଗ କରୁଥିବା ଅଧିକାଂଶ ଗହଳି କରିଡରଗୁଡ଼ିକର ଭିଡ଼ କମ୍ କରିବାରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆର୍.ଭି. ରୋଡ୍ (ରାଗିଗୁଡ୍ଡା)ରୁ ଇଲେକ୍ଟ୍ରୋନିକ୍ ସିଟି ମେଟ୍ରୋ ଷ୍ଟେଶନ ପର୍ଯ୍ୟନ୍ତ ମେଟ୍ରୋରେ ଯାତ୍ରା କରିବା ସହ ସହଯାତ୍ରୀ ଛାତ୍ରୀଛାତ୍ରଙ୍କ ସହ କଥା ହୋଇଥିଲେ। ୭,୧୬୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଆର୍‌ଭି ରୋଡରୁ ବେଙ୍ଗାଲୁରୁ ମେଟ୍ରୋ ଫେଜ୍-୨ ପ୍ରକଳ୍ପର ବୋମ୍ମାସାଣ୍ଡ୍ରା ପର୍ଯ୍ୟନ୍ତ ୧୯ କିଲୋମିଟର ମଧ୍ୟରେ ୧୬ଟି ଷ୍ଟେଶନ ରହିଛି। ୟେଲୋ ଲାଇନ୍ ଉଦ୍‌ଘାଟନ ସହ ବେଙ୍ଗାଲୁରୁରେ ମେଟ୍ରୋ ରେଳ ନେଟ୍‌ୱାର୍କ ୯୬ କିଲୋମିଟରକୁ ବୃଦ୍ଧି ପାଇଛି। ୟେଲୋ ଲାଇନ୍ ପାଇଁ ୩ଟି ଟ୍ରେନ୍ ପହଞ୍ଚିଥିବାବେଳେ ମାସକ ମଧ୍ୟରେ ଆଉ ଏକ ଟ୍ରେନ୍ ଚାଲିବ ବୋଲି କର୍ନାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର କହିଥିଲେ। ଏଥିସହିତ ପ୍ରଧାନମନ୍ତ୍ରୀ କେଏସ୍‌ଆର୍ ବେଙ୍ଗାଲୁରୁ ଓ ବେଲାଗାଭି ମଧ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ କର୍ନାଟକ ରାଜ୍ୟପାଳ ଥାୱରଚନ୍ଦ ଗେହଲଟ୍, ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, କେନ୍ଦ୍ରମନ୍ତ୍ରୀ ମନୋହରଲାଲ୍ ଖଟ୍ଟର, ଶୋଭା କରନ୍ଦଲାଜେ, ଏବଂ ଉପମୁଖ୍ୟମନ୍ତ୍ରୀ ଶିବକୁମାର ପ୍ରମୁଖ ଯୋଗଦେଇଥିଲେ।



ବେଙ୍ଗାଲୁରୁ ମେଟ୍ରୋ ରେଳ ନେଟ୍‌ୱର୍କର ଲୋକାର୍ପଣ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଲାଙ୍କ ସହ କଥା ହେଉଛନ୍ତି। ପାଖରେ ଅଛନ୍ତି କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଓ କେନ୍ଦ୍ରମନ୍ତ୍ରୀ ମନୋହରଲାଲ ଖଟ୍ଟର।

## 'ସବ୍‌କେ ବସ୍' ଭାରତର ଅଭିବୃଦ୍ଧିକୁ ଗ୍ରହଣ କରିପାରୁନାହାନ୍ତି: ରାଜନାଥ

ଭୋପାଳ,୧୦।୮



ରାଜନାଥ ସିଂ

ଭାରତର ଦ୍ରୁତ ଅଭିବୃଦ୍ଧିରେ ବୈଶ୍ୱିକ ଶକ୍ତିଗୁଡ଼ିକ ଈର୍ଷାନ୍ୱିତ ବୋଲି ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆମେରିକା ଟାରିଫ୍‌କୁ କଡ଼ା ସମାଲୋଚନା କରି କହିଛନ୍ତି। ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ 'ସବ୍‌କା ବସ୍' ଶବ୍ଦ ବ୍ୟବହାର କରି କହିଛନ୍ତି। ଭାରତକୁ ମହାଶକ୍ତିହେବାରୁକେହିଅଟକାଇପାରିବେ ନାହିଁ, ଏହା ତାଙ୍କର ଦୃଢ଼ ତଥା ସ୍ପଷ୍ଟ ବାର୍ତ୍ତା ବୋଲି ରାଜନାଥ କହିଛନ୍ତି।

ଭାରତର ଅଭିବୃଦ୍ଧିକୁ ଗ୍ରହଣ କରିବାକୁ କେତେଜଣ ଲୋକ ଅସମର୍ଥ। ସେମାନେ ଏହାକୁ ହଜମ କରିପାରୁ ନାହାନ୍ତି। 'ମୁଁ ତ ସମସ୍ତଙ୍କର ବସ୍, ଭାରତ କିପରି ଏତେ ଦ୍ରୁତ ଅଭିବୃଦ୍ଧି କରୁଛି' ବୋଲି ସେମାନେ କହୁଥିବା ଟ୍ରମ୍ପଙ୍କୁ ଲକ୍ଷ୍ୟ କରି ରାଜନାଥ କହିଛନ୍ତି। ଭାରତର ଅର୍ଥନୀତିକୁ କ୍ଷତି ପହଞ୍ଚାଇବା ଏବଂ ଭାରତ ପ୍ରସ୍ତୁତ ରପ୍ତାନି ସାମଗ୍ରୀକୁ ଅଧିକ ମହଙ୍ଗା କରିବାକୁ ଉଦ୍ୟମ ହେଉଛି। ମଧ୍ୟପ୍ରଦେଶରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଭାରତ ପ୍ରସ୍ତୁତ ସାମଗ୍ରୀକୁ ଅନ୍ୟ ଦେଶ ପାଇଁ ମହଙ୍ଗା କରି ଲୋକମାନଙ୍କୁ ଏହାଠାରୁ ଦୂରେଇ ରଖିବାକୁ ଉଦ୍ୟମ ହେଉଛି। ତେବେ ଭାରତ ଯେଉଁ ହାରରେ ଅଭିବୃଦ୍ଧି କରୁଛି, ଏହାକୁ ମହାଶକ୍ତି ହେବାରେ ବିଶ୍ୱର କୌଣସି ଶକ୍ତି ଅଟକାଇପାରିବ ନାହିଁ, ଏହା ମୁଁ ଦୃଢ଼ତାର ସହ କହିପାରେ। ରୁଷିଆରୁ ତୈଳ କିଣୁଥିବା ଭାରତ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ୍ ଲଗାଇଛି, ଯାହାକି ଅନୁଚିତ ଏବଂ ଅକାରଣ। ରାଇସେନ ଜିଲାର ଉମାରିଆ ଗ୍ରାମରେ ଭାରତ ଆର୍ଥ ମୁଭର୍ସ ଲିଃ (ବିଇଏମ୍‌ଏଲ୍)ର 'ବ୍ରହ୍ମା' ରେଲ୍ ହବ୍ ଫର୍ ମାନୁଫ୍ୟାକ୍ଚରିଂ ଉଦ୍‌ଘାଟନ କରିବା ଅବସରରେ ରାଜନାଥ ଅପରେଶନ ସିନ୍ଦୂର କଥା କହିଥିଲେ। ଭାରତକୁ ଆତ୍ମନିର୍ଭର କରିବା ଦିଗରେ ସରକାର ଉଦ୍ୟମ ଜାରି ରଖିଛନ୍ତି। ଅପରେଶନ ସିନ୍ଦୂରରେ ଭାରତୀୟ ସେନା ସ୍ୱଦେଶୀ ଯୁଦ୍ଧ ସରଞ୍ଜାମ ବ୍ୟବହାର କରିଥିଲା, ଯାହା ଏହି ଅଭିଯାନକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲା ବୋଲି ରାଜନାଥ କହିଛନ୍ତି।

## ନକଲି ଥାନା: ୱେବ୍‌ସାଇଟ ଦେଖାଇ ଚାନ୍ଦା ମାଗୁଥିଲେ

ନଏଡ଼ା, ୧୦।୮

ଉତ୍ତରପ୍ରଦେଶର ନଏଡ଼ାରେ ଇଣ୍ଟରନ୍ୟାଶ୍‌ନାଲ ପୋଲିସ ଆଣ୍ଡ୍ କ୍ରାଇମ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ ନାମରେ ଏକ ନକଲି କାର୍ଯ୍ୟାଳୟ ଚାଲୁଥିଲା। ଉକ୍ତ କାର୍ଯ୍ୟାଳୟ ମାଧ୍ୟମରେ ଜନସାଧାରଣଙ୍କଠାରୁ ଚାନ୍ଦା ଆଦାୟ କରୁଥିବା ୬ ଅଭିଯୁକ୍ତଙ୍କୁ ଗୌତମ ବୁଦ୍ଧ ନଗର ପୋଲିସ ଗିରଫ କରିଛି। ଶନିବାର ବିଳମ୍ବିତ ରାତିରେ ନଏଡା ସେକ୍ଟର-୭୦ସ୍ଥିତ ବିଏସ୍-୧୩୬ ଠିକଣାରେ ପୋଲିସ ପହଞ୍ଚି ଏହି ନକଲି କାର୍ଯ୍ୟାଳୟରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଅନେକ ନକଲି ପରିଚୟପତ୍ର, ନକଲି ପ୍ରମାଣପତ୍ର, ଚେକ୍ ବୁକ୍, ଏଟିଏମ୍ କାର୍ଡ, ଭିଜିଟିଂ କାର୍ଡ, ସାଇନ୍‌ବୋର୍ଡ, ମୋବାଇଲ ଫୋନ୍ ଏବଂ ନଗଦ ୪୨,୩୦୦ ଟଙ୍କା ଜବତ କରାଯାଇଥିବା ସେ କହିଛନ୍ତି। ଅଭିଯୁକ୍ତମାନେ ପୋଲିସର ପରିଚୟ, ଜାଲ ପରିଚୟପତ୍ର ଏବଂ ବିଭିନ୍ନ ମନ୍ତ୍ରଣାଳୟର ଜାଲ କାଗଜପତ୍ରକୁ ବ୍ୟବହାର କରି ଲୋକଙ୍କଠାରୁ ଚାନ୍ଦା ଆଦାୟ କରି, ସେମାନଙ୍କୁ ଠକୁଥିଲେ। ସେମାନେ ଉକ୍ତ ନକଲି ପୋଲିସ ଷ୍ଟେଶନକୁ ଏକ ପ୍ରକୃତ ସରକାରୀ ସଂସ୍ଥାର କାର୍ଯ୍ୟାଳୟ ଭାବେ ସ୍ଥାପନ କରିଥିଲେ। ସେଠାରେ ପୋଲିସ ଲୋଗୋ ସମେତ ବିଭିନ୍ନ ମନ୍ତ୍ରଣାଳୟ ନାମରେ ନକଲି ପ୍ରମାଣପତ୍ରକୁ ପ୍ରଦର୍ଶନ କରାଯାଇଥିଲା। ଅଭିଯୁକ୍ତମାନେ ନିଜକୁ ଏକ ଅନ୍ତର୍ଜାତୀୟ ତଦନ୍ତକାରୀ ସଂସ୍ଥାର ସଦସ୍ୟ ଭାବେ ପରିଚୟ ଦେଇ ଲୋକଙ୍କଠାରୁ ଚାନ୍ଦା ଆଦାୟ କରୁଥିଲେ। ସେମାନେ www.intlpcrib.in ନାମରେ ଏକ ୱେବ୍‌ସାଇଟ ତିଆରି କରିଥିଲେ ଏବଂ ଉକ୍ତ ୱେବ୍‌ସାଇଟ ମାଧ୍ୟମରେ ଲୋକଙ୍କଠାରୁ ଚାନ୍ଦା ସଂଗ୍ରହ କରୁଥିଲେ। କିଛିଦିନ ତଳେ ଉକ୍ତ ନକଲି କାର୍ଯ୍ୟାଳୟକୁ ଭଡ଼ାରେ ନିଆଯାଇଥିଲା ଏବଂ ଏହା ମାତ୍ର ୧୦ ଦିନ ପର୍ଯ୍ୟନ୍ତ ସକ୍ରିୟ ରହିଥିଲା। ଘଟଣାକୁ ନେଇ ପୋଲିସର ତଦନ୍ତ ଜାରି ରହିଛି।




## ଟ୍ରୋଲ୍ ହେଲେ ଅଲ୍ଲୁ

ମୁମ୍ବାଇ



ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ମୁମ୍ବାଇ ଏୟାରପୋର୍ଟରେ ଜଣେ ସୁରକ୍ଷା ଅଧିକାରୀଙ୍କ ସହ ଯୁକ୍ତିତର୍କ କରୁଥିବାର ନଜରକୁ ଆସିଛନ୍ତି। ଅଲ୍ଲୁଙ୍କ ଏପରି ବ୍ୟବହାରକୁ ନେଇ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ତାଙ୍କୁ ଟ୍ରୋଲ୍ କରିଛନ୍ତି। ଅଲ୍ଲୁ ଶନିବାର ମୁମ୍ବାଇ ଏୟାରପୋର୍ଟରେ ପହଞ୍ଚିବା ପରେ ଏଣ୍ଟ୍ରି ଗେଟ୍ ନିକଟରେ ନିୟୋଜିତ ଥିବା ଜଣେ ସିଆଇଏସ୍‌ଏଫ୍ ଅଧିକାରୀ ସେ ପିନ୍ଧିଥିବା ମାସ୍କକୁ ହଠାଇବା ପାଇଁ କହିଥିଲେ। ଅଲ୍ଲୁଙ୍କ ପାସ୍‌ପୋର୍ଟରେ ଲାଗିଥିବା ଫଟୋ ଓ ତାଙ୍କ ଚେହେରାକୁ ମିଳାଇବା ପାଇଁ ସୁରକ୍ଷା ଅଧିକାରୀ ଜଣକ ଅଲ୍ଲୁଙ୍କୁ ମାସ୍କ ହଟାଇବା ପାଇଁ କହିଥିଲେ। ତେବେ ଅଲ୍ଲୁ ଏପରି ନ କରି ସିଆଇଏସ୍‌ଏଫ୍ ଅଧିକାରୀଙ୍କ ସହ ଯୁକ୍ତିତର୍କ କରୁଥିବା ନେଇ ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଅଲ୍ଲୁଙ୍କୁ ଟ୍ରୋଲ୍ କରିଛନ୍ତି। ଏୟାରପୋର୍ଟର ନିୟମ ସମସ୍ତଙ୍କ ପାଇଁ ସମାନ। ତେଣୁ ତାରକାମାନେ ମଧ୍ୟ ସାଧାରଣ ଲୋକଙ୍କ ପରି ଏୟାରପୋର୍ଟର ନିୟମକୁ ପାଳନ କରିବା ଉଚିତ ବୋଲି ବହୁ ୟୁଜର୍ସ କହିଛନ୍ତି।

# ଗିରଫ ପରେ ଜେଲଗଲେ ପୁରୁଷବନ୍ଧୁ ପ୍ରମୋଦ

ପଟ୍ଟାମୁଣ୍ଡାଇ, ୧୦।୮ (କଳ୍ପତରୁ ନାୟକ)



ଗିରଫ ପ୍ରମୋଦ ବେହେରା।



ପ୍ରମୋଦଙ୍କ ଗିରଫ ପ୍ରତିବାଦରେ ମହିଳାମାନେ ରବିବାର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଘେରାଉ କରିଛନ୍ତି।

## ପଟ୍ଟାମୁଣ୍ଡାଇ ଛାତ୍ରୀ ପୋଡ଼ି ମୃତ୍ୟୁ ଘଟଣା

- ପ୍ରମୋଦଙ୍କ ମୋବାଇଲରୁ ମିଳିଛି ଅଶ୍ଳୀଳ ଭିଡିଓ, ଫଟୋ
- ଗିରଫ ପ୍ରତିବାଦରେ ଗ୍ରାମାଞ୍ଚଳ ଥାନା ଘେରାଉ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗ୍ରାମର ଗତ ୬ ତାରିଖରେ ଯୁକ୍ତ୩ ଛାତ୍ରୀ ସଙ୍ଗୀତା ପରିଡ଼ାଙ୍କ ପୋଡ଼ି ହୋଇ ମୃତ୍ୟୁ ଘଟଣାରେ ଜିଲା ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଘଟଣାର ୫ମ ଦିନରେ ଥାନା ଅନ୍ତର୍ଗତ ବିଲିକଣା ପଞ୍ଚାୟତ ତେରୋହୀ ଗ୍ରାମର ପୁରୁଷବନ୍ଧୁ ପ୍ରମୋଦ ବେହେରାଙ୍କୁ ରବିବାର ପୋଲିସ ଗିରଫ କରିଛି। ସଙ୍ଗୀତାଙ୍କ ବାପା ଶଶିକାନ୍ତ ଘଟଣାର ୪ ଦିନ ପରେ ଶନିବାର ଦ୍ୱିତୀୟ ଥର ପାଇଁ ଦେଇଥିବା ଏତଲାରେ ପ୍ରମୋଦଙ୍କ ନାମରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଭାରତୀୟ ନ୍ୟାୟ ସଂହିତା ୨୯୬, ୭୫, ୭୮, ୧୦୮, ୬୬ ଇ, ୬୭ ଏ ପରି ଦଫା ଲଗାଇ ନଂ. ୨୮୪/୨୫ରେ ମାମଲା ରୁଜୁ କରିଥିଲା। ପ୍ରମୋଦଙ୍କ ଗିରଫ ସମ୍ପର୍କରେ ଏସ୍‌ପି ସିଦ୍ଧାର୍ଥ କାଟାରିଆ ଖବରଦାତା ସମ୍ମିଳନୀ କରି କହିଛନ୍ତି, ତଦନ୍ତ ସମୟରେ ତାଙ୍କ ମୋବାଇଲରୁ ସଙ୍ଗୀତାଙ୍କ ୬୦ଟି ଅଶ୍ଳୀଳ ଭିଡିଓ ଓ ଫଟୋ ମିଳିଛି। ଜୁଲାଇ ୧୭ ତାରିଖରେ ଏପରି ଭିଡିଓ ସଙ୍ଗୀତାଙ୍କ ବାପାଙ୍କ ମୋବାଇଲକୁ ପ୍ରମୋଦ ପଠାଇଥିଲେ। ସେହିପରି ଏହି ଭିଡିଓ ଭାଇରାଲ ପାଇଁ ୨ଜଣଙ୍କ ନିକଟକୁ ପଠାଯାଇଛି। ସଙ୍ଗୀତାଙ୍କ ମୃତ୍ୟୁ ପୂର୍ବରୁ ସେ ପ୍ରମୋଦଙ୍କ ସହ ମୋବାଇଲ ଫୋନରେ କଥା ହୋଇଥିଲେ। ତେବେ ତାଙ୍କ ମୃତ୍ୟୁ ସମ୍ପର୍କରେ ତଦନ୍ତ ଜାରି ରହିଛି। ତଦନ୍ତ ସମୟରେ ପାଖ ପଡ଼ିଶାଙ୍କ ସିସିଟିଭିରୁ କେତେକ ସୂଚନା ମଧ୍ୟ ମିଳିଛି। ପ୍ରମୋଦଙ୍କ ଗିରଫ ପରେ ପଟ୍ଟାମୁଣ୍ଡାଇ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାର ସମସ୍ତ ତଥ୍ୟ ପରେ ଉତଥାପନର ହେବ। ସେତେବେଳ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ବୋଲି ସେ ସୂଚନା ଦେଇଛନ୍ତି।

ପୁରୁଷବନ୍ଧୁ ପ୍ରମୋଦଙ୍କ ଗିରଫ ପ୍ରତିବାଦରେ ତାଙ୍କ ପରିବାର ମୃତା ଛାତ୍ରୀଙ୍କ ମା' ବାପାଙ୍କ ନାମରେ ଗ୍ରାମାଞ୍ଚଳ ଥାନାରେ ରବିବାର ଏତାଲା ଦେଇଛନ୍ତି। ତାଙ୍କ ପରିବାର ସମେତ ଗ୍ରାମର ଶତାଧିକ ବ୍ୟକ୍ତି ଥାନାକୁ ଘେରାଉ କରିଛନ୍ତି। ଥାନା ଘେରାଉରେ ସାମିଲ ଥିବା ପ୍ରମୋଦଙ୍କ ବାପା ଗଣେଶ୍ୱର ବେହେରା, ମା' ଶାନ୍ତିଲତା ବେହେରା କହିଛନ୍ତି, ସଙ୍ଗୀତା ଓ ପୁଅଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଦୀର୍ଘଦିନ ହେବ ରହିଛି। ତେବେ ସଙ୍ଗୀତାଙ୍କ ପରିବାର ଗରିବୀ ପାଇଁ ବିରୋଧ କରି ଆସୁଥିଲେ। ଏପରିକି ସଙ୍ଗୀତାଙ୍କୁ ବହୁବାର ନିର୍ଯାତନା ଦିଆଯାଇଛି। ମୃତ୍ୟୁରେ ପ୍ରମୋଦଙ୍କ କୌଣସି ହାତ ନାହିଁ। ଶଶିକାନ୍ତଙ୍କ ପରିବାର ସଙ୍ଗୀତାଙ୍କୁ ମାଡ଼ ମାରି ଜାଳିଦେଇଥିବା ପାରିପାର୍ଶ୍ୱିକ ସ୍ଥିତି ସୂଚନା ଦେଉଛି। ପ୍ରଥମ ଅଭିଯୋଗରେ ପ୍ରମୋଦଙ୍କ ନାମ ନ ଥିବାବେଳେ ଘଟଣାର ୪ ଦିନ ପରେ ଗ୍ରାମାଞ୍ଚଳ ଥାନାରେ ଶଶିକାନ୍ତଙ୍କ ଅଭିଯୋଗ ପୁଅକୁ ଫସେଇବା ପାଇଁ ହୋଇଛି। ନ୍ୟାୟ ନ ମିଳିଲେ ପରିବାରର ସମସ୍ତ ସଦସ୍ୟ ଆତ୍ମାହୁତି ଦେବେ ବୋଲି କହିଛନ୍ତି। ଏହି ଘଟଣା ପରେ ଗ୍ରାମାଞ୍ଚଳ ଥାନାରେ ଅଧିକ ପୋଲିସ ବଳ ମୁତୟନ ହୋଇଛି। ସେହିପରି ସତର୍କତାମୂଳକ ପଦକ୍ଷେପ ପାଇଁ ଦମକଳ ବାହିନୀ ସଜାଗ ଅଛି। ଅପରପକ୍ଷରେ ପ୍ରମୋଦଙ୍କ ଗିରଫ ପରେ ମଧ୍ୟ ସଙ୍ଗୀତାଙ୍କ ମୃତ୍ୟୁ ରହସ୍ୟ ପରଦା ଆଢ଼ୁଆଳରେ ଅଛି। ସେ ଜଳିଗଲେ ନା ତାଙ୍କୁ ଜାଳିଦିଆଗଲା, ସେ ସମ୍ପର୍କରେ ଜିଲା ପୋଲିସର ତଦନ୍ତ ଏବେ ବି ଜାରି ରହିଛି। ସଙ୍ଗୀତାଙ୍କ ମୃତଦେହ କାଠିଆପଡ଼ାସ୍ଥ ବନ୍ଦ ଘର ମଧ୍ୟରେ ଗତ ୬ ତାରିଖରେ ଜବତ ହୋଇଥିଲା। ଦେହରେ ନିଆଁ ଲାଗି ପୋଡ଼ି ହୋଇଯାଇଥିଲେ। ଏ ନେଇ ଗ୍ରାମାଞ୍ଚଳ ଥାନାରେ ବାପା ଶଶିକାନ୍ତଙ୍କ ଏତଲା ପରେ ଏସ୍‌ପି କାଟାରିଆଙ୍କ ନେତୃତ୍ୱରେ ତଦନ୍ତ ଚାଲିଛି। ଶନିବାର କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର ଏହି ମୃତ୍ୟୁ ମାମଲା ସମ୍ପର୍କରେ ଏସ୍‌ପି କାଟାରିଆଙ୍କ ସହିତ ସମୀକ୍ଷା କରିଥିଲେ। ଏହାପରେ ଜିଲା ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି।

# ଗ୍ୟାସ୍ ସିଲିଣ୍ଡର ଫାଟି ପରିବାରର ୩ ଗୁରୁତର

## ଏମ୍ସରେ ଚିକିତ୍ସିତ ହେଉଛନ୍ତି

ବଅଁରପାଲ,୧୦।୮ (ସୁବାସ ଚନ୍ଦ୍ର ସାହୁ)



ଭାଙ୍ଗିଯାଇଥିବା ସିଲିଣ୍ଡର ସହ ଅନ୍ୟାନ୍ୟ ଆସବାବପତ୍ର।

ଅନୁଗୋଳ ଜିଲା ବଅଁରପାଳ ବ୍ଳକ ନାଲ୍‌କୋ ନଗର ଥାନା ଅନ୍ତର୍ଗତ କୁଲାଡ ଗ୍ରାମର ବ୍ରାହ୍ମଣୀ ଦେବୀ ପୀଠ ସମ୍ମୁଖ ଏକ ଆଜବେଷ୍ଟସ୍ ଘର ଭିତରେ ଶନିବାର ମଧ୍ୟରାତ୍ରିରେ ଗ୍ୟାସ୍ ସିଲିଣ୍ଡର ଫାଟି ଗୋଟିଏ ପରିବାରର ୩ ଗୁରୁତର ହୋଇଛନ୍ତି। ଗୁରୁତର ଆହତଙ୍କୁ ପ୍ରଥମେ ନାଲ୍‌କୋ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇ ପରେ ଅନୁଗୋଳ ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁଯାୟୀ, ରାତ୍ରିରେ ସପରିବାର କବାଟ ବନ୍ଦ କରି ଶୋଇବାକୁ ଯାଇଥିଲେ। ମଧ୍ୟରାତ୍ରି ପ୍ରାୟ ୧ଟା ୩୦ରେ ହଠାତ୍ ଭୟଙ୍କର ଶବ୍ଦରେ ଗ୍ୟାସ ଟାଙ୍କି ଫାଟିଥିଲା। ପରିବାର ଲୋକ କିଛି ବୁଝିପାରି ନ ଥିଲେ। ଘର ଭିତରେ ପୁଅ ଜିଗ୍ନେଶ ପ୍ରଧାନ(୨୦), ମା' ରତ୍ନମଞ୍ଜରୀ ପ୍ରଧାନ(୫୩), ବାପା ବିଭୂତି ଭୂଷଣ ପ୍ରଧାନ(୫୫)ଥିଲେ। ଧୂଆଁ ଅନ୍ଧାରରେ ଗ୍ରିଲ ତାଲା ଭାଙ୍ଗି ପୁରା ପରିବାର ବାହାରକୁ ଆସିଥିଲେ। ବିସ୍ଫୋରଣ ଶବ୍ଦ ଶୁଣି ପାଖ ପଡୋଶୀ ଓ ଜାତୀୟ ରାଜପଥ କଡ଼ରେ ଥିବା ଏକ ଢାବା କର୍ମଚାରୀ ଆସି ପ୍ରଥମେ ଆହତ ପରିବାରଙ୍କୁ ସ୍ଥାନୀୟ ନାଲ୍‌କୋ ଡାକ୍ତର ଖାନାକୁ ପଠାଇଥିଲେ। ପରେ ସେମାନଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଥିଲା। ମା' ରତ୍ନମଞ୍ଜରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ବିଭୂତି ଭୂଷଣ ସ୍ମେଲ୍ଟର ପ୍ଲାଣ୍ଟରେ ଠିକାଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ଖବର ପାଇ ନାଲ୍‌କୋ ପୋଲିସ ଓ ଅନୁଗୋଳ ଅଗ୍ନିଶମ ବିଭାଗ ପରେ ନାଲ୍‌କୋ ସିପିପି ପ୍ଲାଣ୍ଟର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିଶମ ବାହିନୀଙ୍କ କହିବା ଅନୁଯାୟୀ ଘର ଭିତରେ ଚୁଲା ବ୍ୟବହାର ହୋଇ ନଥିବା ୨ଟି ଗ୍ୟାସ ସିଲିଣ୍ଡର ଓ ସିଲିଣ୍ଡରକୁ ଲାଗି ଏକ ସ୍କୁଟର ରହିଥିଲା। ପାଖରେ ଥିବା ବିଦ୍ୟୁତ୍ ବୋର୍ଡରୁ ଶର୍ଟସର୍କିଟ ହୋଇ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଶର୍ଟସର୍କିଟ ହେବାପରେ ଗାଡ଼ିର ପେଟ୍ରୋଲ ନିଆଁ ଜଳିବାରେ ସହାୟକ ହୋଇଥିଲା। ପେଟ୍ରୋଲରେ ପ୍ରଥମେ ନିଆଁ ସଂଯୋଗ ହେବା ଫଳରେ ପାଖରେ ଥିବା ଗ୍ୟାସ ଟାଙ୍କି ପ୍ରଭାବିତ ହୋଇ ଟାଙ୍କି ଉଚ୍ଚ ଶବ୍ଦରେ ଫାଟିଥିଲା। ୩ ଟି ଘରର ଆଜ୍‌ବେଷ୍ଟସ୍ ଛପର ସମ୍ପୂର୍ଣ୍ଣ ଉଡ଼ି ଯାଇଥିବାବେଳେ ସମସ୍ତ ଆସବାବପତ୍ର ପୋଡ଼ି ଛାରଖାର ହୋଇଯାଇଥିଲା। ଘରେ ଥିବା ନଗଦ ୧୫ହଜାର ଟଙ୍କା ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ପରିତ୍ୟକ୍ତ ଅଙ୍ଗନୱାଡି ଛାତରୁ ନାବାଳକଙ୍କ ମୃତଦେହ ଜବତ

ଯୋଡ଼ା,୧୦।୮ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ବିଲେଇପଦାସ୍ଥିତ ଏକ ପରିତ୍ୟକ୍ତ ଅଙ୍ଗନୱାଡ଼ି ଗୃହ ଛାତ ଉପରୁ ଜଣେ ନାବାଳକଙ୍କ ମୃତଦେହ ଜବତ ହୋଇଛି। ମୃତକ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡ଼ିଛି। କିନ୍ତୁ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ କରେଣ୍ଟ ଲାଗି ମୃତ୍ୟୁ ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଘଟଣା ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ମୃତକଙ୍କ ଆତ୍ମୀୟଙ୍କୁ ୪ ଲକ୍ଷ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

ସୂଚନା ଅନୁଯାୟୀ, ରବିବାର ସକାଳେ ଅଙ୍ଗନୱାଡ଼ି ଗୃହ ଛାତ ଉପରେ ଜଣେ ନାବାଳକ ଅଚେତ ଅବସ୍ଥାରେ ପଡ଼ିଥିବା ନେଇ ସ୍ଥାନୀୟ ଲୋକେ ଦେଖିଥିଲେ। ଏନେଇ ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନାବାଳକଙ୍କୁ ଛାତ ଉପରୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏକ ଅପମୃତ୍ୟୁ ମାମଲା (ନଂ.୨୫/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ଉକ୍ତ ଅଙ୍ଗନୱାଡ଼ି ଗୃହଟି ଦୀର୍ଘଦିନରୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ନୂତନ ଗୃହରେ ପିଲା ପାଠ ପଢ଼ୁଛନ୍ତି। ତେବେ ସେଠାକୁ ନାବାଳକ ଜଣକ କିପରି ଗଲେ, କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା, ତାହା ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପ୍ରକାଶ କରିଛି।

# ବର୍ଷକ ଶିଶୁ ମୁଣ୍ଡରେ ପଶିଗଲା ଡେକ୍‌ଚି



ଶିଶୁ ମୁଣ୍ଡରୁ ଡେକ୍‌ଚି କଟାଯାଉଛି।

କାମାକ୍ଷାନଗର,୧୦।୮ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଙ୍ଗୁରା ଗ୍ରାମରେ ରବିବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ମାନସ ଦାସଙ୍କ ପୁଅ ମନ୍ମଥ (୧ ବର୍ଷ ୪ମାସ) ଖେଳୁଥିବାବେଳେ ମୁଣ୍ଡରେ ଏକ ଡେକ୍‌ଚି ପଶିଯାଇଥିଲା। ପରିବାର ଲୋକେ ବହୁ ଚେଷ୍ଟା କରି ଶିଶୁ ମୁଣ୍ଡରୁ ଡେକଚିଟି ବାହାର କରିପାରି ନ ଥିଲେ। ଫଳରେ ଉପାୟଶୂନ୍ୟ ହୋଇ ପରିବାର ଲୋକେ କାମାକ୍ଷାନଗର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଗ୍ରାମରେ ପହଞ୍ଚି ସତର୍କତାର ସହ ଡେକ୍‌ଚିକୁ କାଟି ମୁଣ୍ଡରୁ ବାହାର କରିଥିଲେ। ପିଲାଟି ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ସୂଚନା ମିଳିଛି।

# ବଜ୍ରପାତରେ ନାବାଳକ ମୃତ, ୨ ଆହତ

କେନ୍ଦୁଝର,୧୦।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ବ୍ଲକ୍ କୋଡିପଶା ଡ୍ୟାମ୍‌କୁ ଗାଧୋଇବାକୁ ଯାଇଥିବାବେଳେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୨ ଜଣ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ମୃତକ ହେଲେ ସ୍ଥାନୀୟ ଜନାର୍ଦ୍ଦନପୁର ଗ୍ରାମର ତେଜଶ କୁମାର ସାହୁ(୧୫)। ଆହତମାନେ ହେଲେ ବୈଦରାଜ ସାହିର ସମିତ ରଣସିଂହ(୧୭) ଏବଂ ଢାଙ୍କୁଣିଆ ସାହିର ଅଂଶୁ ନାଏକ(୧୬)।

ସୂଚନା ଅନୁଯାୟୀ, କେନ୍ଦୁଝର ସହରରୁ ୩ ସାଙ୍ଗ ଏକ ସ୍କୁଟିରେ ଗାଧୋଇବାକୁ କୋଡିପଶା ଡ୍ୟାମ୍‌କୁ ଯାଇଥିଲେ। ଡ୍ୟାମ୍ ତଟରେ ସ୍କୁଟି ରଖି ଗାଧୋଇବାକୁ ଯିବା ବେଳେ ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ରେ ବଜ୍ରପାତ ହୋଇଥିଲା। ୩ ସାଙ୍ଗ ବଜ୍ରପାତର ଶିକାର ହୋଇଥିବା ବେଳେ ଘଟଣାସ୍ଥଳରେ ତେଜଶଙ୍କ ମୃତ୍ୟୁ ହୋଇଛି। ସମିତ, ଅଂଶୁ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଆହତଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଏ ନେଇ ଟାଉନ ଥାନାରେ ଏକ ମାମଲା (ନଂ. ୮୦/୨୦୨୫)ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି।

# ଡିଭାଇଡର୍‌ରେ ପିଟିହେଲା କାର୍: ଛାତ୍ର ମୃତ, ୫ ଗୁରୁତର

ଝାରସୁଗୁଡ଼ା, ୧୦।୮ (ଆଶିଷ ରଞ୍ଜନ ଦାଶ)



ଦୁର୍ଘଟଣାଗ୍ରସ୍ତ କାର୍।

ଝାରସୁଗୁଡ଼ା ଟାଉନ୍ ଥାନା ଅଧୀନ ସୁନାରୀମୁଣ୍ଡା ଛକରେ ରବିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ କାରରେ ଥିବା ୬ ଜଣଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟମାନେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ଅନ୍ତର୍ଗତ ନୂଆଁ କେମ୍ପଡାର କ୍ରିଷ୍ଣା ଯାଦବ (୧୫)। ଗୁରୁତର ହୋଇଥିବା ଉକ୍ତ ଗ୍ରାମର ଉମିତ୍ ଓରାମ, ମାନସ ସିଂ, ଚନ୍ଦନ ବାଦୀ, ଅମର ଯାଦବ ଓ ମେଘନାଦ ଟାରଦଲଙ୍କୁ ଚିକିତ୍ସା ଲାଗି ସମ୍ବଲପୁରସ୍ଥିତ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଝାରସୁଗୁଡ଼ାସ୍ଥିତ ଏକ ଘରୋଇ ସ୍କୁଲର କେତେଜଣ ଛାତ୍ର ଖୋ ଖୋ ଖେଳିବା ପାଇଁ ବାଲେଶ୍ୱର ଯାଇଥିଲେ। ସେଠାରୁ ଫେରିବା ପରେ ଝାରସୁଗୁଡ଼ା ରେଲଷ୍ଟେଶନରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଉପରୋକ୍ତ ୬ ଜଣ ଏକ କାର୍(ନଂ. ଓଡ଼ି୨୩ଏମ୍-୯୫୧୬)ରେ ଖୁସିରେ ବୁଲିବା ପାଇଁ ସୁନାରୀମୁଣ୍ଡାରୁ ଝାରସୁଗୁଡ଼ା ସହର ଅଭିମୁଖେ ଆସୁଥିଲେ। ହେଲେ ସୁନାରୀମୁଣ୍ଡା ଛକରେ କାର୍‌ଟି ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇଯାଇଥିଲା। ଟାଉନ୍ ଥାନା ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଛାତ୍ରମାନଙ୍କୁ ଉଦ୍ଧାର କରି ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ କ୍ରିଷ୍ଣାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୫ ଜଣଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ପୋଲିସ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରିବା ସହ ଏକ ମାମଲା (ନଂ.୩୩୭/୨୫) ରୁଜୁକରି ତଦନ୍ତ ଚଳାଇଛି।

# ଉତ୍ତରକାଶୀ ବିପର୍ଯ୍ୟୟ ପ୍ରଭାବିତଙ୍କୁ ପତଞ୍ଜଳିର ସହାୟତା

ଭୁବନେଶ୍ୱର,୧୦।୮ (ଅନୁରାଧା ମହାରଣା)




ବନ୍ୟା ବିପର୍ଯ୍ୟୟରେ ପ୍ରଭାବିତଙ୍କ ପାଇଁ ପତଞ୍ଜଳି ଯୋଗପୀଠ ପକ୍ଷରୁ ରିଲିଫ୍ ସାମଗ୍ରୀ ପଠାଯାଉଛି।

ଉତ୍ତରକାଶୀର ଧରାଳୀରେ ଘଟିଥିବା ଭୟଙ୍କର ବନ୍ୟା ବିପର୍ଯ୍ୟୟରେ ପ୍ରଭାବିତଙ୍କୁ ପତଞ୍ଜଳି ଯୋଗପୀଠ ସହାୟତାର ହାତ ବଢ଼ାଇଛି। ଯୋଗପୀଠର ପରମାଧ୍ୟକ୍ଷ ବାବା ରାମଦେବ, ମହାମନ୍ତ୍ରୀ ଆଚାର୍ଯ୍ୟ ବାଲକୃଷ୍ଣ ଏବଂ ପତଞ୍ଜଳି ଫୁଡ୍ସର ଏମ୍‌ଡି ରାମଭରତ ପ୍ରାରମ୍ଭିକ ପର୍ଯ୍ୟାୟରେ ୩ ଟ୍ରକ ରିଲିଫ୍ ସାମଗ୍ରୀ ପଠାଇଛନ୍ତି। ସ୍ୱାମୀ ରାମଦେବ କହିଛନ୍ତି, ଏହି ବିପର୍ଯ୍ୟୟରେ ଯେଉଁମାନେ ପ୍ରାଣ ହରାଇଛନ୍ତି, ସେମାନଙ୍କୁ ଫେରାଇ ଆଣିବା ଅସମ୍ଭବ। ମାତ୍ର ବନ୍ୟାରେ ପ୍ରଭାବିତ ପ୍ରାୟ ୫୦୦ ପରିବାରଙ୍କ ପାଇଁ ନିତ୍ୟ ଆବଶ୍ୟକ ସାମଗ୍ରୀ ଅଟା, ଚାଉଳ, ଡାଲି, ଲୁଣ, ମସଲା, ବାସନ, ଟୁଥ୍‌ପେଷ୍ଟ, ବ୍ରଶ, ସାବୁନ ଆଦି ପଠାଯାଉଛି। ପାଗ ଅନୁକୂଳ ହେଲେ ଆହୁରି ସାହାଯ୍ୟ କରାଯିବ। ସେ ବହୁରାଷ୍ଟ୍ରୀୟ କମ୍ପାନୀ ଏବଂ ବଡ଼ ବଡ଼ ସ୍ୱଦେଶୀ କମ୍ପାନୀମାନଙ୍କୁ ଟାର୍ଗେଟ କରି କହିଛନ୍ତି, ଏହି କମ୍ପାନୀଗୁଡ଼ିକ ଉତ୍ତରାଖଣ୍ଡରେ କେବଳ ଅର୍ଥ ରୋଜଗାର କରିବା ପାଇଁ ଆସନ୍ତି। ବିପଦ ସମୟରେ ମଧ୍ୟ ସେମାନେ ସାହାଯ୍ୟ ପାଇଁ ଆଗେଇ ଆସିବା ଉଚିତ। ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ନଦୀ ଓ ଝରଣା କୂଳରେ ବସତି ଗଢ଼ାଯାଇଛି, ଯାହା ଉପରେ ପୁନର୍ବିଚାର ଆବଶ୍ୟକ ବୋଲି ସେ କହିଛନ୍ତି। ଆଚାର୍ଯ୍ୟ ବାଲକୃଷ୍ଣ କହିଛନ୍ତି, ପତଞ୍ଜଳି ପୂର୍ବରୁ ୨୦୦୪ର ସୁନାମୀ, ୨୦୦୮ରେ ବିହାର ବନ୍ୟା, ୨୦୧୩ରେ କେଦାରନାଥ ବନ୍ୟା ଓ ନେପାଳ ଭୂମିକମ୍ପ ସମୟରେ ସାହାଯ୍ୟ କରିଛି। ଏହି ପ୍ରତିବଦ୍ଧତା ଆଗକୁ ମଧ୍ୟ ଜାରି ରହିବ।

# ପିକ୍‌ଅପ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

ମୁନିଗୁଡା,୧୦।୮ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡା ଥାନା ଅନ୍ତର୍ଗତ ଦେଓକୁପୁଲି ଛକ ନିକଟରେ ରବିବାର ରାତି ପ୍ରାୟ ୮ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ପିକ୍‌ଅପ୍ ଭ୍ୟାନ ଏବଂ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଦୁର୍ଘଟଣାରେ ପିକଅପ୍ ଭ୍ୟାନ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ବାଇକ୍‌ରେ ବସିଥିବା ଜଣେ ୫ବର୍ଷର ଝିଅ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଖବରପାଇ ମୁନିଗୁଡ଼ା ପୋଲିସ ଓ ଅଗ୍ନିଶମ ବାହିନୀର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଥିବା ଡ୍ରାଇଭରଙ୍କୁ ଉଦ୍ଧାର କରି ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ସୁଦ୍ଧା ୨ ମୃତକଙ୍କ ପରିଚୟ ମିଳିପାରି ନାହିଁ।

ପିକ୍‌ଅପ ଭ୍ୟାନ ଦୈନିକ ହାଟ ବ୍ୟବସାୟୀଙ୍କୁ ନେଇ ଫେରୁଥିବାବେଳେ ଦେଓକପୁଲି ନିକଟରେ ବାଇକ୍ ସହ ମୁହାଁମୁହିଁ ହୋଇ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହୋଇଥିଲା। ଦୁର୍ଘଟଣାରେ କୌଣସି ବ୍ୟବସାୟୀଙ୍କର କିଛି କ୍ଷତି ହୋଇ ନ ଥିବା ବେଳେ ପିକଅପ୍ ଭ୍ୟାନ ଡ୍ରାଇଭର ଷ୍ଟିୟରିଂ ପାଖରେ ଚାପି ହୋଇଯିବାରୁ ଗୁରୁତର ହୋଇଥିଲେ। ଆହତ ଡ୍ରାଇଭର ଜଣକ ମୁନିଗୁଡ଼ାର କୈଳାସ ବଗର୍ତ୍ତି ବୋଲି ଜଣାପଡିଛି। ପୋଲିସ ୨ ବାଇକ ଆରୋହୀଙ୍କ ମୃତଦେହ ଜବତ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ଥାନା ସୂତ୍ରରୁ ଜଣାପଡିଛି।






ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମ ହୋଟେଲରେ ରବିବାର ଆୟୋଜିତ ଓଡ଼ିଶାପୋଷ୍ଟ ମେଟଲ୍ ମିଟ୍-୨୦୨୫ର ଜୁନିୟର ବର୍ଗ ଗ୍ରାଣ୍ଡ ଫାଇନାଲ୍ସରେ କୁଇଜ୍ ମାଷ୍ଟର ଅଜୟ ପୁନିଆ ପ୍ରତିଯୋଗୀମାନଙ୍କୁ ପ୍ରଶ୍ନ ପଚାରୁଛନ୍ତି।

# ଉତ୍ତର ପାଇଁ କସରତ
























‘ମେଟଲ୍ ମିଟ୍ ୨୦୨୫’ ଫାଇନାଲ୍ସର ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇ ପ୍ରତିଯୋଗିତା ସମ୍ପର୍କରେ ଉଦ୍‌ବୋଧନ ଦେଉଛନ୍ତି ଓଡ଼ିଶାପୋଷ୍ଟ ତଥା ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ



କୁଇଜ୍ ମାଷ୍ଟର ଅଜୟ ପୁନିଆ













ଗ୍ରାଣ୍ଡ ଫାଇନାଲ୍ସରେ ଉପସ୍ଥିତ ଛାତ୍ରୀଛାତ୍ର, ଅଭିଭାବକ, ଅତିଥି।






ପୁରସ୍କୃତ ହୋଇଥିବା ଓଡ଼ିଶାପୋଷ୍ଟର ‘ଡେଲି କୁଇଜ୍’ ପ୍ରତିଯୋଗିତାର ବିଜେତାମାନେ।




ଭୁବନେଶ୍ୱର ସ୍ୱସ୍ତି ପ୍ରିମିୟମରେ ରବିବାର ଆୟୋଜିତ ଓଡ଼ିଶାପୋଷ୍ଟ ମେଟଲ୍ ମିଟ୍ ୨୦୨୫ ଜୁନିୟର ଗ୍ରୁପ୍ ଗ୍ରାଣ୍ଡ ଫାଇନାଲର ପ୍ରଥମ ରନରଅପ୍ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର ଏବଂ ଦ୍ୱିତୀୟ ରନରଅପ୍ ଲୟୋଲା ସ୍କୁଲ, ଭୁବନେଶ୍ୱର ଟିମ୍‌କୁ ଓଡ଼ିଶାପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଅଜନ୍ତା ଆଡଭର୍ଟାଇଜର୍ସର ପରିଚାଳନା ନିର୍ଦ୍ଦେଶକ ମନୀଷ ଅଗ୍ରୱାଲ ପୁରସ୍କାର ବାବଦ ଚେକ୍ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି କୁଇଜ୍ ମାଷ୍ଟର ଅଜୟ ପୁନିଆ।




ଓଡ଼ିଶାପୋଷ୍ଟ ମେଟଲ୍ ମିଟ୍ ୨୦୨୫ ସିନିୟର ଗ୍ରୁପ୍ ଗ୍ରାଣ୍ଡ ଫାଇନାଲର ପ୍ରଥମ ରନରଅପ୍ ଆଇଆଇଟି, ଖଡ଼ଗପୁର ଏବଂ ଦ୍ୱିତୀୟ ରନରଅପ୍ ଆଇଆଇଏମ୍, କାଲ୍‌କାଟା ଟିମ୍‌କୁ ପୁରସ୍କାର ବାବଦ ଚେକ୍ ପ୍ରଦାନ କରାଯାଉଛି।







ଗ୍ରାଣ୍ଡ ଫାଇନାଲ୍ସରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି, ଅତିଥି, ଛାତ୍ରୀଛାତ୍ର ଓ ଅଭିଭାବକମାନେ।





ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ଦ୍ୱାରା ସମ୍ମାନିତ ହୋଇଥିବା କାର୍ଯ୍ୟକ୍ରମର ପ୍ରାୟୋଜକମାନେ।



ଗ୍ରାଣ୍ଡ ଫାଇନାଲ୍ସର ଦର୍ଶକଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶ୍ନର ଜଣେ ବିଜେତାଙ୍କୁ ପୁରସ୍କୃତ କରାଯାଇଛି।




ଓଡ଼ିଶାପୋଷ୍ଟ ମେଟଲ ମିଟ୍ ୨୦୨୫ର ସେଲ୍‌ଫି ପଏଣ୍ଟରେ ଛାତ୍ରୀଛାତ୍ରମାନେ। **(ଫଟୋ: ବିକାଶ ନାୟକ/ମନୋରଞ୍ଜନ ମିଶ୍ର/ଜ୍ୟୋତିରଞ୍ଜନ ସାହୁ)**

# କ'ଣ କୁହନ୍ତି ବିଜେତା ଟିମ୍

## ■ ତୃତୀୟ ଥର ବିଜେତା ହୋଇଥିବାରୁ ଖୁସି ଲାଗୁଛି

ଆଜିର ସଫଳତା ପାଇଁ ବହୁତ ପରିଶ୍ରମ କରିଥିଲୁ। ଚଳିତ ବର୍ଷ ପୁରସ୍କାର ଜିତିବା ପାଇଁ ବହୁ ପରିଶ୍ରମ କରିଥିଲୁ। ପୂର୍ବଥର ଅପେକ୍ଷା ଏଥର ପ୍ରଶ୍ନ କଷ୍ଟ ଥିଲା। ପ୍ରତିଦ୍ୱନ୍ଦ୍ୱୀଙ୍କୁ କ'ଣ ପ୍ରଶ୍ନ ପଚରା ଯାଉଛି ସେକଥା ନଭାବି ନିଜ ପ୍ରଶ୍ନ ଉପରେ ଅଧିକ ଧ୍ୟାନ ଦେଇଥିଲୁ। ଓଡିଶା ଭିତର ବାହାରଠାରୁ ଆରମ୍ଭ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମଧ ବହୁତ ପ୍ରଶ୍ନ ଆସିଥିଲା। ବିଜେତା ହୋଇଥିବାରୁ ବହୁତ ଖୁସି ଲାଗୁଛି। ଆମେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟ ନିୟମିତ ପଢୁଥିବାରୁ କେତେକ ପ୍ରଶ୍ନର ଉତ୍ତର ଦେବାରେ ସହାୟକ ହୋଇଥିଲା।

**- ପ୍ରୀତିମାନ ମିଶ୍ର, ଚାମ୍ପିୟନ ଟିମ୍ (ସିନିୟର), ଏମ୍‌ସ, ଭୁବନେଶ୍ୱର**

## ■ ପ୍ରଥମ ଥର ପୁରସ୍କାର ପାଇ ଖୁସି ଅଛୁ

ପ୍ରଥମ ଥର ମେଟଲ୍ ମିଟ ଆସି ପ୍ରଥମ ରନରଅପ ହୋଇଥିବାରୁ ଖୁସି ଲାଗୁଛି। ପ୍ରଶ୍ନଗୁଡ଼ିକ ବିଭିନ୍ନ ବିଷୟରୁ ପଡ଼ିଥିଲା। ସୋସିଆଲ ମିଡିଆରେ ପୂର୍ବବର୍ଷଗୁଡ଼ିକର ମେଟଲ୍ ମିଟ୍ କାର୍ଯ୍ୟକ୍ରମରେ ପଚରା ଯାଇଥିବା ପ୍ରଶ୍ନ ଦେଖିଥିଲୁ। ଚଳିତବର୍ଷ ସଂସ୍କରଣରେ ତୁଳନାତ୍ମକ ଭାବେ କଷ୍ଟ ପ୍ରଶ୍ନ ଥିଲା। ପ୍ରତିଯୋଗିତାରେ ଆସି ଆମେ ଜିତିଥିବାରୁ ଆମ ଟିମ୍ ବହୁତ ଆନନ୍ଦିତ।

**- ପ୍ରଖର ଶ୍ରୀଗୁରୁ, ପ୍ରଥମ ରନରଅପ୍ (ସିନିୟର), ଆଇଆଇଟି, ଖଡ଼ଗପୁର**

## ■ ଆସନ୍ତା ସଂସ୍କରଣ ବିଜେତା ହେବାକୁ ଚେଷ୍ଟା କରିବୁ

ଆମେ ପ୍ରଥମଥର ପାଇଁ ମେଟଲ୍ ମିଟ୍‌ରେ ଯୋଗ ଦେଇଥିଲୁ। ବିଭିନ୍ନ କୁଇଜ୍ ପ୍ରତିଯୋଗିତାରେ ଯୋଗ ଦେଇଥିଲୁ, କିନ୍ତୁ ମେଟଲ୍ ମିଟ୍‌ର ଅନୁଭୂତି ବହୁତ ଭଲ ଥିଲା। ପ୍ରଶ୍ନଗୁଡ଼ିକ ଅତି ଉଚ୍ଚକୋଟୀର ଥିଲା। ପୂର୍ବବର୍ଷର ମେଟଲ୍ ମିଟ୍ କାର୍ଯ୍ୟକ୍ରମର ଭିଡିଓ ଦେଖିଥିଲୁ। କିନ୍ତୁ ଚଳିତ ବର୍ଷ ଫର୍ମାଟ୍ କିଛିମାତ୍ରାରେ ଭିନ୍ନ ଥିଲା। ବିଜୟୀ ହେବୁ ବୋଲି ଆଶା ଥିଲା, କିନ୍ତୁ ଦ୍ୱିତୀୟ ରନରଅପ୍ ହୋଇଛୁ। ଆସନ୍ତାବର୍ଷକୁ ପୁଣି ଯୋଗଦେଇ ବିଜେତା ହେବାକୁ ଚେଷ୍ଟା କରିବୁ।

**- ଆର୍ଯ୍ୟା ଅରୁଣ, ଦ୍ୱିତୀୟ ରନରଅପ୍ (ସିନିୟର), ଆଇଆଇଏମ୍ କାଲ୍‌କାଟା**

## ■ ଦ୍ୱିତୀୟ ଥର ବିଜେତା ହୋଇଥିବାରୁ ଖୁବ୍ ଆନନ୍ଦିତ

ଦ୍ୱିତୀୟଥର ପାଇଁ ମେଟଲ୍ ମିଟରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଖୁବ ଅନନ୍ଦିତ ଅଛୁ। ଗତଥର ଭଳି ଚଳିତ ସଂସ୍କରଣରେ ଆମେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରିଥିଲୁ, ଯାହାର ଫଳ ଆମେ ପାଇଛୁ। ପ୍ରଶ୍ନଗୁଡ଼ିକ ଅତ୍ୟନ୍ତ ଟ୍ରିକି ଥିଲେ ମଧ ସେଗୁଡିକୁ ଠିକ୍ ଭାବେ ବୁଝି ଉତ୍ତର ଦେଇଥିବାରୁ ବିଜେତା ହୋଇପାରିଛୁ।

**- ସାଇ ଅରୂସ ଦାସ, ଚାମ୍ପିୟନ ଟିମ୍, ଡିଏଭି ୟୁନିଟ୍-୮, ଭୁବନେଶ୍ୱର**

## ■ ବିଜେତା ହେବାକୁ ଚେଷ୍ଟା କରିବୁ

ଆମ ଟିମ ଜୁନିୟର କୁଇଜ ପ୍ରତିଯୋଗିତାର ଦ୍ୱିତୀୟ ସ୍ଥାନରେ ରହିଛି। ବଜର୍‌ରେ ଠିକ ସମୟରେ କ୍ଲିକ କରି ନ ଥିବାରୁ ଆମେ ଅଧିକ ପ୍ରଶ୍ନର ଉତ୍ତର ଦେଇପାରି ନ ଥିଲୁ। ଆସନ୍ତା ସଂସ୍କରଣରେ ବ୍ୟବସ୍ଥିତ ଢଙ୍ଗରେ ପ୍ରସ୍ତୁତି କରିବୁ। ବିଜେତା ହେବକୁ ଚେଷ୍ଟା କରିବୁ।

**- ଆଦ୍ୟେୟା ଷଡ଼ଙ୍ଗୀ, ପ୍ରଥମ ରନରଅପ୍ (ଜୁନିୟର), କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର**

## ■ ଶେଷ ୩ଟି ପ୍ରଶ୍ନ ଜିତିବାରେ ସହାୟକ ହେଲା

ପ୍ରଥମରୁ ଆମେ ଜିତିବା କଷ୍ଟକର ହୋଇଥିଲା। ହେଲେ ଶେଷ ୩ଟି ପ୍ରଶ୍ନର ଉତ୍ତର ଦେଇପାରିଥିବାରୁ ତାହା ଆମ ପାଇଁ ଜିତିବାରେ ସହାୟକ ହୋଇଥିଲା। ଆମେ ବିଜେତା ହୋଇ ଖୁସି ଅଛୁ। ପରବର୍ତ୍ତୀ ସଂସ୍କରଣରେ ଚାମ୍ପିୟନ ହେବାକୁ ଚେଷ୍ଟା କରିବୁ।

**- ସୋଭିତ ଲେଙ୍କା, ଦ୍ୱିତୀୟ ରନରଅପ୍ (ଜୁନିୟର), ଲୟୋଲା ସ୍କୁଲ, ଭୁବନେଶ୍ୱର**



# ହାତୀ ସହ ମଣିଷ

ନିୟମିତ ବ୍ୟବଧାନରେ ହାତୀ ମୃତ୍ୟୁ ଖବର ପ୍ରକାଶ ପାଇଆସୁଛି। ସ୍ୱାଭାବିକ ମୃତ୍ୟୁ ତୁଳନାରେ ବିଦ୍ୟୁତ୍ ଆଘାତ ଓ ଟ୍ରେନ୍ ଧକ୍କାରେ ଅଧିକ ହାତୀଙ୍କ ଜୀବନ ଯାଉଛି। ଏହାବ୍ୟତୀତ ଶିକାରୀମାନେ ଦାନ୍ତ ଲୋଭରେ ଏବଂ ହାତୀ ଖାଦ୍ୟ ଖୋଜି ଗ୍ରାମ ଭିତରକୁ ପ୍ରବେଶ କରିବା ଓ ଫସଲହାନି କରୁଥିବାରୁ ମୁଖ୍ୟତଃ ଗ୍ରାମବାସୀଙ୍କ ରୋଷର ଶିକାର ହୋଇ ଏହା ମୃତ୍ୟୁମୁଖରେ ପଡୁଛି। ୨୦୦୯–୧୦ ରୁ ୨୦୨୪–୨୫ ମଧ୍ୟରେ ଅର୍ଥାତ୍ ୧୫ ବର୍ଷ ଭିତରେ ଭାରତରେ ଟ୍ରେନ୍ ଧକ୍କାରେ ୧୮୬ ହାତୀଙ୍କର ମୃତ୍ୟୁ ଘଟିଛି। କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ, ରେଳ ମନ୍ତ୍ରଣାଳୟ ଓ ବିଭିନ୍ନ ରାଜ୍ୟର ଜଙ୍ଗଲ ବିଭାଗ ପକ୍ଷରୁ ମିଳିତ ଭାବେ ୧୪ଟି ରାଜ୍ୟର ୧୨୭ ରେଳପଥର ୩,୪୫୨ କିଲୋମିଟର ପରିବ୍ୟାପ୍ତ ଟ୍ରାକ୍‌ରେ କରାଯାଇଥିବା ସର୍ଭେରୁ ଏହି ତଥ୍ୟ ଜଣାପଡ଼ିଛି। ଭାରତର ୬୯ ହଜାର କିଲୋମିଟର ରେଳ ନେଟୱାର୍କ ମଧ୍ୟରୁ ଅନେକ ଶହ କିଲୋମିଟର ଘଞ୍ଚ ଜଙ୍ଗଲ ପଥ ଦେଇ ଯାଇଥିବାରୁ ଏଭଳି ଦୁର୍ଘଟଣା ଘଟୁଥିବା କୁହାଯାଉଛି। ତେବେ ସେହିସବୁ ଅଞ୍ଚଳରେ ଲେଭଲ କ୍ରସିଂ, ର୍ୟାମ୍ପ୍, ବାରିକେଡିଂ ଓ ଟ୍ରେଞ୍ଚିଂ ଭିତ୍ତିଭୂମି ଗଠନ, ଅଣ୍ଡରପାସ ଏବଂ ଓଭରପାସ ନିର୍ମାଣ କରିବାକୁ ସର୍ଭେରେ ପ୍ରସ୍ତାବ ଦିଆଯାଇଛି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଏହା ହାତୀ ମୃତ୍ୟୁ ରୋକିବାରେ କେତେ ସକ୍ଷମ ହୋଇପାରିବ ତାହା ଭବିଷ୍ୟତରେ ଜଣାପଡ଼ିବ। ଏକଥା ଚିନ୍ତା କଲାବେଳକୁ ହାତୀ ମୃତ୍ୟୁର ଅନ୍ୟ କାରଣଗୁଡ଼ିକ ଉପରେ ଗୁରୁତ୍ୱର ସହ ବିଚାର କରାଯିବା ଦରକାର। କାରଣ ଟ୍ରେନ୍ ଧକ୍କାରେ ଯେତିକି ହତୀଙ୍କର ମୃତ୍ୟୁ ହେଉଛି, ତାହାଠାରୁ କାହିଁ ଅଧିକ ପ୍ରାଣ ଯାଉଛି ବିଦ୍ୟୁତ୍ ଆଘାତ ଓ ଶିକାର ଯୋଗୁ। ଅନେକ ସମୟରେ ଜଙ୍ଗଲ ମଧ୍ୟରେ ଯାଇଥିବା ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀଙ୍କ ଜୀବନ ଯାଉଛି କିମ୍ବା ଲୋକମାନେ ସେମାନଙ୍କ ଫସଲ ରକ୍ଷା କରିବାକୁ ଯାଇ ତାର ବିଛାଇ ମାରି ଦେଉଛନ୍ତି। ୨୦୨୪ ତଥ୍ୟ ଅନୁଯାୟୀ, ଭାରତରେ ବିଗତ ୫ ବର୍ଷରେ ୭୩ ହାତୀ ଟ୍ରେନ୍ ଧକ୍କାରେ ଏବଂ ୩୯୨ ବିଦ୍ୟୁତ୍ ଆଘାତ ଯୋଗୁ ମୃତ୍ୟୁମୁଖରେ ପଡ଼ିଥିଲେ। ଉଲ୍ଲେଖନୀୟ ଯେ, ଓଡ଼ିଶାରେ ବିଦ୍ୟୁତ ଆଘାତ ଯୋଗୁ ଏହି ସମୟରେ ୭୧ ହାତୀ ମରିଥିଲେ, ଯାହା ଦେଶରେ ଥିଲା ସର୍ବାଧିକ।

ନିକଟରେ ଓଡ଼ିଶା ସରକାରଙ୍କ ୨୦୨୫ ତଥ୍ୟ ମଧ୍ୟ ଦର୍ଶାଇଛି ଯେ, ଟ୍ରେନ ଦୁର୍ଘଟଣା ତୁଳନାରେ ବିଦ୍ୟୁତ୍ ଆଘାତ ଯୋଗୁ ଅଧିକ ହାତୀଙ୍କର ମୃତ୍ୟୁ ଘଟିଛି। ତଥ୍ୟ ଅନୁଯାୟୀ, ୨୦୨୧ରୁ ୨୦୨୫ ମାର୍ଚ୍ଚ ସୁଦ୍ଧା ରାଜ୍ୟରେ ବିଭିନ୍ନ କାରଣରୁ ୪୮୦ ହାତୀଙ୍କର ମୃତ୍ୟୁ ହୋଇଥିବାବେଳେ ସେଥିରେ ବିଦ୍ୟୁତ୍ ଆଘାତଜନିତ ମୃତ୍ୟୁ ୯୫ ଓ ଟ୍ରେନ ଦୁର୍ଘଟଣାରେ ୧୫ ହାତୀଙ୍କର ପ୍ରାଣ ଯାଇଛି। ୨୦୧୮ରେ ଢେଙ୍କାନାଳର କମଳାଙ୍ଗ ଗାଁ ନିକଟରେ ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକାବେଳକେ ୭ଟି ହାତୀଙ୍କ ମୃତ୍ୟୁ ହେବା ଓଡ଼ିଶାରେ ହାତୀ ମୃତ୍ୟୁ ଇତିହାସର ଏକ ବଡ଼ ଘଟଣା ଥିଲା। ଏହାପରେ ଚିନ୍ତା କରାଯାଉଥିଲା ଏଭଳି ଘଟଣାର ପୁନରାବୃତ୍ତି ଘଟିବ ନାହିଁ। କିନ୍ତୁ ହାତୀ ସୁରକ୍ଷା ଦିଗରେ ସେଭଳି କୌଣସି ପଦକ୍ଷେପ ଏ ପର୍ଯ୍ୟନ୍ତ ନିଆଯାଇନାହିଁ। ହାତୀ ମୃତ୍ୟୁ ରୋକିବା ପାଇଁ କରାଯାଉଥିବା ଯୋଜନା ଓ ତାହାର କାର୍ଯ୍ୟକାରିତା ଭିତରେ ବହୁତ ପ୍ରଭେଦ ଥିବା ଭଳି ମନେହେଉଛି।

ସରକାରୀ ସ୍ତରରେ ସବୁ ଚାହିଦାକୁ ପୂରଣ କରାଯାଇପାରିବ ନାହିଁ। ଏଭଳି ସ୍ଥଳେ ସାମାଜିକ ଓ ପରିବେଶ ଦିଗରେ କାର୍ଯ୍ୟ କରୁଥିବା ସଙ୍ଗଠନକୁ ସବୁ ଦିଗରୁ ସହଯୋଗ ମିଳିଲେ ପରିବର୍ତ୍ତନ ବଡ଼ ଆକାରରେ ଆସିପାରନ୍ତା। ୭ ଅଗଷ୍ଟରେ ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଗୁହାଳିଆ ଗ୍ରାମର ଦେବଗିରି ପାହାଡ଼ ପାଦଦେଶ ଖରାଖାଇ ପଡ଼ିଆରେ 'ବିକାଶ ସାଥୀ' ସଙ୍ଗଠନ ଦ୍ୱାରା ଆରମ୍ଭ କରାଯାଇଥିବା 'ହାତୀ ସଭା' ଏକ ଅଭିନବ ଚିନ୍ତାର ବାର୍ତ୍ତା ଦେଇଛି।

ପ୍ରତିକାର ସ୍ୱରୂପ ଜନବସତି ନିକଟରେ ଯେଉଁ ବିଦ୍ୟୁତ୍ ଲାଇନ ରହୁଛି ତାହାକୁ ଠିକ୍ ଭାବେ ଦେଖାଯାଉନାହିଁ କିମ୍ବା ଜନସାଧାରଣ ତାର ବିଛାଇ ହାତୀ ମାରିଦେବା ଘଟଣାରେ ବନ ବିଭାଗର ଦାୟିତ୍ୱହୀନତା ପ୍ରମାଣିତ ହେଉଛି। ଏକ ରିପୋର୍ଟରୁ ଜଣାପଡ଼ିଛି, ଭାରତବର୍ଷରେ ହାତୀ ଓ ମଣିଷ ମୃତ୍ୟୁରେ ଓଡ଼ିଶା ସବୁଠୁ ଆଗରେ ରହିଛି। ତେଣୁ ଅସ୍ୱାଭାବିକ ସ୍ଥିତିକୁ ପାର କରିବା ପାଇଁ କେବଳ ଟ୍ରେନ୍ ଭିତ୍ତିଭୂମି ବିକାଶ ବେଳେ ହାତୀ ସୁରକ୍ଷା ବିଷୟ ପର୍ଯ୍ୟାପ୍ତ ହେବ ନାହିଁ। ଏଥିସହିତ ଅନ୍ୟାନ୍ୟ ଦିଗକୁ ଗୁରୁତ୍ୱ ଦିଆଯିବା ଉଚିତ। ଜଙ୍ଗଲରେ କୃତ୍ରିମ ହ୍ରଦ ସୃଷ୍ଟି କରିବା ସହ ଖାଦ୍ୟ ପାଇଁ ବିଭିନ୍ନ ଫଳଜାତୀୟ ବୃକ୍ଷ ବଢ଼ାଇବାର ଆବଶ୍ୟକତା ପଡ଼ିଲାଣି। ବିକାଶ ପାଇଁ ଜଙ୍ଗଲ ଓ ଜନ୍ତୁଙ୍କୁ ଅଣଦେଖା କରାଗଲେ ମଣିଷ ତିଷ୍ଠିବା କଷ୍ଟକର ହେବ। ଶିକାରୀଙ୍କ ଉପରେ କଡ଼ା ନଜର ରଖିବା ଲାଗି ଅଧିକ ସଂଖ୍ୟକ ଫରେଷ୍ଟଗାର୍ଡ ସହିତ ଅତ୍ୟାଧୁନିକ କ୍ୟାମେରା ଭଳି ନୂତନ ପ୍ରଯୁକ୍ତି ବ୍ୟବହାର କରାଯିବା ଦରକାର। ଏଥିସହ ହାତୀ କରିଡର (ହାତୀ ଚଲାପଥ) ନିର୍ମାଣ ସକାଶେ ବହୁ ଦଶନ୍ଧି ଧରି ଆଲୋଚନା ହେବା ସତ୍ତ୍ୱେ ଓଡ଼ିଶା ଭଳି ରାଜ୍ୟରେ କୌଣସି କାର୍ଯ୍ୟ ବ୍ୟବସ୍ଥିତ ଢଙ୍ଗରେ ହେଉନାହିଁ। ସେଥିପାଇଁ ବାସ୍ତବ କ୍ଷେତ୍ରରେ ସ୍ଥିତିରେ ପରିବର୍ତ୍ତନ ଦେଖାଯାଉନାହିଁ। ଦୁଇ ହାତରେ ତାଳି ବାଜିବା ଭଳି ମନେରଖିବାକୁ ହେବ ଯେ, ହାତୀ ସୁରକ୍ଷା ସେତିକିବେଳେ ଶହେ ପ୍ରତିଶତ ହୋଇପାରିବ ଯେତେବେଳେ ସେମାନଙ୍କ ଚଲାପଥ ନିକଟରେ ବସବାସ କରୁଥିବା ଜନବସତିର ମଣିଷ ଜୀବନ ସହିତ ସମ୍ପତ୍ତି ସୁରକ୍ଷିତ ରହିବାର ବ୍ୟବସ୍ଥା କରାଯାଇପାରିବ। ଏଥିରେ ଜନସାଧାରଣଙ୍କ ସହଯୋଗ ସର୍ବାଗ୍ରେ ରହିବାର ଆବଶ୍ୟକତା ପଡ଼ିଲାଣି। କାରଣ ସରକାରୀ ସ୍ତରରେ ସବୁ ଚାହିଦାକୁ ପୂରଣ କରାଯାଇପାରିବ ନାହିଁ। ଏଭଳି ସ୍ଥଳେ ସାମାଜିକ ଓ ପରିବେଶ ଦିଗରେ କାର୍ଯ୍ୟ କରୁଥିବା ସଙ୍ଗଠନକୁ ସବୁ ଦିଗରୁ ସହଯୋଗ ମିଳିଲେ ପରିବର୍ତ୍ତନ ବଡ଼ ଆକାରରେ ଆସିପାରନ୍ତା। ୭ ଅଗଷ୍ଟରେ ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଗୁହାଳିଆ ଗ୍ରାମର ଦେବଗିରି ପାହାଡ଼ ପାଦଦେଶ ଖରାଖାଇ ପଡ଼ିଆରେ 'ବିକାଶ ସାଥୀ' ସଙ୍ଗଠନ ଦ୍ୱାରା ଆରମ୍ଭ କରାଯାଇଥିବା 'ହାତୀ ସଭା' ଏକ ଅଭିନବ ଚିନ୍ତାର ବାର୍ତ୍ତା ଦେଇଛି।

# ବୀମାଶିଳ୍ପରେ ଏଫ୍‌ଡିଆଇ ଅନାବଶ୍ୟକ



ଡ. ସନ୍ତୋଷ କୁମାର ମହାପାତ୍ର

ବିଦେଶୀ ବୀମା କମ୍ପାନୀଙ୍କ ସ୍ୱାର୍ଥ ପାଇଁ ବୀମା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ବା ଏଫ୍‌ଡିଆଇ ସୀମାକୁ ୭୪%ରୁ ଶତ ପ୍ରତିଶତକୁ ବୃଦ୍ଧି କରିବାକୁ ସରକାର ବଦ୍ଧପରିକର। ଏଥି ପାଇଁ ରିଜର୍ଭ ବ୍ୟାଙ୍କର ଅନୁମୋଦନ ଆବଶ୍ୟକ ପଡ଼ିବ ନାହିଁ, ବରଂ ସିଧାସଳଖ ଆସିପାରିବ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ବୀମା ଆଇନ ଓ ନିୟମରେ ସଂଶୋଧନ କରିବାକୁ ପ୍ରତିଶ୍ରୁତିବଦ୍ଧ। କିନ୍ତୁ ସଂସଦୀୟ କମିଟି ସରକାରଙ୍କୁ ସତର୍କ କରିଦେଇଛି ଯେ ବିଦେଶୀ କମ୍ପାନୀ ଲାଭ ନିଜ ଦେଶକୁ ନେଇଯିବାର କୁପ୍ରଭାବ ଭାରତ ଉପରେ ପଡ଼ିପାରେ। ଅବଶ୍ୟ ବିଦେଶୀ କମ୍ପାନୀଗୁଡ଼ିକର ଆମର ଘରୋଇ ସଞ୍ଚୟ ଉପରେ ଅଧିକ ନିୟନ୍ତ୍ରଣ ରହିବ ଯାହା ଅର୍ଥନୀତି ପାଇଁ କ୍ଷତିକାରକ। ନିବେଶ ଏବଂ ଅଭିବୃଦ୍ଧିରେ ଘରୋଇ ସଞ୍ଚୟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ଆଶଙ୍କା କରାଯାଉଛି ଯେ ଏପରି ନିଷ୍ପତ୍ତି ଜାତୀୟକରଣର ପୂର୍ବ ଯୁଗକୁ ନେଇଯିବ ଯେତେବେଳେ ବୀମାଧାରୀଙ୍କ ଟଙ୍କା ଘରୋଇ କମ୍ପାନୀଗୁଡ଼ିକ ଦ୍ୱାରା ଅପବ୍ୟବହାର କରାଯାଇଥିଲା।

ଏଫ୍‌ଡିଆଇ ସୀମା ବୃଦ୍ଧି ସପକ୍ଷରେ ଏକ ଯୁକ୍ତି ହେଉଛି ବିଦେଶୀ କମ୍ପାନୀ ଅଧିକ ପୁଞ୍ଜି ଆଣିବେ, ସ୍ୱାଧୀନ ଭାବେ କାର୍ଯ୍ୟ କରିବେ। କିନ୍ତୁ ବିଦେଶୀ କମ୍ପାନୀଗୁଡ଼ିକ ବର୍ତ୍ତମାନର ୭୪% ଏଫ୍‌ଡିଆଇ ସୀମାର କେବଳ ୩୨.୬୭% ବ୍ୟବହାର କରିଛନ୍ତି। ବହୁ କମ୍ ବିଦେଶୀ କମ୍ପାନୀ ୭୪% ଏଫ୍‌ଡିଆଇ ସୀମା ଛୁଇଁଛନ୍ତି। ୨୦୦୦ରୁ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ, ଭାରତର ବୀମା କ୍ଷେତ୍ରରେ ୮୨,୮୪୭ କୋଟି ଟଙ୍କାର ଏଫ୍‌ଡିଆଇ ଆସିଥିଲା, ଯେଉଁଥିରୁ ଡିସେମ୍ବର ୨୦୧୪ରୁ ଜାନୁଆରୀ ୨୦୨୪ ମଧ୍ୟରେ ୫୩,୯୦୦ କୋଟି ଟଙ୍କା (୬.୫ ବିଲିୟନ ଡଲାର) ଏଫ୍‌ଡିଆଇ ଆସିଥିଲା। ପ୍ରାୟ ୯ଟି ବିଦେଶୀ ବୀମା କମ୍ପାନୀ ଭାରତୀୟ ବୀମା ବଜାରରୁ ତାଙ୍କ ପୁଞ୍ଜି ନେଇ ନିଜ ଦେଶକୁ ଚାଲିଯିବାବେଳେ ଗତ ଦଶ ବର୍ଷରେ କେବଳ ଦୁଇଟି ନୂତନ ଜୀବନ ବୀମା କମ୍ପାନୀ ଏହି କ୍ଷେତ୍ରରେ ପ୍ରବେଶ କରିଛନ୍ତି। ଏଫ୍‌ଡିଆଇ ବୃଦ୍ଧିକୁ ଜୋରଦାର ବିରୋଧ କରୁଥିବା ଅଲ୍ ଇଣ୍ଡିଆ ଇନ୍ସ୍ୟୁରାନ୍ସ ଏମ୍ପ୍ଲଇଜ ଆସୋସିଏଶନ କହିଛି ଯେ ଏହି ବିଦେଶୀ କମ୍ପାନୀଗୁଡ଼ିକ ନିଜ ପୁଞ୍ଜିର ପ୍ରତ୍ୟାହାର ବା ଲାଭ ନିଜ ଦେଶକୁ ନେବା ବାବଦରେ ଆମ ଦେଶରୁ ୬୮,୭୪୦ କୋଟି ଟଙ୍କା ନେଇଛନ୍ତି। ଏହା ସୂଚାଉଛି ଯେ ଭାରତକୁ ବିଦେଶୀ ପୁଞ୍ଜି କ'ଣ ଆସିବ, ବରଂ ଭାରତୀୟମାନଙ୍କ ସଞ୍ଚୟ ବିଦେଶକୁ ଚାଲିଯାଉଛି।




ପ୍ରଚାର କରାଯାଉଛି ଯେ ଭାରତର ବୀମା କ୍ଷେତ୍ରରେ ଏଫ୍‌ଡିଆଇ ବୃଦ୍ଧି ଯୋଗୁ ଇନସ୍ୟୁରାନ୍ସ ପେନିଟ୍ରେଶନ ବା ବୀମା ପ୍ରବେଶ , ଇନସ୍ୟୁରାନ୍ସ ଡେନ୍‌ସିଟି (ବୀମା ଘନତା) ବୃଦ୍ଧି ପାଇବ ଏବଂ ବୀମା ସୁରକ୍ଷା ବ୍ୟବଧାନ ହ୍ରାସ ପାଇବ। ୨୦୪୭ ସୁଦ୍ଧା 'ସମସ୍ତଙ୍କ ପାଇଁ ବୀମା' ଲକ୍ଷ୍ୟ ହାସଲ ହୋଇପାରିବ। କିନ୍ତୁ ଏଫ୍‌ଡିଆଇ ସୀମା ବୃଦ୍ଧି ସତ୍ତ୍ୱେ ଭାରତ ବିଶ୍ୱ ବୀମା ପ୍ରବେଶ ର୍ୟାଙ୍କିଙ୍ଗରେ ୨୫ତମ ସ୍ଥାନରେ ରହିଛି। ଭାରତରେ ବୀମା ପ୍ରବେଶ ହାର ଜିଡିପି ଅନୁସାରେ ବାର୍ଷିକ ପ୍ରିମିୟମର ଅନୁପାତ– ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇନାହିଁ। ୨୦୦୧ରେ ବୀମା ପ୍ରବେଶ ହାର ୨.୭୧% ଥିଲା, ଯାହା ୨୦୦୯–୧୦ରେ ୫.୨%କୁ ବୃଦ୍ଧିପାଇଥିଲା। ଏହା ୨୦୨୨–୨୩ରେ ୪% ଏବଂ ୨୦୨୩–୨୪ରେ ୩.୭%କୁ ହ୍ରାସ ପାଇଛି। ୨୦୨୩–୨୪ରେ ବିଶ୍ୱରେ ଏହା ହାରାହାରି ୭% ଥିଲା। ଜୀବନ ବୀମା କ୍ଷେତ୍ରର ପ୍ରବେଶ ହାର୨୦୦୧ରେ ୨.୧୫%ରୁ ବୃଦ୍ଧି ପାଇ ୨୦୦୯–୧୦ରେ ୪.୬%ରେ ପହଞ୍ଚି ଥିଲା, ଯାହା ହ୍ରାସ ପାଇ ୨୦୨୨–୨୩ ରେ ୩% ଏବଂ ୨୦୨୩–୨୪ରେ ୨.୮% ହୋଇଛି। ଅପର ପକ୍ଷରେ ସାଧାରଣ ବୀମା ପ୍ରବେଶ ହାର୨୦୦୧ରେ ୦.୫୬%ରୁ ବୃଦ୍ଧି ପାଇ ୨୦୦୯–୧୦ରେ ୦.୬% ଏବଂ ୨୦୧୦–୧୧ରେ ୦.୭% ହୋଇଛି। ୨୦୨୩–୨୪ ବର୍ଷ ସହିତ ଗତ ୪ ବର୍ଷରେ ପ୍ରାୟତଃ ୧% ରହିଛି। ପ୍ରକୃତରେ, ଭାରତର ଜୀବନ ବୀମା ପ୍ରବେଶ ହାର ବିଶ୍ୱ ହାର ୨.୯% ସହିତ ସମାନ ବା ଅଧିକ। କିନ୍ତୁ ବିଶ୍ୱରେ ସାଧାରଣ ବୀମା ପ୍ରବେଶ ହାର ୪.୨% ଥିଲାବେଳେ ଭାରତରେ ଏହା ୦.୯%। ଏହି ପାର୍ଥକ୍ୟର କାରଣ ହେଲା ଭାରତୀୟମାନେ ସାଧାରଣତଃ ଯାନବାହନ ବ୍ୟତୀତ ଅନ୍ୟ ସମ୍ପତ୍ତିର ସାଧାରଣ ବୀମା କରନ୍ତି ନାହିଁ।

ସେହିପରି ବୀମା ଘନତା– ପ୍ରତି ମୁଣ୍ଡପିଛା ବୀମା ପ୍ରିମିୟମ –୨୦୦୧ରେ ୧୧.୫ ଡଲାର ଥିଲା। ତାହା ୨୦୨୨–୨୩ରେ ୯୨ଡଲାର (୮,୦୩୫ ଟଙ୍କା) ଏବଂ ୨୦୨୩–୨୪ରେ ୯୫ଡଲାର (୮,୨୯୭ ଟଙ୍କା)ରେ ପହଞ୍ଚିଛି। ୨୦୨୩–୨୪ରେ ବିଶ୍ୱରେ ଏହା ହାରାହାରି ୮୮୯ ଡଲାର ଥିଲା। ୨୦୨୨–୨୩ ଏବଂ ୨୦୨୩–୨୪ ମଧ୍ୟରେ, ସାଧାରଣ ବୀମା ଘନତା ୨୨ ଡଲାରରୁ ୨୫ ଡଲାରକୁ ବୃଦ୍ଧି ପାଇଥିଲାବେଳେ ଜୀବନ ବୀମା ଘନତା ୭୦ ଡଲାରରେ ସ୍ଥିର ରହିଥିଲା। ବିଶ୍ୱ ହାରାହାରି ତୁଳନାରେ ଭାରତର ବୀମା ଘନତା କମ ହେବାର କାରଣ ହେଉଛି ଏହା ଟଙ୍କାରୁ ଡଲାରର ବିନିମୟ ହାରରେ (୮୫ ଟଙ୍କା =୧ ଡଲାର ) ପ୍ରକାଶ ହୁଏ, କିନ୍ତୁ କ୍ରୟ ଶକ୍ତି ସମାନତାରେ (୨୦.୬୦ଟଙ୍କା =୧ ଡଲାର ) ନୁହେଁ। ଏହା ବ୍ୟତୀତ ଯେତେବେଳେ ଭାରତ ମୁଣ୍ଡପିଛା ଜିଡିପି କ୍ଷେତ୍ରରେ ପ୍ରାୟ ୧୪୧ଦେଶ ପଛରେ ଅଛି ଏବଂ ଏକ ନିମ୍ନ ମଧ୍ୟମ ଆୟ ଦେଶ ଭାବରେ୨୦୦୭ରୁ ରହିଛି, ସେତେବେଳେ କେବଳ ଏଫ୍‌ଡିଆଇ ସୀମା ବୃଦ୍ଧିକଲେ ବୀମା ପ୍ରବେଶ ଓ ବୀମା ଘନତା ହାର ବୃଦ୍ଧି ପାଇବ ନାହିଁ। ଆଶ୍ଚର୍ଯ୍ୟଜନକ କଥା ଯେ, ଘରୋଇ ବୀମା କମ୍ପାନୀଗୁଡ଼ିକର ସଂଖ୍ୟା ବୃଦ୍ଧି ଏବଂ ଏଫ୍‌ଡିଆଇ ସୀମା ବୃଦ୍ଧି ସତ୍ତ୍ୱେ, ଭାରତରେ ବୀମା ସୁରକ୍ଷା ବ୍ୟବଧାନ ଭୟଙ୍କର। ବୀମା ସୁରକ୍ଷା ବ୍ୟବଧାନ (ଆଇପିଜି) ପ୍ରତ୍ୟେକ ଦେଶରେ ସମ୍ଭାବ୍ୟ ସର୍ବୋତ୍ତମ ବୀମା କଭରେଜ ଏବଂ ପ୍ରକୃତ କଭରେଜ ମଧ୍ୟରେ ପାର୍ଥକ୍ୟ ସୂଚାଇ ଥାଏ। ଅନ୍ୟ ଶବ୍ଦରେ, ଏହା ବୀମାଭୁକ୍ତ ନ ହେବା ଜନିତ କ୍ଷତିକୁ ସୂଚାଇଥାଏ। ୨୦୨୩ର ଜାତୀୟ ବୀମା ଏକାଡେମୀ (ଏନ୍‌ଆଇଏ) ଅଧ୍ୟୟନ ଅନୁସାରେ, ଭାରତରେ ବୀମା ସୁରକ୍ଷା ବ୍ୟବଧାନ ୨୦୧୯ରେ ୮୩% ଥିଲା ଏବଂ ତାହା୨୦୨୩ରେ ୮୭%କୁ ବୃଦ୍ଧି ପାଇଛି। ୧୮ରୁ ୩୫ବର୍ଷ ବୟସର ଯୁବକଙ୍କ ମଧ୍ୟରେ ଏହା ୯୦%ରୁ ଅଧିକ। ଏହାର ଅର୍ଥ ହେଉଛି ଅନେକ ଭାରତୀୟ ବୀମାଭୁକ୍ତ ହୋଇନାହାନ୍ତି। ଏହା ପରିବାରର ଆର୍ଥିକ ସୁରକ୍ଷା ପ୍ରତି ଏକ ଗମ୍ଭୀର ବିପଦ ସୃଷ୍ଟି କରୁଛି। ବିଦେଶୀ କମ୍ପାନୀଙ୍କ ସଂଖ୍ୟା ବଢ଼ିଲେ ଏହା ଦୂର ହେବ ନାହିଁ। କାରଣ ଯେତେବେଳେ ବିଶ୍ୱ ବ୍ୟାଙ୍କ ଅନୁଯାୟୀ ୩୫ କୋଟି ଭାରତୀୟ ଭଲ ଜୀବନ ଯାପନ କରିପାରୁ ନାହାନ୍ତି ଏବଂ ୮୦ କୋଟି ଖାଦ୍ୟ ସହାୟତା ଉପରେ ନିର୍ଭର କରୁଛନ୍ତି, ସେତେବେଳେ ସମସ୍ତେ କିପରି ବୀମା କରିବେ ?

ପ୍ରକୃତରେ, ୨୦୦୯–୧୦ରେ ଭାରତରେ ବୀମା ପ୍ରବେଶ ହାର ରେକର୍ଡ ସର୍ବାଧିକ ୫.୨% ଥିଲା, ଯେତେବେଳେ ନିଟ୍ ଆର୍ଥିକ ସଞ୍ଚୟ ଜିଡିପିର ୧୨.୧୦% ଥିଲା, ଯାହା ରେକର୍ଡ ସର୍ବାଧିକ। ବୀମା, ବ୍ୟାଙ୍କ, ଶେୟାର, ପୋଷ୍ଟାଲ ସଞ୍ଚୟ ଆଦି ଆର୍ଥିକ ସଞ୍ଚୟର ଅଂଶ। କିନ୍ତୁ ବର୍ତ୍ତମାନ ନିଟ୍ ଆର୍ଥିକ ସଞ୍ଚୟ ୫.୨%କୁ ହ୍ରାସ ପାଇଛି, ଯାହା ଚାରି ଦଶନ୍ଧିର ସର୍ବନିମ୍ନ। ଯଦି ନିଟ୍ ଆର୍ଥିକ ସଞ୍ଚୟ ବୃଦ୍ଧି ନ ହୁଏ, ତେବେ ଏଫ୍‌ଡିଆଇ ବୃଦ୍ଧି ବୀମା ପ୍ରବେଶ ଏବଂ ଘନତା ବୃଦ୍ଧି କରିପାରିବ ନାହିଁ। ନିଟ୍ ଆର୍ଥିକ ସଞ୍ଚୟ ବୃଦ୍ଧି ଘଟିବ ଯଦି ଲୋକଙ୍କର ଟିକସ ପରେ ବ୍ୟବହାରଯୋଗ୍ୟ ଆୟ ବୃଦ୍ଧି ପାଇବ। ଧନୀମାନେ ଅଧିକ ରିଟର୍ନ ପାଇଁ ରିୟଲ ଇଷ୍ଟେଟ ଏବଂ ସୁନାରେ ନିବେଶ କରିବାକୁ ପସନ୍ଦ କରୁଛନ୍ତି। ବର୍ନଷ୍ଟାଇନଙ୍କ ଏକ ନୂତନ ରିପୋର୍ଟ ଅନୁଯାୟୀ, ଭାରତର ପ୍ରାୟ ୬୦% ଧନୀ ନାଗରିକଙ୍କ ସମ୍ପତ୍ତି ରିୟଲ ଇଷ୍ଟେଟ ଏବଂ ସୁନାରେ ଅର୍ଥ ନିବେଶ କରୁଛନ୍ତି। ତେଣୁ ବୀମା ସମେତ ଅନ୍ୟାନ୍ୟ ଆର୍ଥିକ ସଞ୍ଚୟ ପ୍ରଭାବିତ ହେବା ସ୍ୱାଭାବିକ। ପୁନଶ୍ଚ ବୀମା ପ୍ରିମିୟମର ରିସ୍କ କମ୍ପୋନେଣ୍ଟ ଉପରେ ୧୮% ଜିଏସ୍‌ଟି ଆଦାୟ କରିବା, ନୂତନ ଟିକସ ବ୍ୟବସ୍ଥାରେ ବୀମାରେ ସଞ୍ଚୟଜନିତ କୌଣସି ଟିକସ ରିହାତି ପ୍ରାପ୍ତ ନ ହେବା ପ୍ରକ୍ରିୟାର କୁପ୍ରଭାବ ପଡୁଛି। ତେଣୁ ଏଫ୍‌ଡିଆଇ ବୃଦ୍ଧିକୁ ଶତ ପ୍ରତିଶତକୁ ବୃଦ୍ଧି କରିବାର ପ୍ରସ୍ତାବ ହାସ୍ୟାସ୍ପଦ, ନିଷ୍ପ୍ରୟୋଜନ ଏବଂ ଅଯୌକ୍ତିକ ମନେହୁଏ। ଲୋକଙ୍କ ବ୍ୟବହାରଯୋଗ୍ୟ ଆୟ ବୃଦ୍ଧି କରିବାପାଇଁ ସରକାର ପଦକ୍ଷେପ ନେବା ଉଚିତ।

ମୋ:୯୪୩୭୨୦୮୭୬୨

# ମାନସିକତାରେ ପରିବର୍ତ୍ତନ ଜରୁରୀ



ସୁକାନ୍ତ କୁମାର ପଟେଲ

ଦେଶରେ ପ୍ରତିଟି କ୍ଷେତ୍ରରେ ଅନେକ ନିୟମ ପ୍ରଣୟନ କରାଯିବା ସହ ଏହାର ସମୟୋଚିତ ସଂଶୋଧନ କରାଯାଉଛି। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଏହାଦ୍ୱାରା ମହିଳାମାନେ ସୁରକ୍ଷିତ ରହିବା କଷ୍ଟକର। ନାରୀ ନିର୍ଯାତନା, ମହିଳା ଓ ନାବାଳିକା ଗଣବଳାତ୍କାର, ଯୌତୁକ ନିର୍ଯାତନା ଜନିତ ମୃତ୍ୟୁ, ଶିକ୍ଷାନୁଷ୍ଠାନ ଏବଂ କାର୍ଯ୍ୟ କ୍ଷେତ୍ରରେ ମହିଳାମାନଙ୍କ ପ୍ରତି ଶାରୀରିକ ଏବଂ ମାନସିକ ନିର୍ଯାତନା ଇତ୍ୟାଦି ପ୍ରତ୍ୟହ ଗଣମାଧ୍ୟମର ଶିରୋନାମା ମଣ୍ଡନ କରୁଛି। କେବଳ ନୂତନ ନିୟମ ପ୍ରଣୟନ କିମ୍ବା ବନ୍ଦ ପାଳନ କରାଗଲେ ଏ ସମସ୍ୟାର ସମାଧାନ ନିଶ୍ଚିତ ଭାବେ ଅସମ୍ଭବ। ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ନେବା ନିଷେଧ କରାଗଲା, ଯେଉଁ ନିୟମ ଆଗରୁ ଥିଲା କିନ୍ତୁ କାର୍ଯ୍ୟକାରୀ ହେଉ ନ ଥିଲା। ଏହା ବଦଳରେ କାଚ ବୋତଲରେ କିମ୍ବା ଟିଣ ଡବାରେ ପେଟ୍ରୋଲ ନେଇ ହେବ। ତେବେ କାଚ କିମ୍ବା ଟିଣ ଡବାରେ ପେଟ୍ରୋଲ ନେଲେ ଆତ୍ମାହୁତି କିମ୍ବା ଜଳାପୋଡ଼ା ହ୍ରାସ ପାଇବ ତ ?

ଶିକ୍ଷା କ୍ଷେତ୍ର, କର୍ମ କ୍ଷେତ୍ର କିମ୍ବା ପରିବାରରେ ମହିଳାମାନଙ୍କ ପ୍ରତି ଅନେକ ସମୟରେ ଅନ୍ୟାୟ, ଉତ୍ପୀଡ଼ନ, ଅପମାନ, ଘରୋଇ ହିଂସା, ଶାରୀରିକ ନିର୍ଯାତନା କିମ୍ବା ଯୌନ ନିର୍ଯାତନା ହୋଇଥାଏ। ଲଜ୍ଜା, ଅପମାନ, ପାରିବାରିକ ସମ୍ମାନହାନି ଏବଂ ଭୟ ଇତ୍ୟାଦି ଯୋଗୁ ମହିଳାମାନେ ଏହାକୁ ପରିପ୍ରକାଶ କରିପାରନ୍ତି ନାହିଁ କିମ୍ବା ବିରୋଧ କରିବାକୁ ସାହସ କରନ୍ତି ନାହିଁ। ବାଲେଶ୍ୱରର ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା ପରେ ସରକାର ଶିକ୍ଷାନୁଷ୍ଠାନଗୁଡ଼ିକରେ ନାରୀ ସୁରକ୍ଷା ନିମନ୍ତେ 'ଶକ୍ତି ଶ୍ରୀ'ଆପ୍ ପ୍ରଣୟନ କରିଛନ୍ତି। ଏହାଦ୍ୱାରା ମହିଳାମାନେ ଶତପ୍ରତିଶତ ସୁରକ୍ଷିତ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟିକରିଛି । ଶିକ୍ଷାନୁଷ୍ଠାନରେ ପହଞ୍ଚିବା ଏବଂ ସେଠାରୁ ଫେରିବା ସମୟରେ ସେମାନଙ୍କୁ ସୁରକ୍ଷା ଦେବା ସମ୍ଭବ ନୁହେଁ। ଏବେ ସମସ୍ତେ ଚେଇଁ ଉଠିଛନ୍ତି। ପୂର୍ବରୁ ଶିକ୍ଷାନୁଷ୍ଠାନରେ ଆଇସିସି ଅଥବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ ପାଇଁ ନିୟମ ଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଥିଲା, ଯାହା ପାଇଁ ଆଜି ସମସ୍ତେ ତତ୍ପର।

ପୂର୍ବରୁ ଓଡ଼ିଶାରେ ୧୯୮୦ର ଛବିରାଣୀ ହତ୍ୟାକାଣ୍ଡ, ଇତିଶ୍ରୀ, ମମିତା ମେହେର, ନାବାଳିକା ପରୀ ହତ୍ୟାକାଣ୍ଡ, ଅଞ୍ଜନା ମିଶ୍ର ମାମଲା, ବେବିନା ମୃତ୍ୟୁ ରହସ୍ୟ, କୁନ୍ଦୁଲି ହତ୍ୟାକାଣ୍ଡ, ବିଜେବି କଲେଜ ଛାତ୍ରୀ ରୁଚିକାର ଆତ୍ମହତ୍ୟା, ପୁରୀର କଣାସରେ ଆୟୁର୍ବେଦିକ ଡାକ୍ତର ମାଧବୀ ଲତାଙ୍କ ରହସ୍ୟଜନକ ମୃତ୍ୟୁ ଇତ୍ୟାଦି ଅନେକ ଘଟଣା ସମସ୍ତଙ୍କ ମାନସ ପଟରୁ ବୋଧ ହୁଏ ଅନ୍ତର୍ହିତ ହୋଇସାରିଥିବ। କିନ୍ତୁ ସେମାନଙ୍କ ପରିବାର କ'ଣ ସେମାନଙ୍କୁ ଭୁଲିସାରିଥିବେ ? ପୁରୀର ବଳଙ୍ଗା ଘଟଣା ପରେ ମଧ୍ୟ ମାଲକାନଗିରିରେ ଓ ଜଗତସିଂହପୁର ରେ ଗଣ ବଳାତ୍କାର, ଯାଜପୁରରେ ହକି ଖେଳାଳିଙ୍କ ଯୌନ ଉତ୍ପୀଡ଼ନ, ଜଗତସିଂହପୁର ସ୍ୱାମୀ ଅରୂପାନନ୍ଦ କଲେଜରେ ଛାତ୍ରୀଙ୍କ ପ୍ରତି ଯୌନ ନିର୍ଯାତନା ଇତ୍ୟାଦି ଆଜି ଓଡ଼ିଶାର ସଭ୍ୟ ସମାଜରେ ଆଲୋଡ଼ନ ସୃଷ୍ଟି କରିଛି। କେହି କେହି ପ୍ରଶ୍ନ କରନ୍ତି ଏପରି ନିର୍ଯାତନା ଅନ୍ତ ଘଟିବ କେବେ।



ଭାରତରେ ନାରୀ ସୁରକ୍ଷା ଯୁଗେ ଯୁଗେ ଏକ ସମସ୍ୟା ସୃଷ୍ଟି କରିଛି। ଆମ ଦେଶର ପୁରୁଷକେନ୍ଦ୍ରିକ ସମାଜରେ ନାରୀର ସ୍ଥିତି ସବୁବେଳେ ପୁରୁଷଠାରୁ ନିମ୍ନରେ। ପ୍ରତ୍ୟେକ ପରିବାରରେ ପୁଅକୁ ଯେଭଳି ଗୁରୁତ୍ୱ ପ୍ରଦାନ କରାଯାଏ ସେପରି ଝିଅକୁ ପ୍ରଦାନ କରାଯାଏ ନାହିଁ। ଏହାର କାରଣ ସୁସ୍ପଷ୍ଟ। ପୁଅଟିଏ ହେଲେ ଉତ୍ତରାଧିକାରୀ ଏବଂ ବଂଶରକ୍ଷାକାରୀ ହେବ। ଏହାହିଁ ବିଶେଷତ୍ୱ। ଯେଉଁଦିନ ପର୍ଯ୍ୟନ୍ତ ଆମ ପରିବାରରେ ଆମେ ଗୋଟିଏ ପୁଅ ଏବଂ ଝିଅ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରୁଥିବା ଆମ ସମାଜରେ ନାରୀମାନେ ଏପରି ଭାବରେ ନିର୍ଯାତନା ଭୋଗ କରୁଥିବେ।

ଭାରତୀୟ ସମ୍ବିଧାନରେ ଯେତେ ମହିଳା ସୁରକ୍ଷା ନିୟମ ଓ ଆଇନ ଅଛି ତାହା ସୁଚାରୁ ରୂପେ ପାଳନ କରାଯାଉନାହିଁ। ଏହିସବୁ ଆଇନକୁ ଅଗ୍ରାଧିକାର ଭିତ୍ତିରେ ପାଳନ କରାଯିବା ସହ ଏହାକୁ ତ୍ୱରାନ୍ୱିତ ଏବଂ ଅଧିକ କାର୍ଯ୍ୟକ୍ଷମ କରାଯିବା ଆବଶ୍ୟକ। ଯୌତୁକ ନିରୋଧ ଆଇନ ୧୯୬୧ ଅନୁଯାୟୀ ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲଦଣ୍ଡ ସହ ୧୫,୦୦୦ ଟଙ୍କା ଜରିମାନା ପ୍ରଦାନ ପାଇଁ ଆଇନ ରହିଛି। ଭାରତୀୟ ଦଣ୍ଡ ସଂହିତାର ଧାରା ୪୯୮(କ) ଅନୁସାରେ ଯୌତୁକ ନିର୍ଯାତନା ହେଲେ ଅପରାଧୀଙ୍କୁ ୩ ବର୍ଷ ଜେଲଦଣ୍ଡ ଏବଂ ଜରିମାନା ଆଦାୟ ପାଇଁ ନିୟମ ରହିଛି। ଘରୋଇ ହିଂସା ଜନିତ ଘଟଣାରେ ଅପରାଧୀଙ୍କୁ ଦଣ୍ଡ ବିଧାନ ପାଇଁ ଘରୋଇ ହିଂସା ନିବାରଣ ଆଇନ ୨୦୦୫ ଏବଂ ନିୟମ ପ୍ରଣୟନ କରାଯାଇଛି। ମହିଳାଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ନିରୋଧ ଆଇନ ୧୯୮୬ ଏବଂ କାର୍ଯ୍ୟ କ୍ଷେତ୍ରରେ ସମାନ ପାରିଶ୍ରମିକ ପାଇଁ ପାରିଶ୍ରମିକ ଆଇନ ୧୯୭୬ ମଧ୍ୟ ଲାଗୁ କରାଯାଇଛି। ଭାରତୀୟ ନ୍ୟାୟ ସଂହିତାର ଧାରା ୭୪ (ଆଇପିସି ଧାରା ୩୫୪ ) ଅନୁସାରେ ମହିଳାଙ୍କ ବିରୋଧରେ ଟିକା ଟିପ୍ପଣୀ ଅନୁସାରେ ଅଭିଯୁକ୍ତ ନିମନ୍ତେ ମଧ୍ୟ ଦଣ୍ଡ ବିଧାନ କରାଯାଇଛି। ତେବେ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ଯେତେ ଆଇନ ଏବଂ ନିୟମ ଲାଗୁ କଲେ ମଧ୍ୟ ଏହାର ପରିଣାମ ସକାରାତ୍ମକ ନୁହେଁ। ପୀଡ଼ିତା ଥାନା, ନ୍ୟାୟାଳୟର ଦାରସ୍ଥ ହେଲେ ମଧ୍ୟ କଚ୍ଛପ ଗତିର ଆମର ଏହି ନ୍ୟାୟ ବିଭାଗ ସବୁବେଳେ ଠୋସ୍ ପ୍ରମାଣ ଏବଂ ଚାକ୍ଷୁସ ପ୍ରମାଣ ଆବଶ୍ୟକ କରେ, ଯାହା କି ମିଳିବା କଷ୍ଟକର।

ଯୌନ ଉତ୍ପୀଡ଼ନ କହିଲେ ମହିଳାଙ୍କର ଅନିଚ୍ଛା ସତ୍ତ୍ୱେ ତାଙ୍କୁ ଦୁଃଖିତ , ଅପମାନିତ, ଭୟଭୀତ କରି ତାଙ୍କ ପ୍ରତି ଅବାଞ୍ଛିତ ଯୌନଗତ ପାଶବିକ ଆଚରଣକୁ ସାଧାରଣତଃ ବୁଝାଏ, ଯାହା ଆଇନରେ ଏହା ଏକ ଦଣ୍ଡନୀୟ ଅପରାଧ। ଏହାର ପରିସର ବ୍ୟାପକ। ବଳାତ୍କାର , ସହମତି ବିନା ଶାରୀରିକ ସମ୍ପର୍କ , ଲିଙ୍ଗ ଭିତ୍ତିରେ ଅପମାନଜନକ ଟିପ୍ପଣୀ, ପରିହାସ ଛଳରେ କାମୋଦ୍ଦୀପକ କଥା, ଯୌନ ସମ୍ପର୍କ ରଖିବାକୁ ବାଧ୍ୟ କରିବା ପରି ବାଚନିକ ଆଚରଣକୁ ମଧ୍ୟ ଯୌନ ଉତ୍ପୀଡ଼ନ। କିନ୍ତୁ କାହିଁକି ପୁରୁଷଙ୍କର ମହିଳାଙ୍କ ପ୍ରତି ଏ ପ୍ରକାର ମାନସିକ ବିକାରଗ୍ରସ୍ତ ଚିନ୍ତାଧାରା। ଆଜି ଡିଜିଟାଲ ଯୁଗରେ ମହିଳାମାନେ ସୁରକ୍ଷିତ ନୁହନ୍ତି। ଏଥିପାଇଁ ସମସ୍ତେ କାନ୍ଦୁଛନ୍ତି କିନ୍ତୁ କାହାରି ଆଖିରେ ଲୁହ ନାହିଁ। ବାସ୍ତବରେ ପ୍ରତ୍ୟେକ ପରିବାରରେ ଯେତେବେଳେ ଆମେ ପୁଅ ଏବଂ ଝିଅକୁ ସମ ଦୃଷ୍ଟିରେ ଦେଖିବା ସେତେବେଳେ ଆମର ମାନସିକତା ଏବଂ ମାନବିକତାରେ ପରିବର୍ତ୍ତନ ଆସିବ ଏବଂ ମହିଳା ମାନେ ସୁରକ୍ଷିତ ହେବେ।

**ଆଇନଜୀବୀ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ,**
**କଟକ, ମୋ:୭୦୦୮୩୫୦୪୭୭**

## ଏଇ ଭାରତରେ

ଆନ୍ଧ୍ରପ୍ରଦେଶର ଏକ ଦମ୍ପତି ଜଳ ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟକରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଏହି ଦମ୍ପତି ହେଉଛନ୍ତି ଆଇଏଫ୍‌ଏସ୍ ବିନୀତ କୁମାର ଓ ରୂପକ ଯାଦବ। ସେମାନେ ଅନନ୍ତପୁର ଜିଲାରେ ପୋଖରୀ ପୁନରୁଦ୍ଧାର କରୁଛନ୍ତି। ଏହିସବୁ ପୁଷ୍କରିଣୀ ବିଭିନ୍ନ କାରଣରୁ ଶୁଖିଯାଇଥିଲା। କଲ୍ୟାଣଦୁର୍ଗମ ଓ ରାୟଦୁର୍ଗମ ସହର ଆଖପାଖ ଗାଁଗୁଡ଼ିକରେ କୌଣସି ପୋଖରୀରେ ପାଣି ନ ଥିଲା। ସେମାନେ ଏବେ ସୁଦ୍ଧା ସେମିତିକା ୧୧ଟି ପୁଷ୍କରିଣୀର ପୁନରୁଦ୍ଧାର କରିସାରିଲେଣି। ଏବେ ସେସବୁ ଜଳପୂର୍ଣ୍ଣ। ଫଳରେ ଚାଷ କରି ନ ପାରି ଯେଉଁମାନେ ଗାଁ ଛାଡ଼ି ଚାଲିଯାଇଥିଲେ ସେମାନେ ଗାଁକୁ ଫେରି ଆସି କୃଷିକାର୍ଯ୍ୟରେ ଲାଗିଲେଣି। ଅନନ୍ତ ନିରୁ ସଂରକ୍ଷଣମ୍ ପ୍ରୋଜେକ୍ଟ ମାଧ୍ୟମରେ ସେମାନେ ଏହି କାର୍ଯ୍ୟ କରୁଛନ୍ତି। ଏହି ଦମ୍ପତିଙ୍କୁ ଗ୍ରାମବାସୀ ଓ ବନ ବିଭାଗ ସାହାଯ୍ୟ କରୁଛନ୍ତି। କେବଳ ଏତିକି ନୁହେଁ, ବିନୀତ ଓ ରୂପକ ପୋଖରୀ ପୁନରୁଦ୍ଧାର କରିବା ସହ ନୂଆ ପୋଖରୀ ଖନନ କରୁଛନ୍ତି। ପରିବେଶ ସୁରକ୍ଷା ସକାଶେ ସେମାନେ ବୃକ୍ଷରୋପଣ ମଧ୍ୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୧ ଅଗଷ୍ଟ ୧୯୭୬**

- କଲିକତାର ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟଙ୍କ ଇଜିଲାସରେ ଛୋଟ ବ୍ୟାଙ୍କ ଠକେଇ ଅଭିଯୋଗରେ ରାମନାଥ ଗୋଏଙ୍କା ଓ ଅନ୍ୟ ୭ ଜଣଙ୍କ ବିରୁଦ୍ଧରେ ଅଭିଯୋଗ ଦାଖଲ।
- ପରିଷ୍କୃତ କୋଇଲା ଉତ୍ପାଦନ କରିବା ପାଇଁ କୋଲ୍ ଇଣ୍ଡିଆ ଲିମିଟେଡ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି।
- ଲିବ୍ୟାରେ ଏକ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ କରିବା ପାଇଁ ଭାରତ ଗୁରୁ ଇଞ୍ଜିନିୟରିଂ କର୍ପୋରେଶନ ୨ କୋଟି ୫୦ ଲକ୍ଷ ଟଙ୍କାର ଏକ ଅର୍ଡର ପାଇଛି।

## ଚିରନ୍ତନୀ

ଆଣିଛି ସେ ମୋର ପ୍ରଭାତ କୁସୁମ ବୃନ୍ତୁ ତୋଳି ତା' କରେ
ସନ୍ଧ୍ୟା ଗୀତଟି ରକ୍ତିମ ତା'ର ଫୁଟାଇ ସଜ ଅଧରେ
(କା'ର) ଦିନାନ୍ତେ ମିଶଇ ସ୍ୱର୍ଣ୍ଣ ଅଞ୍ଚଳ
(ଏହି) ତୁଷାରେ ତିନ୍ତଇ ଚୂର୍ଣ୍ଣ କୁନ୍ତଳ
(ମୋର) ଜୀର୍ଣ୍ଣ ବାସନା କରେ ଚଞ୍ଚଳ ଛଳ ଛଳ
ଲୋତକରେ
ଆଣିଛି ସେ ମୋର ସନ୍ଧ୍ୟା ଗୀତଟି ଫୁଟାଇ ସଜ ଅଧରେ ।
–(ମଧୁ–ବିବାହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | 5 | | | | 1 |
| | | | | | | | 9 | |
| 9 | | 8 | | 3 | | | | 6 |
| | 1 | 5 | | | | | 7 | |
| 3 | | | 9 | | | | | |
| | 4 | | | | | | 2 | |
| | | | 2 | | | | | |
| 6 | | | 1 | 8 | | | | |
| 7 | 8 | | | | 4 | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 4 | 6 | 5 | 8 | 7 | 3 | 2 |
| 5 | 2 | 7 | 3 | 1 | 4 | 6 | 8 | 9 |
| 6 | 3 | 8 | 9 | 2 | 7 | 4 | 1 | 5 |
| 3 | 8 | 6 | 7 | 9 | 5 | 2 | 4 | 1 |
| 2 | 4 | 5 | 1 | 3 | 6 | 8 | 9 | 7 |
| 1 | 7 | 9 | 8 | 4 | 2 | 3 | 5 | 6 |
| 8 | 5 | 2 | 4 | 6 | 9 | 1 | 7 | 3 |
| 7 | 6 | 1 | 5 | 8 | 3 | 9 | 2 | 4 |
| 4 | 9 | 3 | 2 | 7 | 1 | 5 | 6 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନାର କୁପନ କେବେ ଦିଆଯିବ

ମହାଶୟ,
ସଞ୍ଚୟ ଓ ଆର୍ଥିକ ସେବା ନିର୍ଦ୍ଦେଶାଳୟ, ଅର୍ଥ ବିଭାଗ 'ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦତ୍ତ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା' ଏକ ଆକର୍ଷଣୀୟ ଯୋଜନା। ଓଡ଼ିଶାର କେତେକ ଲୋକ (ବିଜେତା) କୁପନ ଅନୁଯାୟୀ ପୁରସ୍କାର ରାଶି ପାଇଥାନ୍ତି। ଯେଉଁମାନେ ତା୦୧.୦୧.୨୦୨୪ ରିଖଠାରୁ ତା. ୨୧.୧୨.୨୦୨୪ ପର୍ଯ୍ୟନ୍ତ କିଷାନ ବିକାଶପତ୍ର, ସୁକନ୍ୟା ସମୃଦ୍ଧି ଜମା, ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା ଓ ଜାତୀୟ ସଞ୍ଚୟ ସାର୍ଟିଫିକେଟ ଇତ୍ୟାଦି କରିଛନ୍ତି ସେମାନଙ୍କୁ ବର୍ତ୍ତମାନ ସୁଦ୍ଧା କୁପନ ଯୋଗାଇ ଦିଆଯାଇ ନାହିଁ। ସୁତରାଂ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନାର କୁପନ ଓଡ଼ିଶାବାସୀଙ୍କୁ ଚଳିତବର୍ଷ କେବେ ଯୋଗାଇ ଦିଆଯିବ ଏନେଇ ସଞ୍ଚୟ ଓ ଆର୍ଥିକ ସେବା ନିର୍ଦ୍ଦେଶାଳୟ, ଅର୍ଥ ବିଭାଗ, ଓଡ଼ିଶା ସରକାର ଦୟାକରି ଜଣାଇବେ କି।

**–କିଶୋର ଚନ୍ଦ୍ର ପାଣିଗ୍ରାହୀ, ବ୍ରହ୍ମପୁର, ଗଞ୍ଜାମ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଡ଼ିଆରେ କହିବା, ଲେଖିବା, ସ୍ୱାଭିମାନ ସହ ବଞ୍ଚିବାକୁ ଆହ୍ୱାନ

ଗୁଣପୁର,୧୦।୮ (ପ୍ରଦୀପ କୁମାର ପାଢ଼ୀ)



ବୈଠକରେ ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ଏବଂ ସଦସ୍ୟ ।

■ ଗୁଣପୁରରେ ଉତ୍କଳ ସମ୍ମିଳନୀ ବୈଠକ
■ ଗଜପତି ମହାରାଜାଙ୍କ ପ୍ରତିମୂର୍ତ୍ତି ସ୍ଥାପନା ଉପରେ ଗୁରୁତ୍ୱ
■ ୨୪ରେ ରାୟଗଡ଼ାରେ ସାଧାରଣ ପରିଷଦ ବୈଠକ

ଦୀର୍ଘ ବର୍ଷ ପରେ ଉତ୍କଳ ସମ୍ମିଳନୀ ଗୁଣପୁର ଶାଖାର ଏକ ବୈଠକ ସ୍ଥାନୀୟ ଗୁଣ୍ଡିଚା ମନ୍ଦିରରେ ରବିବାର ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଉତ୍କଳ ସମ୍ମିଳନୀ ସଭାପତି ବ୍ରଜ କିଶୋର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବାକୁ ଯେଉଁକି ଉଦ୍ୟମ କରାଯିବା କଥା ତାହା କରାଯାଉ ନ ଥିବାରୁ ଓଡ଼ିଆ ଭାଷା ସାହିତ୍ୟ ବିପଦରେ ରହିଛି । ତେଣୁ ଏହାକୁ ବିକଶିତ କରିବା ପାଇଁ ପ୍ରତ୍ୟେକ ଓଡ଼ିଆ ଆଗେଇ ଆସିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା । ଏହସହ ଆନ୍ଧ୍ର-ଓଡ଼ିଶା ସୀମାନ୍ତରେ ରହୁଥିବା ଓଡ଼ିଆଙ୍କୁ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଦେବା ସହ ସେମାନଙ୍କ ପିଲାଙ୍କୁ ପଢ଼ାଇବାକୁ ଆଗକୁ ବଢ଼ିବାକୁ ପଡ଼ିବ ବୋଲି ଆଲୋଚନା କରାଯାଇଥିଲା । ଏହି ବୈଠକରେ ରାୟଗଡ଼ାରୁ କିଶୋର ପଣ୍ଡା, ରାଜେଶ ପାଢ଼ୀ, ମଦନ ମୋହନ ପାଢ଼ୀ, ବିନାୟକ କର, ସବ୍ୟସାଚୀ ସାହୁ, ଯୋଗେଶ୍ୱର ଦାସ, ଅରୁଣ ପାଣିଗ୍ରାହୀ, ଶିବ ମିଶ୍ର ପ୍ରମୁଖ ଯୋଗଦେଇ ଓଡ଼ିଶାର ଗୌରବମୟ ଗାଥାକୁ ପର ପିଢ଼ି ପାଇଁ ସାଇତି ରଖିବାକୁ ଆହ୍ୱାନ ଦେଇଥିଲେ । ବସ୍ତୁନିଷ୍ଠିରେ ଓଡ଼ିଆ ଲେଖିବାକୁ ବଂଶଧାରା ସାହିତ୍ୟ ସମାଜର ସଭାପତି ପ୍ରଭାତ କୁମାର ଶତପଥୀ ମତବ୍ୟକ୍ତ କରିଥିଲେ । ପ୍ରତ୍ୟେକ ବସତିଗୁଡ଼ିକର ନାମକୁ ଓଡ଼ିଆ ମହାପୁରୁଷଙ୍କ ନାମରେ ନାମିତ କରିବାକୁ ପଦ୍ମପୁର ଶିକ୍ଷକ ନେତା ରମେଶ ପଣ୍ଡା ପ୍ରସ୍ତାବ ଦେଇଥିଲେ । ଉତ୍କଳ ଦିବସକୁ ପ୍ରତି ସ୍କୁଲରେ ଆଡମ୍ବର ସହ ପାଳନ କରିବାକୁ ଆଇନଜୀବୀ ସରୋଜ ପାଣିଗ୍ରାହୀ କହିଥିଲେ । ଓଡ଼ିଶାର ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବାକୁ ଦୃଢ଼ ମନରେ କାର୍ଯ୍ୟ କରିବାକୁ ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ ଆହ୍ୱାନ ଦେଇଥିଲେ । ସହରରେ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଏକ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ସ୍ଥାପନ ସହ ବାଇପାସ୍ ଛକକୁ ତାଙ୍କ ନାମରେ ନାମିତ କରିବା ପାଇଁ ଉମା ଶଙ୍କର ଦାସ ଦେଇଥିବା ପ୍ରସ୍ତାବକୁ ସମସ୍ତଙ୍କ ସମର୍ଥନ ମିଳିଥିଲା । ଏହି ପ୍ରସ୍ତାବକୁ ପୌର ପରିଷଦର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ ଓ ବରିଷ୍ଠ କାଉନସିଲର ଦେବୀ ପ୍ରସାଦ ଆଚାର୍ଯ୍ୟ ଗ୍ରହଣ କରିବା ସହ ଉତ୍କଳ ସମ୍ମିଳନୀକୁ ସକ୍ରିୟ କରିବାକୁ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଉତ୍କଳ ସମ୍ମିଳନୀର ଗୁଣପୁର ଶାଖାର କାର୍ଯ୍ୟକାରୀ ସଭାପତି ତଥା ସମାଜସେବୀ ଅକ୍ଷୟ ଦାସ ଓଡ଼ିଶାର ଗରିମାମୟ ଇତିହାସକୁ ଆଗାମୀ ପିଢ଼ି ଯେମିତି ଜାଣିବେ ସେଥିପାଇଁ ଓଡ଼ିଆ ଭାଷା ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ହେବ ବୋଲି କହିଥିଲେ । ଓଡ଼ିଆରେ କହିବା, ଲେଖିବା ଓ ସ୍ୱାଭିମାନର ସହ ବଞ୍ଚିବାକୁ ସେ ଆହ୍ୱାନ ଦେଇଥିଲେ।

ବୈଠକରେ ବରିଷ୍ଠ ଓକିଲ ରାଜେନ୍ଦ୍ର ପାଢ଼ୀ, ବ୍ରହ୍ମାନନ୍ଦ ପଟ୍ଟନାୟକ, ଅଧ୍ୟାପକ ଡ. ସୂର୍ଯ୍ୟନାରାୟଣ ପଣ୍ଡା, ଦେବୀ ଆଚାର୍ଯ୍ୟ, ପୁନା ପାଣି, ଇନ୍ଦ୍ରାକ୍ଷୀ ଦାସ, ରାଜୀବ ସାହୁ, ଅନିଲ ସାହୁକାର, ରିତୁପତି ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ । ଶେଷରେ ସହଦେବ ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ରଞ୍ଜିତ ପାଢ଼ୀ ପରିଚାଳନା କରିଥିଲେ । ବୈଠକରେ ସପ୍ତରେ ଇଞ୍ଜିନିୟର ବିଷ୍ଣୁ ଦାସ ଗଜପତିଙ୍କ ମୂର୍ତ୍ତି ସ୍ଥାପନା ପାଇଁ ୫ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ୨୪ ତାରିଖରେ ରାୟଗଡ଼ାଠାରେ ଉତ୍କଳ ସମ୍ମିଳନୀର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସଭାପତି ବ୍ରଜ ନାୟକ ଘୋଷଣା କରିଥିଲେ ।

# କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ


ଚାରାରୋପଣ କାର୍ଯ୍ୟକ୍ରମରେ କଂଗ୍ରେସ କାର୍ଯ୍ୟକର୍ତ୍ତା ।

ଟିକିରି, ୧୦।୮ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲ୍ଲା କାଶୀପୁର ଗାନ୍ଧୀ ମଣ୍ଡପ ଠାରେ ଯୁବ କଂଗ୍ରେସ ରାୟଗଡ଼ା ଜିଲ୍ଲା ସଭାପତି ମୋହନ ନାଏକଙ୍କ ନେତୃତ୍ୱରେ ଯୁବ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳନ ସହ ଯୁବ କଂଗ୍ରେସ ପତାକା ଉତ୍ତୋଳନ କରାଯାଇଥିଲା। କୁନି କୁନି ପିଲାମାନଙ୍କୁ ଚକୋଲେଟ ବଣ୍ଟନ ଓ କାଶୀପୁର ପାତାଳେଶ୍ୱର ମନ୍ଦିରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ନାରାୟଣ ଗୌରୀ ନାଏକ, ଭୁବନେଶ୍ୱର ମହାନ୍ତି, କୁନା ପାଢ଼ି ନାଏକ, କାର୍ତ୍ତିକ ନାଏକ, ବୁଦ୍ଧୁ ନାଏକ, ଜୟନ୍ତ ବୈରାଗ, ମିଥୁନ ନାଏକ, ପ୍ରକାଶ ନାଏକ, ମନୋଜ ନାଏକ, ବିଜୟ କୁମାର ବାହାଦୁର, ଶରତ କୁମାର ନାଏକ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଦକ୍ଷତା ପ୍ରଦର୍ଶନରେ ରାଜ୍ୟରେ ୧୦ମ ସ୍ଥାନରେ ବିଷମକଟକ ଥାନା

ବିଷମକଟକ,୧୦।୮
(ପ୍ରସନ୍ନ କୁମାର ପଣ୍ଡା)


ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ।

କାର୍ଯ୍ୟଦକ୍ଷତା ପ୍ରଦର୍ଶନରେ ରାୟଗଡ଼ା ଜିଲା ବିଷମକଟକ ଥାନା ରାଜ୍ୟରେ ୧୦ମ ସ୍ଥାନରେ ରହିଛି। ମାମଲାର ତଦନ୍ତ ଶେଷ କରିବାଠାରୁ ଆରମ୍ଭ କରି ଅପରାଧ ନିୟନ୍ତ୍ରଣ ଓ ପୋଲିସ ଅଧିକାରୀଙ୍କ ବ୍ୟବହାରକୁ ମାପଦଣ୍ଡ ରୂପରେ ନିଆଯାଇଥିଲା। ଏହି ଆଧାରରେ ରାଜ୍ୟର ସମସ୍ତ ଥାନାକୁ ନମ୍ବର ବା ପ୍ରତିଶତ ମିଳିଥିଲା। ସେଥିରେ ବିଷମକଟକ ଥାନା ୧୦ମ ସ୍ଥାନରେ ରହିଛି। ପ୍ରତ୍ୟେକ ମାସରେ ରାଜ୍ୟରେ ଥିବା ୬୧୨ ଥାନାରେ କାର୍ଯ୍ୟରତ ଥାନା ଅଧିକାରୀଙ୍କ ପ୍ରଦର୍ଶନୀ ରିପୋର୍ଟ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତ ହୋଇଥାଏ। ୨୦୨୫ ଜାନୁଆରୀ ୧ରୁ ଜୁଲାଇ ୩୧ ଯାଏ ଅର୍ଥାତ୍ ଗତ ୭ ମାସର ମାମଲାର ତଦନ୍ତ, ଅପରାଧି ଚିହ୍ନଟ ଇତ୍ୟାଦିକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ ଦଶମ ସ୍ଥାନରେ ରହିଥିବାବେଳେ ଗୁଡ଼ାରୀ ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ନବମ ଓ ଟିକିରି ଥାନା ଅଧିକାରୀ ବିଶ୍ୱ ବନ୍ଦିନୀ ବାଗ ଷଷ୍ଠ ସ୍ଥାନରେ ଅଛନ୍ତି।

# ସରିଲା ଝୁଲଣ ଯାତ୍ରା


ମଣ୍ଡପରେ ରାଧାକୃଷ୍ଣଙ୍କୁ ପୂଜା କରାଯାଉଛି।

ଦାମନଯୋଡି,୧୦।୮ (ନରସିଂହ ବ୍ରହ୍ମା)

ଶ୍ରାବଣ ମାସ ଶୁକ୍ଳ ଦଶମୀ ତିଥିରୁ ମାଥାଲପୁଟସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଆରମ୍ଭ ହୋଇଥିବା ଝୁଲଣ ଯାତ୍ରା ରବିବାର ସମାପନ ହୋଇଯାଇଛି। ପ୍ରତିଦିନ ସନ୍ଧ୍ୟାରେ ନୀତିକାନ୍ତି ପରେ ରାଧାକୃଷ୍ଣଙ୍କୁ ଝୁଲଣ ମଣ୍ଡପରେ ଆସନ କରି ସ୍ୱତନ୍ତ୍ର ପୂଜାର୍ଚ୍ଚନ ଓ ଆଳତୀ କରାଯାଉଥିଲା। ହରି ବୋଲ ହୁଳହୁଳିରେ ବିଗ୍ରହମାନଙ୍କୁ ଝୁଲଣ ଦୋଳିରେ ଝୁଲା ଯାଉଥିଲା। ଶ୍ରଦ୍ଧାଳୁ ଭଜନ କୀର୍ତ୍ତନ ଓ ନାମ ଜପ କରିଥିଲେ। ମନ୍ଦିରର ନିତ୍ୟ ପୂଜକ ପ୍ରଣୟ ଦେବତା ଓ ପ୍ରତାପ କୁମାର ପଣ୍ଡା ପୂଜା ନୀତି କରିଥିଲେ। ହରିବନ୍ଧୁ ବିଶ୍ୱାଳ, କାଳୀ ପାଢଯୋଶୀ, ଆକୁଳ ଜେନା, ଶଙ୍କର ପାତ୍ର,ସନ୍ତୋଷ କୁମାର ପାତ୍ର ଓ କମିଟିର ସମସ୍ତ ସଦସ୍ୟ ମିଳିତ ଭାବେ ଉତ୍ସବ ପରିଚାଳନା କରିଥିଲେ।

# ସବୁଜ, ସୁନ୍ଦର ପରିବେଶ ଗଠନ ନେଇ ଶପଥପାଠ

ରାୟଗଡା,୧୦।୮ (ଆଶିଷ ରଞ୍ଜନ ପଣ୍ଡା)

**ନାଗାବଳୀ ଲାୟନ୍ସ କ୍ଲବ ପକ୍ଷରୁ ଚାରାରୋପଣ**

ରାୟଗଡା ସହରର ନାଗାବଳୀ ଲାୟନ୍ସ କ୍ଲବ୍ ପକ୍ଷରୁ ବାଇସିଙ୍ଗ ଗ୍ରାମ ପଞ୍ଚାୟତ ମାରିଗୁଡା ଗ୍ରାମରେ ରବିବାର ଚାରାରୋପଣ କରାଯାଇଛି। ନାଗାବଳୀ ଲାୟନ୍ସ କ୍ଲବ୍ ଜୋନ ଅଧକ୍ଷ ଡ.ପ୍ରସନ୍ନ କୁମାର ଗନ୍ତାୟତଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗ୍ରାମର ମୁଖ୍ୟ ମିନାରାଓ ତାଡିଙ୍ଗୀଙ୍କ ପ୍ରତ୍ୟକ୍ଷ ସହଯୋଗ ଏବଂ କ୍ଲବ ସଭାନେତ୍ରୀ ଲାଏନ୍ସ ଶୁଭ୍ରା ପଣ୍ଡା, ସମ୍ପାଦକ ଡ. ବିପିନ ବିହାରୀ ବିଶ୍ୱାଳ, କୋଷାଧକ୍ଷ ସୁଦର୍ଶନ ପାଢ଼ୀ, ଲାୟନ୍ସ ରୁବିରାଣୀ କୁଣ୍ଡୁ, ଲାୟନ୍ସ ଶଶୀ ଭୂଷଣ ପଟ୍ଟନାୟକ, ଅର୍ଚ୍ଚନା ପଟ୍ଟନାୟକ, ବିଶ୍ୱନାଥ ବିଶ୍ୱାଳ, ରବି ନାରାୟଣ ଶତପଥୀ, ପ୍ରଣୀପ୍ତା ପାତ୍ରଙ୍କ ସମେତ ଗ୍ରାମବାସୀ ଯୋଗଦେଇଥିଲେ। ମାରିଗୁଡା ଗ୍ରାମ ପରିସରରେ ବିଭିନ୍ନ ଔଷଧୀୟ ଚାରା ଲିଚୁ, ଆମ୍ବ, ପିଜୁଳି, ପିସ୍ତା ବାଦାମ, ସଜନା, ଗଙ୍ଗଶିଉଳି, ଅମୃତଭଣ୍ଡା ଇତ୍ୟାଦି ବୃକ୍ଷ ରୋପଣ କରାଯାଇଥିଲା। ଆଗାମୀ ଦିନରେ ରାୟଗଡା ସମେତ ଆଖପାଖ ଗ୍ରାମରେ ବ୍ୟାପକ ଚାରାରୋପଣ କରାଯିବା ସହ ସୁସ୍ଥ ଓ ସବୁଜ ପରିବେଶ ଗଠନ କରାଯିବା ନେଇ କ୍ଲବ୍ର ସଭ୍ୟ ସଭ୍ୟା ଓ ଗ୍ରାମବାସୀ ଶପଥ ନେଇଥିଲେ।


ମାରିଗୁଡା ଗ୍ରାମରେ ଚାରାରୋପଣ କରାଯାଉଛି।

# ଡ୍ରେନ ଉପରୁ ପଡ଼ି ଦୋକାନୀଙ୍କ ମୃତ୍ୟୁ

ଡାବୁଗାଁ, ୧୦।୮ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମୁଖରେ ଥିବା ଜଣେ ଓଲଡିଂ ଦୋକାନୀ ଡ୍ରେନ ଉପରୁ ପଡିଯିବାରୁ ରବିବର ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଉତ୍ତର ପ୍ରଦେଶ କାନପୁର ସହରର ଅମଜାଦ ଖାନ (୩୫)। ପ୍ରାୟ ୫ ବର୍ଷରୁ ଉର୍ଦ୍ଧ୍ୱ ହେବ ସେ ଡାବୁଗାଁ ବ୍ଲକ ସଦର ମହକୁମାଠାରେ ରହି ବ୍ଲକ ସମ୍ମୁଖରେ ଏକ ଛୋଟ ଗ୍ୟାସ୍ ଓଲଡିଙ୍ଗ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ରବିବାର ଅପରାହ୍ନ ପ୍ରାୟ ୫ ଟାରେ ଦୋକାନ ଆଗରେ ଥିବା ଡ୍ରେନ୍ ଉପରେ ବସିଥିଲେ। ହଠାତ ଡ୍ରେନ ଉପରୁ ତଳକୁ ପଡି ଯିବାରୁ ବେହୋସ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ଯାଞ୍ଚ କରି ମୃତ ଘୋଷଣା କରିଥିଲେ। ଖବରପାଇ ଡାବୁଗାଁ ଓ ପାପଡାହାଣ୍ଡିର ମୁସଲିମ ସମ୍ପ୍ରଦାୟର ଲୋକେ ଡାବୁଗାଁ ଡାକ୍ତରଖାନାରେ ପହଞ୍ଚି ଏକ ବେସରକାରୀ ଆମ୍ବୁଲାନ୍ସ ଯୋଗେ ମୃତ ଶରୀରକୁ କାନପୁର ପଠାଇବାର ବ୍ୟବସ୍ଥା କରୁଥିବା ସୂଚନା ମିଳିଛି।

# ୯୦% ପ୍ରମାଣପତ୍ର ଥାଇ ମିଳୁନି ବର୍ଦ୍ଧିତ ଭତ୍ତା

ରାୟଗଡ଼ା,୧୦।୮ (ଆଶିଷ ରଞ୍ଜନ ପଣ୍ଡା)

■ ଜନ୍ମରୁ ଦିବ୍ୟାଙ୍ଗ ରେଣୁକା
■ ଅତ୍ୟାଧୁନିକ ଖଟ ଦେଲେ ଆଇନଜୀବୀ ଗୌରୀ


ଖଟ ପ୍ରଦାନ ଅବସରରେ ଆଇନଜୀବୀ ଗୌରୀ ପଟ୍ଟନାୟକ ଓ ଦିବ୍ୟାଙ୍ଗ ରେଣୁକାଙ୍କ ମା' ବାସନ୍ତି ।

ଝିଅଟି ଜନ୍ମରୁ ଦିବ୍ୟାଙ୍ଗ । କେବଳ ମା' କୋଳ ଓ ଖଟ ହିଁ ଭରସା । ଖଟ ଉପରେ ଶୋଇ ରହିଥା'ନ୍ତି । ଶୌଚ ଯିବାକୁ ମଧ୍ୟ ସକ୍ଷମ ନୁହନ୍ତି। ମା'ଙ୍କ ବିନା ସେ କିଛି ବି କରିପାରନ୍ତି ନାହିଁ। ବୟସ ୨୦ ବର୍ଷ ହେଲେ ମଧ୍ୟ ମସ୍ତିଷ୍କ ପକ୍ଷାଘାତ ଯୋଗୁ ସେ ସମ୍ପୂର୍ଣ୍ଣ ଅକ୍ଷମ। ତାଙ୍କ ଗୋଡ଼ ଓ ହାତ ଅକର୍ମଣ୍ୟ। ମସ୍ତିଷ୍କ ଅସୁସ୍ଥତା ହେତୁ ତାଙ୍କ ମୁଣ୍ଡ ଆକାରରେ ବଡ଼ ଏବଂ ଓଜନିଆ ରହିଛି। ଫଳରେ ସେ ବସିବାକୁ ଅକ୍ଷମ । ୯୦% ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ମାସିକ ୩,୫୦୦ ଟଙ୍କା ବଦଳରେ ୧,୨୦୦ ଟଙ୍କା ଭତ୍ତା ପାଉଛନ୍ତି। ମା' ଲୋକଙ୍କ ଘରେ କାମ କରି ଝିଅ ଓ ପୁଅର ଲାଳନପାଳନ କରୁଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲା ସଦର ମହକୁମାରେ।

ରାୟଗଡ଼ା ନେହେରୁନଗରର ଏକ ଭଡ଼ାଘରେ ରୁହନ୍ତି ବାସନ୍ତି ନାଏକ। ତାଙ୍କର ଗୋଟିଏ ଝିଅ ଓ ପୁଅ। ପୁଅ ଲୋକନାଥ ନାଏକ ନିକଟସ୍ଥ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପଢୁଥିବା ବେଳେ ଝିଅ ରେଣୁକା(୨୦) ଜନ୍ମରୁ ଦିବ୍ୟାଙ୍ଗ। ବାସନ୍ତି ଦୈନିକ ୩ରୁ ୪ ଜଣଙ୍କ ଘରେ କାମ କରି ପରିବାର ଚଳାଇଥାନ୍ତି। ସ୍ୱାମୀ ବାହାରେ କାମ କରନ୍ତି । ରେଣୁକା ଶଯ୍ୟାଶାୟୀ। ତାଙ୍କ ଗୋଡ଼ ଓ ହାତ ଶରୀର ତୁଳନାରେ ବହୁତ ଛୋଟ। ୨୦୧୩ରେ ତାଙ୍କର ଥିବା ଦିବ୍ୟାଙ୍ଗ ପ୍ରମାଣପତ୍ରରେ ୮୦% ଅକ୍ଷମ ରହିଥିବାରୁ ପୂର୍ବରୁ ମାସିକ ୧,୨୦୦ ଟଙ୍କା ଭତ୍ତା ପାଉଛନ୍ତି। ରାଜ୍ୟରେ ନୂଆ ସରକାର ଆସିବା ପରେ ୮୦% ଏବଂ ତା'ଠାରୁ ଅଧିକ ଦିବ୍ୟାଙ୍ଗଙ୍କୁ ମାସିକ ୩୫୦୦ ଟଙ୍କା ଭତ୍ତା ମିଳିବା ନେଇ ଘୋଷଣା ସହିତ ଏହାକୁ କାର୍ଯ୍ୟକାରୀ କରିଛନ୍ତି । ହେଲେ ଗତ ମାର୍ଚ୍ଚ ୨୬ରୁ ନୂତନ ଦିବ୍ୟାଙ୍ଗ ପ୍ରମାଣପତ୍ରରେ ୯୦% ରହିଥିଲେ ମଧ୍ୟ ଏଯାବତ୍ ରେଣୁକାଙ୍କୁ ୩,୫୦୦ ଟଙ୍କା କିମ୍ବା ତାଙ୍କ ଚିକିତ୍ସା ପାଇଁ କୌଣସି ସରକାରୀ ସହାୟତା ମିଳିନାହିଁ। ମା' ବାସନ୍ତି ନେହେରୁନଗର ବାସିନ୍ଦା ତଥା ଆଇନଜୀବୀ ଗୌରୀ ପଟ୍ଟନାୟକଙ୍କ ଘରେ କାମ କରନ୍ତି। ଗୌରୀ ରେଣୁକାଙ୍କ ବିଷୟରେ ଶୁକ୍ରବାର ଜାଣିବା ପରେ ବିଶାଖାପାଟଣାରୁ ଏକ ଖଟ ଆଣି ରବିବାର ତାଙ୍କୁ ଦେଇଛନ୍ତି । ଏହା ସହିତ ଗୌରୀ ଜିଲା ପ୍ରଶାସନ ସମେତ କେତେକ ବଦାନ୍ୟ ବ୍ୟକ୍ତିଙ୍କୁ ରେଣୁକାଙ୍କୁ ସହଯୋଗର ହାତ ବଢ଼ାଇବାକୁ ଅନୁରୋଧ କରିଛନ୍ତି।

ଝିଅ ସମ୍ପର୍କରେ ମା' ବାସନ୍ତିଙ୍କୁ ପଚାରିବାରୁ ଝିଅ ଜନ୍ମରୁ ଦିବ୍ୟାଙ୍ଗ। ତା'ଙ୍କ ମସ୍ତିଷ୍କ ଅସୁସ୍ଥତାରୁ ସେ ଶଯ୍ୟାଶାୟୀ ବୋଲି କହିଛନ୍ତି। ରେଣୁକାଙ୍କର ଗତ ମାର୍ଚ୍ଚରେ ନୂତନ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିବା ପରେ ମାସିକ ଭତ୍ତା ବୃଦ୍ଧି ହେଲେ ଭରଣପୋଷଣ ଓ ଚିକିତ୍ସା ସୁବିଧା ଆଶାରେ ପୌର ପରିଷଦ କାର୍ଯ୍ୟାଳୟ ଓ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଏଯାବତ୍ ତାହା ମିଳିନାହିଁ କି ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ମିଳିନଥିବା ମା' ବାସନ୍ତୀ କହିଛନ୍ତି।

ଏଭଳିକି ସରକାରଙ୍କ ପକ୍ଷରୁ ଭୂମିହୀନଙ୍କୁ ଆବାସ ଯୋଜନାରେ ଜାଗା ଓ ଘର ମିଳିବା ନେଇ ସୁବିଧା ଥିଲେ ମଧ୍ୟ ସେ ଅଶିକ୍ଷିତ ହୋଇଥିବାରୁ ତା'ର ସୁବିଧା ପାଉନାହାନ୍ତି। ଏନେଇ ଜିଲା ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀଙ୍କୁ ପଚାରିବାରୁ ରେଣୁକାଙ୍କୁ କିଭଳି ସମସ୍ତ ସୁବିଧା ମିଳିପାରିବ, ସେନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ବିଧାନସଭାରେ ମହାରାଜା ବିକ୍ରମଦେବ ବର୍ମାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନେଇ ଦାବିପତ୍ର

ଜୟପୁର,୧୦।୮ (ପବନ ପାଣିଗ୍ରାହୀ)

ଜୟପୁର ମହାରାଜା ସ୍ୱର୍ଗତ ବିକ୍ରମଦେବ ବର୍ମା ଭାଷାଭିତ୍ତିକ ଓଡିଶା ରାଜ୍ୟ ଗଠନର ଅନ୍ୟତମ ପ୍ରମୁଖ ବିନ୍ଧାଣି ଥିଲେ। ତାଙ୍କ ପ୍ରତିମୂର୍ତ୍ତି ବିଧାନସଭା ଏବଂ କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଓ ରାୟଗଡା ସମେତ ନନ୍ଦପୁରଠାରେ ସ୍ଥାପନ ନେଇ ଜୟପୁର ସାହିତ୍ୟ ପରିଷଦ ପକ୍ଷରୁ ସଭାପତି ହରିହର କରୁସୁଧା ପଟ୍ଟନାୟକଙ୍କ ନେତୃତ୍ୱରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ସହ ଏକ ପ୍ରତିନିଧି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଜୟପୁରରେ ପ୍ରଦାନ କରିଛନ୍ତି। ଅବିଭକ୍ତ କୋରାପୁଟ ଜିଲାକୁ ନେଇ ତାଙ୍କର ଜମିଦାରୀ ଥିଲା। ଏହା ଗତ ୯୦ ବର୍ଷ ପୂର୍ବେ ମାଡ୍ରାସ ରାଜ୍ୟ ଅଧିନରେ ରହିଥିଲା। କିନ୍ତୁ ଉତ୍କଳ ରାଜ୍ୟ ଗଠନ ବେଳେ ଏହି ଅଞ୍ଚଳରେ ସର୍ବାଧିକ ଓଡିଆ ଭାଷାଭାଷୀ ଥିବା ଯୋଗୁ ଏହାକୁ ନବ ଗଠିତ ଓଡିଶା ପ୍ରଦେଶରେ ମିଶାଇବାରେ ଜୟପୁର ମହାରାଜା ବିକ୍ରମ ଦେବଙ୍କର ପ୍ରମୁଖ ଭୂମିକା ରହିଥିଲା। କିନ୍ତୁ ମହାରାଜା ବିକ୍ରମଦେବଙ୍କୁ ରାଜ୍ୟରେ ଅଣଦେଖା କରାଯାଇଛି । ତାଙ୍କର ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ବିଧାନସଭା, ତାଙ୍କ ରାଜ୍ୟ ଅଧିନରେ ଥିବା କୋରାପୁଟ, ନବରଙ୍ଗପୁର, ମାଲକାନଗିର ଓ ରାୟଗଡା ସଦର ମହକୁମା ଏବଂ ଜୟପୁରର ପୁରାତନ ରାଜଧାନୀ ନନ୍ଦପୁରଠାରେ ସ୍ଥାପନ କରିବାକୁ ଦାବି କରାଯାଇଛି। ସେହିପରି ବିକ୍ରମଦେବ ବର୍ମାଙ୍କ ସାହିତ୍ୟ ଓ କବିତାକୁ ନେଇ ପ୍ରଖ୍ୟାତ ଲେଖକ ଗୋପୀନାଥ ମହାନ୍ତିଙ୍କ ଦ୍ୱାରା ରଚିତ 'ବିକ୍ରମ ରଚନାବଳୀ'କୁ ପୁନଶ୍ଚ ପ୍ରକାଶ କରି ଅବିଭକ୍ତ କୋରାପୁଟ ଜିଲାର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବିନା ମୂଲ୍ୟରେ ବଣ୍ଟନ ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି ।

**OFFICE OF MUNICIPAL COUNCIL, SUNABEDA**
No.C-822
**E-PROCUREMENT NOTICE**
No.2796 Date : 06.08.2025
Bid-Identification No.M.C-SBD-01/2025-26

| | | |
|---|---|---|
| Total No. of works | : | 105 Nos. |
| Tender Value | : | Rs.3,50,000/- to Rs.35,00,000/- |
| Available Period | : | Dt.18.08.2025, 11.00 A.M. to Dt.04.09.2025, 5.00 P.M. |
| Tendr Opening date | : | 09.09.2025 at 11.00 A.M. |
| Bidders are requested to participate in advance with their class | : | B, C & D Class DSC before the closing date. |

Further details please visit : https://www.tendersorissa.gov.in
Sd./- Executive Officer
Sunabeda Municipality
OIPR-13076/11/0026/2526

No.A-476
ଜଳ ସମ୍ପଦ ବିଭାଗ
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜଳନିକାଶ, ଭଦ୍ରକ
**OFFICE OF THE SUPERINTENDING ENGINEER, DRAINAGE DIVISION, BHADRAK**
email id : eeddbdk@gmail.com
Tel No. : 06784-451031
**"e" PROCUREMENT NOTICE NO.-03/2025-26**

| | | |
|---|---|---|
| 1 | Bid Identification Number | DDBDK-03-01-2025-26 to DDBDK-03-08-2025-26 (8 nos individual work) |
| 2 | Name of the Work | Drainage Works (under D.I.P. Scheme & IBDP) |
| 3 | Estimated cost of individual works | Varies from Rs.16,70,775/- to Rs.84,22,032/- (Excluding G.S.T) |
| 4 | Period of completion | Varies from 2 (Three calendar months) to 6 (Six calendar months) |
| 5 | Date & Time of availability of Bid document in the portal | From Dt.13.08.2025 at 10.00 hours to Dt.29.08.2025 up to 17.00 hours |
| 6 | Date & Time for receipt of Bid document in the Portal | From Dt.14.08.2025 at 10.00 hours to Dt.29.08.2025 at 17.00 hours |
| 7 | Date of Opening of technical bid | Dt.30.08.2025 at 11.30 hours. In the Office of the Superintending Engineer, Drainage Division, Bhadrak |
| 8 | Name & address of the officer inviting Bids | Superintending Engineer, Drainage Division, Bhadrak |

Further details can be seen from the Govt. Website www.tendersodisha.gov.in
Sd./- Superintending Engineer
Drainage Division, Bhadrak
OIPR-32057/11/0008/2526

No.A-479
**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Additional Chief Engineer, Drainage Circle, Balasore**
Email id : sedcbls@yahoo.com
**"e" PROCUREMENT NOTICE NO. ACEDCBLS-09/2025-26**

| | | | |
|---|---|---|---|
| 1 | Bid Identification Number | : | ACEDCBLS/DDBDK-01-09/2025-26<br>ACEDCBLS/DDBDK-02-09/2025-26<br>ACEDCBLS/DDBDK-03-09/2025-26<br>ACEDCBLS/DDBDK-04-09/2025-26 |
| 2 | Name of work | : | Drainage Improvement works (Under D.I.P. Scheme) |
| 3 | Total No. of Project | : | 4 Nos. of Individual work |
| 4 | Estimated cost of individual works | : | varies from Rs.1,82,98,800/- to Rs.2,81,06,008/- (Excluding G.S.T.) |
| 5 | Period of completion | : | 11 (Eleven) Calendar months |
| 6 | Date & Time of availability of Bid document in the Portal | : | From Dt.14.08.2025 at 10.00 hours to Dt.02.09.2025 at 17.00 hours |
| 7 | Date & Time for receipt of Bid document in the Portal | : | From Dt.14.08.2025 at 10.00 hours to Dt.02.09.2025 at 17.00 hours |
| 8 | Date of Opening of Technical Bid | : | Dt.03.09.2025 at 11.30 hours in the Office of the Additional Chief Engineering, Drainage Circle, Balasore |
| 9 | Name & address of the officer inviting Bids | : | Additional Chief Engineer, Drainage Circle, Balasore |

Further details can be seen from the Govt. Website www.tendersodisha.gov.in
Sd./- Additional Chief Engineer
Drainage Circle, Balasore
OIPR-32190/11/0022/2526

TPCODL
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha, 1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007
**NOTICE INVITING TENDER:** NIT No: TPCODL/2025-26/NIT/07
Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2025-26/1000003327 Dt 05.06.2025 (Corrigendrum-1) | SITC of CCTV across discoms |
| 2 | TPCODL/CCG/2025-26/1000005074 | Rate Contract for Supply of Fuse Wire TC Items |
| 3 | TPCODL/P&S/2025-26/1000005049 | SITC of Porta Cabin for Stores of TPCODL |

more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website https://www.tpcentralodisha.com. All tenders will be available on TPCODL website. Future communication / corrigendum to tender documents, if any, shall be available on TPCODL website. IT is suggested to track aforesaid website for said NIT details

# ଆଜି କ'ଣ କେଉଁଠି

## କଟକ
- ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପକ୍ଷରୁ ଲଡୁ ଦିବସ, ସ୍ଥାନ: ନେତାଜୀ ଅଡିଟୋରିୟମ, ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ବ୍ଲକ ପରିସର,ବସ୍ତା,ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ବନ୍ତ, ସମୟ: ଅପରାହ୍ନ ୩ଟା।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଦୋବଲ କାଳୀପଡ଼ିଆ ଯଜ୍ଞ ମଣ୍ଡପ, ଧାମନଗର, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ଭୋଟ ଚୋରି ଅଭିଯୋଗ ଉପରେ କଂଗ୍ରେସର ରାଲି ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: କଂଗ୍ରେସ ଭବନ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ
- ହ୍ୟାଣ୍ଡଲୁମ୍ ଫେବ୍ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୧ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟ, ସ୍ଥାନ: କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଡିଆଇଇଟି ସ୍କୁଲ, ମୁର୍ଗାବାଡି, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ପିସିପୁର ସରକାରୀ ଉ.ପ୍ରା. ବିଦ୍ୟାଳୟ, ବାରିପଦା, ସମୟ: ଅପରାହ୍ନ ୨ଟା।

## ଗଞ୍ଜାମ
- ଗଞ୍ଜାମ ଜିଲାପାଳ ଓ ଆରକ୍ଷୀ ଅଧିକାରୀଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ,ଆସିକା, ସମୟ: ପୂର୍ବାହ୍ନ ୧୦ଟା।
- ରାଜସ୍ୱ ଅମଲା ସଂଘର ଆନ୍ଦୋଳନ, ସ୍ଥାନ:ଛତ୍ରପୁରସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା।

## ଢେଙ୍କାନାଳ
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଗଁଦିଆ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ
- ମା' ରାମଚଣ୍ଡୀଙ୍କ ବାର୍ଷିକ ଯାତ୍ରା, ସ୍ଥାନ: କୋଶଳା, ଛେଣ୍ଡିପଦା, ସମୟ: ସକାଳ ୬ଟା।
- ଜିଲାପାଳଙ୍କ ମିଳିତ ଜନ ଶୁଣାଣି, ସ୍ଥାନ: ବଅଁରପାଳ ବ୍ଲକ ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟ୍ ଚୋରି ଅଭିଯୋଗରେ କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- ପାରାଦୀପ ପୌରପରିଷଦ ପକ୍ଷରୁ ହର ଘର ତ୍ରିରଙ୍ଗା ରାଲି କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପ କଲେଜ, ନୂଆବଜାର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାରାମପୁର, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ବଡ଼ଚଣା କଂଗ୍ରେସ ପକ୍ଷରୁ ବିଭିନ୍ନ ଦାବିରେ ଥାନା ଘେରାଉ, ସ୍ଥାନ: ବାଲିଚନ୍ଦ୍ରପୁର ଥାନା ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନ ଉଦ୍‌ଘାଟନ, ସ୍ଥାନ: ଦଶପଲ୍ଲା ବ୍ଲକ ସାତପାଟଣାର ପଣଷପାଟଣା, ସମୟ: ସକାଳ ୬ଟା।
- ଜିଲାପାଳଙ୍କ ଜନ ଶୁଣାଣି ଶିବିର, ସ୍ଥାନ: ରଣପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନୟାଗଡ଼ ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନୟାଗଡ଼ ନୀଳମାଧବ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ରାୟଗଡ଼ା
- ଭାଗବତ ତୁଙ୍ଗିର ବାର୍ଷିକ ଉତ୍ସବ, ଭାଗବତ ପାଠ କାର୍ଯ୍ୟକ୍ରମ, ସ୍ଥାନ: ପାଇକସାହି, ମୁନିଗୁଡ଼ା, ସମୟ: ସକାଳ ୯ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ,କାଶୀପୁର, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନ ଶୁଣାଣି, ସ୍ଥାନ: ନନ୍ଦାହାଣ୍ଡି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ବୋରିଗୁମ୍ମା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ମହାଦେଇପୁଟ ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ ବ୍ଲକ ; ବତାଶନା ପଞ୍ଚାୟତ ସଭାଗୃହ, କୋଟପାଡ଼ ; ପଞ୍ଚାୟତ କାର୍ଯ୍ୟାଳୟ ପିତାଗୁଡ଼ା, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ଅଲଟ୍ରାସାଉଣ୍ଡ ମେସିନ ଉଦ୍‌ଘାଟନ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ହାଡିଆ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- ବିଧାୟକଙ୍କ ସରକାରୀ ଯୋଜନାର ସମୀକ୍ଷା, ସ୍ଥାନ: ବିଲାପୁଟ ଓ ବାଡେଲ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦ ଏବଂ ଅପରାହ୍ନ ୩ଟା।

## ମାଲକାନଗିରି
- ଜିଲାପାଳଙ୍କ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଖଇରପୁଟ ବ୍ଲକ୍ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ବାଲିମେଲା, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନ ଆୟୋଜିତ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : କୁଚିଣ୍ଡା ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଝୁଲଣ ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡା ବ୍ରହ୍ମପୁରା ମନ୍ଦିର ପରିସର, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପାଟଣାଗଡ,ସମୟ ; ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା
- ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ରାଧିକା ରିଜେନ୍ସି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାକ୍ତନ ଓକିଲ ସଂଘ ସଭାପତିଙ୍କ ବିୟୋଗରେ ଶୋକସଭା, ସ୍ଥାନ: ବିରଜାପାଲୀ କୋର୍ଟ ପରିସର ସଂଘ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଫାଇଲେରିଆ ନିରାକରଣ କର୍ମଶାଳା, ସ୍ଥାନ: ଆମ୍ବେଦକର ବସ୍ତି, ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ସିଆଇଟିୟୁର ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଉଦିତନଗର ଶ୍ରମ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ପ୍ରଗତି ଉତ୍କଳ ସଂଘ ପକ୍ଷରୁ କାହ୍ନୁ ଚରଣ ମହାନ୍ତିଙ୍କ ଜୟନ୍ତୀ, ସ୍ଥାନ: ସେକ୍ଟର-୭, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର,ସ୍ଥାନ: ନୂଆଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦ଟା୩୦।

## ବରଗଡ଼
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ବିଜେପୁର, ସମୟ:ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ପାଇଁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ:ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଅତାବିରା,ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିର, ସ୍ଥାନ: ଥୁଆମୁଲ ରାମପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଜିଲା କଂଗ୍ରେସ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହରଭଙ୍ଗା, ଚାରିଛକ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ବୀରମହାରାଜପୁର ନିତ୍ୟ ଯୋଗ କମିଟି ତରଫରୁ ଗଙ୍ଗାଧର ଜୟନ୍ତୀ, ସ୍ଥାନ: ବୀରମହାରାଜପୁର କଲେଜ ପଡ଼ିଆ, ସମୟ: ସକାଳ ୬ଟା୩୦।
- ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ରାମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୯ଟା।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉଲୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ବହଳପଦର ପଞ୍ଚାୟତ କାର୍ଯ୍ୟାଳୟ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରାହୁ ଯୁକ୍ତ ଚନ୍ଦ୍ରଙ୍କ ଯୋଗୁ ଗୃହ, ଭୂମି, ଗାଡିମୋଟର, ସହକର୍ମୀ ଏବଂ ଧାର କରଜକୁ କେନ୍ଦ୍ରକରି କଳହ ଲାଗିପାରେ। ପିଲାଙ୍କ ବିବାହ ସମ୍ପର୍କରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟା ଦୂର ହେବ। ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକମାନେ ଦୂରେଇ ଯାଇପାରନ୍ତି।

**ବୃଷ** ଚନ୍ଦ୍ରଙ୍କ କୋଣସ୍ଥାନରେ ଗୁରୁଶୁକ୍ର ହେତୁ କର୍ମାରମ୍ଭ ସକାଶେ ପରିସ୍ଥିତି ଅନୁକୂଳ ରହିବ। ସକାଳୁ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡ଼ନ ସୃଷ୍ଟି କରିପାରେ। ଘରେ ଅସାବଧାନତା ବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ହଠାତ୍ ଯିବା ସମୟକୁ ଦରକାରୀ କାଗଜ ପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି।

**ମିଥୁନ** ଅଷ୍ଟମାଧିପତି ଶନି କର୍ମଭାବସ୍ଥ ଯୋଗୁ ପ୍ରତ୍ୟେକ କାମ ଧିମାଗତିରେ ଆଗକୁ ବଢିପାରେ। ଗତକାଲି ରାତ୍ରିରୁ ପାରିବାରିକ ଅସ୍ଥିରତା ଓ ଅଶାନ୍ତି ଯୋଗୁ ମନ ଭଲ ରହିବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି।

**କର୍କଟ** ବୁଧାଦିତ୍ୟ ଯୋଗ ରାଶିରେ ସଂଘଟିତ ହୋଇଥିବାରୁ କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ଲାଭ କରିବେ। ଆତ୍ମୀୟଙ୍କ ପାଇଁ ଯେତେ ଭଲ କଲେ ମଧ୍ୟ ପ୍ରତିଦାନ ପାଇପାରିବେନି। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ , ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** କେତୁଙ୍କ କୁପ୍ରଭାବରୁ ପାରିବାରିକ ଅଶାନ୍ତି ଯୋଗୁ ମନରେ ସରସତା ରହିବ ନାହିଁ। ନିକଟସ୍ଥ ବ୍ୟକ୍ତି ବିଶେଷମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ। ସତର୍କ ନ ରହିଲେ ଆଘାତ ଲାଗିପାରେ। ରଚନାତ୍ମକ କାମ, ସାହିତ୍ୟ, ସାମ୍ବାଦିକତା, ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିପାରନ୍ତି।

**କନ୍ୟା** ଭାଗ୍ୟାଧିପ କର୍ମଭାବସ୍ଥ ଯୋଗୁ ସମସ୍ୟା ସମାଧାନ ପୂର୍ବକ ଅଭିଳାଷକୁ ପୂରଣ କରିବେ। କିନ୍ତୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରି ପାରିବେ ନାହିଁ। ପିଲାମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିବ। ନିଜର ଉପସ୍ଥିତ ବୁଦ୍ଧି ଖଟାଇ ପରିବାର ଭିତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେଇପାରନ୍ତି।

**ତୁଳା** ଗ୍ରହଙ୍କ ଶୁଭ ସମାବେଶରୁ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ଦିଗରେ ବନ୍ଧୁ ସାହାଯ୍ୟ କରିବେ। ପ୍ରଶାସନିକ କାର୍ଯ୍ୟ, ସଭାସମିତି, ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସଫଳତା ଲାଭକରିବେ। କଚେରି ମାମଲା କିମ୍ବା ଜମିଜମା ସମ୍ପର୍କିତ ବିବାଦ ହେତୁ ଦୁଶ୍ଚିନ୍ତା ବଢିପାରେ। ସାମାଜିକ ସ୍ତରରେ ଅଗ୍ରଣୀ ହେବେ।

**ବିଛା** ଚତୁର୍ଥକେନ୍ଦ୍ରସ୍ଥ ଚନ୍ଦ୍ର ପାପଗ୍ରହ ରାହୁ ଯୁକ୍ତ ଯୋଗୁ ପରିବାର ଓ କର୍ମକ୍ଷେତ୍ର ଅଶାନ୍ତ ରହିପାରେ। ଶନିଙ୍କ ଦୃଷ୍ଟି ପ୍ରଭାବରେ ସମସ୍ୟା ବିଶେଷ ଉତ୍କଟ ନ ହେବାର ସୂଚନା ରହିଛି। ବ୍ୟବସାୟ ଓ ବାଣିଜ୍ୟରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଆଶା କଷ୍ଟ ହୋଇପଡିବ।

**ଧନୁ** ଆଜି ରାଶ୍ୟାଧିପତିଙ୍କ ରାଶି ପ୍ରତି ଦୃଷ୍ଟି ଯୋଗୁ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଆଜି ସକାଳୁ ସକାଳୁ ଶୁଭ ଖବର ପାଇ ଉଲ୍ଲସିତ ହେବେ। ବିଳାସ ବ୍ୟସନ କିମ୍ବା ସଭାସମିତିରେ ଆଲୋଚନା ମଧ୍ୟରେ ସମୟ ଅତିବାହିତ ହେବାର ସୂଚନା ରହିଛି।

**ମକର** କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ଅକ୍ଷୁଣ୍ଣ ରହିଲେ ମଧ୍ୟ ପାରିବାରିକ ସ୍ଥିତି ଭଲ ରହିବ ନାହିଁ। ବାଣିଜ୍ୟରେ ଉନ୍ନତି ଘଟିବା ପାଇଁ ଆପ୍ରାଣ ଉଦ୍ୟମ କରିପାରନ୍ତି। କେତେକ ଅନାକାଂକ୍ଷିତ ପ୍ରତିବନ୍ଧକରୁ ନିର୍ମାଣାଧୀନ କାମଟି ଆଜି ବାସ୍ତବରେ କରିପାରିବେ ନାହିଁ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି ହୋଇପାରେ।

**କୁମ୍ଭ** ରାଶିରେ ରାହୁଯୁକ୍ତ ଚନ୍ଦ୍ରଙ୍କ ଯୋଗୁ ଚେଷ୍ଟା କରୁଥିବା କାମରେ ପରିବାରରୁ ସହଯୋଗ ପାଇବେ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ଦିଗରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ଚେଷ୍ଟାକଲେ ଉପକାର ମିଳିବ। ଯାତ୍ରା, ବାଣିଜ୍ୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ ରହିବ।

**ମୀନ** ଶନିଙ୍କ ପ୍ରଭାବରେ ଆପଣ ଆଜି ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିବୁଲିବେ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ ସମସ୍ୟା ସୃଷ୍ଟି ହୋଇପାରେ। ପାରିବାରିକ ଅସ୍ଥିରତା କାରଣରୁ ମାନସିକ ସ୍ଥିରତା ହରାଇ ପାରନ୍ତି।

ଆଜି ଅଗଷ୍ଟ ୧୧ ତାରିଖ, ଭାଦ୍ରବ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ସୋମବାର, ରାଶିନକ୍ଷତ୍ର-ଦିବା ଘ.୧୨.୫୯ ମି. ପର୍ଯ୍ୟନ୍ତ ଶତଭିଷା/କୁମ୍ଭ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୯ ଗତେ ଘ.୦୭.୦୫ ମଧ୍ୟେ, ଘ.୧୦.୩୫ ଗତେ ଘ.୦୧.୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭.୦୫ ଗତେ ଘ.୦୮.୪୦ ମଧ୍ୟେ ରାହୁ କାଳ ।

## ଡିଏଭି ୟୁନିଟ୍-୮,ଏମ୍‌ସ...

ଏମ୍ସ ଭୁବନେଶ୍ୱର ୯୦ ସ୍କୋର ରଖିଥିବାବେଳେ ଆଇଆଇଟି ଖଡଗପୁର ଏବଂ ଆଇଆଇଏମ୍ କାଲ୍‌କାଟା ଯଥାକ୍ରମେ ୮୪ ଏବଂ ୫୬ ସ୍କୋର ରଖିଥିଲେ। ଉଲ୍ଲେଖଯୋଗ୍ୟ, ସିନିୟର ବର୍ଗରେ ଭାଗ ନେଇଥିବା ଅନ୍ୟ ଦଳମାନେ ଥିଲେ ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟ, ଖୋର୍ଦ୍ଧାର ନାଇଜର, ଝାଡ଼ଖଣ୍ଡ ଜାମସେଦ୍‌ପୁରର ଏକ୍ସଏଲଆରଆଇ, କଟକସ୍ଥିତ ନ୍ୟାଶନାଲ ଲ' ୟୁନିଭରସିଟି ଏବଂ ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାର।

କାର୍ଯ୍ୟକ୍ରମ ଆରମ୍ଭରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ମେଟଲ୍ ମିଟ୍‌ର ଆଭିମୁଖ୍ୟ ବିଷୟରେ କହିବା ସହିତ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏହି କୁଇଜ୍ ପ୍ରତିଯୋଗିତା ପ୍ରଥମ ଥର ପାଇଁ ରାଜ୍ୟ ବାହାରକୁ ଯାଇଥିବାରୁ ସମସ୍ତ ପ୍ରତିଯୋଗୀଙ୍କୁ ସ୍ୱାଗତ କରିବା ସହ କୁଇଜ୍ ସଂସ୍କୃତିକୁ ପୁନରୁତ୍‌ଥାନ କରିବାରେ ଏହି ସଂସ୍କରଣ ବେଶ୍ ଉପାଦେୟ ହୋଇପାରିଥିବା କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ପ୍ରାୟୋଜକ ଭାବେ ଇଣ୍ଡିଆନ ଅଏଲ, ନାଲ୍‌କୋ, ବେଦାନ୍ତ, ଇମ୍ଫା, ଏଏମ୍/ଏନ୍‌ଏସ୍ ଇଣ୍ଡିଆ, ଓକାକ୍, ପାରାଦୀପ ଫସ୍‌ଫେଟ୍, ଡିଓନ, ଏମ୍‌ଜିଏମ୍ ମିନେରାଲ ଲିମିଟେଡ, ଏସଆଇପି ଆବାକସ, ଏମ୍‌ସିଏଲ୍, ଜେଏସଡବ୍ଲ୍ୟୁ, ଏମ୍ପ୍ରେ ଏମ୍‌ଜି, ଓଡ଼ିଶା ସରକାର ଓ ନିୟୁଟନ ହାୟର ସେକେଣ୍ଡାରୀ ସ୍କୁଲ ଅଫ ସାଇନ୍ସ ରହିଥିବା ବେଳେ ପାର୍ଟନେର ଭାବେ ଅଜନ୍ତା ଆଡଭର୍ଟାଇଜର୍ସ, ସମାଜବାଦୀ ସୋସାଇଟି, ଡବ୍ଲ୍ୟୁଇଏଫଇ ଇଣ୍ଟରନେଟ ଓ ଧରିତ୍ରୀ ରହିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯୋଗୀ, ବଇଦ, କୁକୁର, ଘୋଡ଼ା,
କେବେ ନୁହନ୍ତି ଯୋଡ଼ା ଯୋଡ଼ା।**

ପ୍ରକୃତରେ ଦେଖିବାକୁ ଗଲେ ଯୋଗୀ, ବଇଦ, କୁକୁର ଓ ଘୋଡ଼ା ଏଇ ଜାତି ପରସ୍ପର ପ୍ରତି ଖୁବ୍ ବିରୋଧୀ। ଏମାନଙ୍କ ମଧ୍ୟରୁ ଯିଏ ଯାହା ସାଙ୍ଗରେ ମିଶେ ସେଥିରେ ତା'ର ମୋଟେ ଫାଇଦା ନ ଥାଏ। ତେଣୁ ସେମାନେ ନିଜ ନିଜର ପତିଆରା ଦେଖାଇବାକୁ ଯାଇ ପ୍ରତ୍ୟେକେ ଅଲଗା ଅଲଗା ରହିବାକୁ ଉଚିତ ମଣୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଯେବେ ଥିବ ଅଣ୍ଟାରେ ବଳ,
ସଙ୍ଗାତ ମିତେ ତା' ଦୁଆରେ ଠୁଳ।**

ଆଜିର ଅର୍ଥସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ଯାହା ପାଖରେ ଅର୍ଥ ନ ଥାଏ ସେ ସଭିଙ୍କ ପାଖରେ ଅଖୋଜା ଅଲୋଡ଼ା ହୋଇଯାଇଥାଏ। କିନ୍ତୁ ପାଖରେ ଅର୍ଥ ଥିଲେ ଅଜଣା ଅଦେଖା ବା ଦୂର ସମ୍ପର୍କୀୟ ବ୍ୟକ୍ତି ନିଜର ଆତ୍ମୀୟତା ଦେଖାଇବାରେ ଆଦୌ ହେଳା କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

## ଚନ୍ଦ୍ରଭାଗା ସମୁଦ୍ରରେ ...

ରିଟ୍ରିଟ୍ ଠାରେ ଏକ ଘରୋଇ ଗାଡ଼ି ସର୍ଭିଂ କମ୍ପାନୀରେ କାର୍ଯ୍ୟରତ ୩ ଜଣ ସାଙ୍ଗ ଗାଧୋଉଥିବା ବେଳେ ୨ଜଣ ଭାସିଯାଇ ମୃତ୍ୟୁବରଣ କରିଛନ୍ତି। ଗୁରୁତର ଅବସ୍ଥାରେ ଚମ୍ପାହାର ଅଗ୍ନିଶମ ସେବା କେନ୍ଦ୍ର ଅଧିକାରୀ ବିଚିତ୍ର କୁମାର ଚୌଧୁରୀ ଓ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ଆହତ ଶିବକୁମାରଙ୍କୁ ପ୍ରାଥମିକ ଚିକିତ୍ସା ନିମନ୍ତେ କୋଣାର୍କ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଅନ୍ୟ ଦୁଇ ଜଣଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ଅରୂପାନନ୍ଦ ଓ ରାହୁଲଙ୍କୁ ମୃତ ଘୋଷଣା କରିଥିଲେ। ମୃତ ପାହାଲ ଅଞ୍ଚଳର ଯୁବକ ପିଣ୍ଟୁଙ୍କ ଶବ ବ୍ୟବଚ୍ଛେଦ ପାଇଁ ପୁରୀ ସଦର ମହକୁମା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା ବେଳେ କୋଣାର୍କ ଥାନା ଅଧୀନ ଯମତଳା ଗ୍ରାମର ରାହୁଲ କୁମାର ସେନାପତି ଓ ଅରୂପାନନ୍ଦ ଜେନାଙ୍କ ମୃତ ଦେହକୁ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୋଲିସ ଜବତ କରି ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ନେଇ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପୋଲିସ ପକ୍ଷରୁ ପୃଥକ ପୃଥକ ଭାବେ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଚନ୍ଦ୍ରଭାଗା ସାମୁଦ୍ରିକ ଥାନାଧିକାରୀ ପ୍ରତିମା ସାହୁ ପ୍ରକାଶ କରିଛନ୍ତି।

ଚନ୍ଦ୍ରଭାଗା ସମୁଦ୍ର କୂଳରେ ସୁରକ୍ଷା ନିମନ୍ତେ ଆବଶ୍ୟକ ଲାଇଫ୍‌ଗାର୍ଡ ନ ଥିବା ଓ ଚନ୍ଦ୍ରଭାଗାଠାରୁ ଇକୋ ରିଟ୍ରିଟ ପର୍ଯ୍ୟନ୍ତ ସମୁଦ୍ରକୂଳ ଖୁଲା ପଡ଼ିଥିବାରୁ ପର୍ଯ୍ୟଟକମାନେ ଯେଉଁଠି ପାଇଲେ ସେଠାରେ ଗାଧୋଇବା ଦ୍ୱାରା ଏପରି ଅଘଟଣ ଘଟୁଛି। ସଚେତନତା ଅଭାବରୁ ସମୁଦ୍ରରେ ବୁଡ଼ି ଅନେକ ପ୍ରାଣ ହାନି ଘଟୁଛି ବୋଲି କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଚନ୍ଦ୍ରଭାଗା ସମୁଦ୍ରକୂଳରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆବଶ୍ୟକ ଲାଇଫ୍‌ଗାର୍ଡ ମୁତୟନ କରିବା ପାଇଁ ପୁରୀ ଜିଲାପାଳ ଓ ଏସ୍‌ପି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## କୁକୁର କାମୁଡ଼ାରେ ଆହତ ...

ମେଘନାଦ ଛତ୍ରିଆ, ଫୁଲ ଛତ୍ରିଆ, ଆର. ରଣା, ଖେଳାଳି ଯୋଗେନ୍ଦ୍ର ଓ ହୃଷୀକେଶଙ୍କୁ ଗୋଡେଇ ଜଣକ ପରେ ଜଣଙ୍କୁ କାମୁଡ଼ି ଦେଇଥିଲା। ଫଳରେ ସେମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଯୋଗେନ୍ଦ୍ର ଓ ହୃଷୀକେଶଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହୋଇପଡିବାରୁ ଉଭୟଙ୍କୁ ପ୍ରଥମେ ବଲାଙ୍ଗୀର ଭୀମଭୋଇ ମେଡିକାଲ ନିଆଯାଇ ଚିକିତ୍ସା କରାଯାଇଥିଲା। ପରେ ଦୁହିଁଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଶନିବାର ଯୋଗେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାପରେ ହୃଷୀକେଶଙ୍କୁ ଉଚ୍ଚତର ଚିକିତ୍ସା କରା ନ ଯାଇ ଘରକୁ ନେଇଯିବାକୁ କୁହାଯାଇଥିଲା। ଫଳରେ ପରିବାର ଲୋକେ ଘରକୁ ଆଣିବା ବେଳେ ରବିବାର ସକାଳ ସାଢେ ୯ଟାରେ ତାଙ୍କର ମୃତ୍ୟୁ ଘଟିଥିଲା । ଗ୍ରାମରେ ହୃଷୀକେଶଙ୍କ ଅନ୍ତିମ ସଂସ୍କାର କରାଯାଇଛି । ସେହିପରି ମୃତଦେହ ବ୍ୟବଚ୍ଛେଦ ପରେ ବୁର୍ଲାରେ ଆଥ୍‌ଲେଟ ଯୋଗେନ୍ଦ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଅବିବାହିତ ଯୋଗେନ୍ଦ୍ର ରାଜ୍ୟ ଓ ଜାତୀୟ ସ୍ତରରେ ଭଲିବଲ୍ ଖେଳିଥିଲେ। ଆଗକୁ ଭଲ ଖେଳି ଦେଶର ନାଁ ରଖିବା ତାଙ୍କର ଲକ୍ଷ୍ୟ ଥିଲା ବୋଲି ପରିବାର ଲୋକେ କହିଛନ୍ତି। କୁକୁର କାମୁଡାରେ ୨ ଜଣଙ୍କ ମୃତ୍ୟୁ ଘଟିବା ଖବର ପାଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଯାଇଛି। ଅନ୍ୟ ଆହତମାନେ କିପରି ସୁସ୍ଥ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅପରପକ୍ଷରେ ସନ୍ଧ୍ୟାରେ ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ପହଞ୍ଚି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ଏହାଛଡା ତୁଷରା ଥାନା ଆଇଆଇସି ମନୋଜ ପ୍ରଧାନ ମଧ୍ୟ ଚିଞ୍ଚେଡ ଗ୍ରାମକୁ ଯାଇଥିବା ସୂଚନା ମିଳିଛି।

## ବିକାଶ ସହ ଦୁର୍ନୀତିମୁକ୍ତ ...

ହସ୍ପିଟାଲର ୬୫୦ ଶଯ୍ୟା ବିଶିଷ୍ଟ କୋଠାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଏକ ସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଜୟପୁର-ବ୍ରହ୍ମପୁର-ଭୁବନେଶ୍ୱର ଇକୋନୋମିକ୍ କରିଡରର ୬ ଲେନ୍ ବିଶିଷ୍ଟ ରାସ୍ତା ଶୀଘ୍ର ନିର୍ମାଣ ହେବ। ଏଥିସହ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଖାଲି ଥିବା ସମସ୍ତ ପଦବୀ ପୂରଣ ହେବ। କୋରାପୁଟବାସୀ ସ୍ୱାସ୍ଥ୍ୟ ସେବା ପାଇଁ ଯେମିତି ଦୂର ସହରକୁ ଯାଇ ହଇରାଣ ନ ହେବେ, ସେଥିଲାଗି ସରକାର ସବୁ ପ୍ରକାର ବ୍ୟବସ୍ଥା କରୁଛନ୍ତି। ଏହି ମେଡିକାଲ କଲେଜ ଏବଂ ହସ୍ପିଟାଲ ଦ୍ୱାରା କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଜିଲା ସମେତ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ଲୋକେ ମଧ୍ୟ ଉପକୃତ ହେବେ। ନୂତନ ହସ୍ପିଟାଲରେ ଲୋକେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବା ପରଠୁ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁଣାତ୍ମକମାନ ବୃଦ୍ଧିକୁ ପ୍ରାଥମିକତା ଦିଆଯାଉଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ପୂରଣ କରାଯାଉଛି। ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ରୋଗୀଙ୍କ ପାଇଁ ବହୁବିଧ ଚିକିତ୍ସା ସୁବିଧା କରାଯାଉଛି। ରୋଗୀଙ୍କ ପାଇଁ ଅକ୍ସିଜେନ୍ ଅଭାବ ଦୂର କରିବା ସକାଶେ ସ୍ୱତନ୍ତ୍ର ଅକ୍ସିଜେନ୍ ପ୍ଲାଣ୍ଟ ବସାଯାଉଛି। ଏହି ହସ୍ପିଟାଲ ସଂଲଗ୍ନ ୨ ଏକର ପରିମିତ ଜାଗାରେ କ୍ୟାନ୍ସର ହସ୍ପିଟାଲ ମଧ୍ୟ ନିର୍ମାଣ କରାଯାଉଛି। ଏଥିପାଇଁ ସରକାର ପ୍ରାୟ ୪୧ କୋଟି ୧୫ ଲକ୍ଷ ଟଙ୍କାର ବ୍ୟୟବରାଦ କରିଥିବା ସେ ସୂଚନା ଦେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ୧୨ ସରକାରୀ ମେଡିକାଲ କଲେଜ ଥିବାବେଳେ ଖୁବ୍‌ଶୀଘ୍ର ଆଉ ୪ଟି ମେଡିକାଲ କଲେଜ ଖୋଲାଯିବ। ଢେଙ୍କାନାଳ, ଜଗତସିଂହପୁର, ଭଦ୍ରକ ଓ ନବରଙ୍ଗପୁରରେ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା (ଏବିପିଏମ୍‌ଜେଏୱାଇ) ଏବଂ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା (ଜିଜେଏୱାଇ)ରେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ପ୍ରାୟ ୩ ଲକ୍ଷ ୯୧ ହଜାର ହିତାଧିକାରୀଙ୍କ ପାଇଁ ୯୦୦ କୋଟି ଟଙ୍କାର ଚିକିତ୍ସା ସୁବିଧା ଦିଆଯାଇଛି। ସେହିପରି ୭୦ ବର୍ଷରୁ ଉର୍ଦ୍ଧ୍ୱ ୮,୬୪୪ ହିତାଧିକାରୀଙ୍କୁ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୩୫ କୋଟି ୬୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ପ୍ରଦାନ କରାଯାଇଥିବା ସେ କହିଛନ୍ତି। କୋରାପୁଟବାସୀ ଦେଶର ୨୯ ହଜାରରୁ ଉର୍ଦ୍ଧ୍ୱ ତାଲିକାଭୁକ୍ତ ଘରୋଇ ହସ୍ପିଟାଲରେ ମାଗଣା ସ୍ୱାସ୍ଥ୍ୟସେବା ପାଉଛନ୍ତି। ଏହି ଜିଲାରେ ଏଯାଏ ଏବିପିଏମ୍‌ଜେଏୱାଇ-ଜିଜେଏୱାଇ ଅନ୍ତର୍ଗତ ୩ ଲକ୍ଷ ୫୪୭ କାର୍ଡ ବଣ୍ଟନ କରାଯାଇଛି। ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ଅଧୀନରେ ଅଦ୍ୟାବଧି ୯ ହଜାର ୬ ହିତାଧିକାରୀ ପଞ୍ଜୀକୃତ ହୋଇଛନ୍ତି। ଜିଲାରେ ବର୍ତ୍ତମାନ ୪ ଘରୋଇ ହସ୍ପିଟାଲକୁ ଏବି-ପିଏମ୍‌ଜେଏୱାଇ-ଜିଜେଏୱାଇ ଅନ୍ତର୍ଗତ ଅନୁମୋଦନ ମିଳିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବିପିଏମ୍‌ଜେଏୱାଇ, ଜିଜେଏୱାଇ, ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟସେବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

ସଭାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, କୋରାପୁଟ ଜିଲାର ସ୍ୱାସ୍ଥ୍ୟ ସେବା ବିକାଶ ଇତିହାସରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ିହୋଇଛି। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର, ଡାକ୍ତରଖାନା, ମେଡିକାଲ୍ କଲେଜରେ ନୂଆ ଭିତ୍ତିଭୂମି ସହ ରୋଗୀକୈନ୍ଦ୍ରିକ ସେବା ବ୍ୟବସ୍ଥା କରାଯାଉଛି। କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, କୋଟପାଡ଼ ବିଧାୟକ ରୁପୁ ଭତ୍ରା ଓ ଜିଲାପାଳ ମନୋଜ ସତ୍ୟବାନ୍ ମହାଜନ ପ୍ରମୁଖ ମଞ୍ଚାସୀନ ଥିଲେ। କୋରାପୁଟ ବିଧାୟକ ରଘୁରାମ ମାଛ ସ୍ୱାଗତ ଭାଷଣ ଦେଇଥିବାବେଳେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଧନ୍ୟବାଦ ଅର୍ପଣ କରିଥିଲେ।

## କଳିଙ୍ଗରେ ପ୍ରଜ୍ଞା,...

ଅନିମେଶ ୨୦.୭୭ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦକ୍ଷିଣ କୋରିଆର କୋ ସେଉଙ୍ଗୱାନ ୨୦.୯୫ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ଓ ଭାରତର ରଗୁଲ କୁମାର ଜି. ୨୧.୧୭ ସେକେଣ୍ଡ ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଛତିଶଗଡ଼ର ଅନିମେଶ ଭୁବନେଶ୍ୱର ଏଚ୍‌ପିସିରେ ଟ୍ରେନିଂ ନେଉଥିବାରୁ ସେ ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ଏହା ଏକ ଆମନ୍ତ୍ରଣୀୟ ପ୍ରତିଯୋଗିତା ହୋଇଥିବାରୁ ପ୍ରତିଯୋଗୀଙ୍କୁ ପଦକ ପ୍ରଦାନ କରାଯାଇ ନ ଥାଏ। କେବଳ ଆର୍ଥିକ ପୁରସ୍କାର ଦିଆଯାଏ। ତେବେ ଏଥିରୁ ପ୍ରତିଯୋଗୀମାନେ ଟାଇମିଂ ଅନୁସାରେ ମୂଲ୍ୟବାନ ର୍ୟାଙ୍କିଂ ପଏଣ୍ଟ ପାଇଥାନ୍ତି, ଯାହାକି ଭବିଷ୍ୟତରେ ସେମାନଙ୍କୁ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ସହାୟକ ହୋଇଥାଏ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୋଲିସ ଡିଜି ୱାଇ.ବି. ଖୁରାନିଆ, କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




ପ୍ରଜ୍ଞା ପ୍ରଶାନ୍ତି ସାହୁ




ଅନିମେଶ କୁଜୁର୍

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

■ କୁପୋଷଣ ମୁକ୍ତ ବ୍ଲକ୍ ଗଠନ ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ
■ ହିର୍ଲି ଡଙ୍ଗର ପର୍ଯ୍ୟଟନସ୍ଥଳୀ ପରିଦର୍ଶନ

ନବରଙ୍ଗପୁର,୧୦।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ସର୍କିଟ ହାଉସସ୍ଥିତ ସମ୍ମିଳନୀ ଗୃହରେ ରବିବାର ସକାଳ ସାଢ଼େ ୮ଟାରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ନିଜସ୍ୱ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗ ସହ ରାସ୍ତା ଓ ଗୃହ ନିର୍ମାଣ, ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ବୈଠକରେ ଏମ୍‌ପି ବଳଭଦ୍ର ମାଝି, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ପ୍ରମୁଖ ଯୋଗଦେଇଥିଲେ। ଉପ ମୁଖ୍ୟମନ୍ତ୍ରୀ ପୋଷଣ ଅଭିଯାନ ଉପରେ ଗୁରୁତ୍ୱ ଦେଇ ଜିଲାରେ ମହିଳା ଓ ଶିଶୁ ବିକାଶ ଏବଂ ସ୍ୱାସ୍ଥ୍ୟ ବିଭାଗ ସମନ୍ୱୟରେ ଶୀଘ୍ର ଗୋଟିଏ କୁପୋଷଣ ମୁକ୍ତ ବ୍ଲକ ଗଠନ ପୂର୍ବକ ଏକ ଆଦର୍ଶ ଉଦାହରଣ ସୃଷ୍ଟି କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମିଶନ ବାତ୍ସଲ୍ୟରେ ଶିଶୁଙ୍କୁ ଯଥା ସମୟରେ ସହାୟତା ପ୍ରଦାନ ପାଇଁ ଡିସିପି ଓ ସିଡବ୍ଲ୍ୟୁସିଙ୍କୁ କହିଥିଲେ। ଜିଲାରେ ସୁଭଦ୍ରା ଯୋଜନାରେ ହିତାଧିକାରୀ ଅନ୍ତର୍ଭୁକ୍ତ ସଫଳତା ହାର ୧୦୦ ପ୍ରତିଶତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଙ୍ଗନୱାଡ଼ି କେନ୍ଦ୍ରରେ ଶୌଚାଳୟ,ପାନୀୟ ଜଳ, ବିଦ୍ୟୁତ୍ ବ୍ୟବସ୍ଥା, ଅସମ୍ପୂର୍ଣ୍ଣ ଅଙ୍ଗନୱାଡ଼ି କେନ୍ଦ୍ରର ଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ, ଅସମ୍ପୂର୍ଣ୍ଣ କେନ୍ଦ୍ରର ବର୍ଷକର ତାଲିକା ଓ ନୂଆ ଅଙ୍ଗନୱାଡ଼ି କେନ୍ଦ୍ର ପ୍ରସ୍ତାବ ତାଲିକା ଦେବା ପାଇଁ ଡିଏସ୍‌ଡବ୍ଲ୍ୟୁଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଜିଲାରେ ବାଲ୍ୟବିବାହ ରୋକିବା ପାଇଁ ବହୁଳ ପ୍ରଚାର ପ୍ରସାର କରିବା ସହ ପ୍ରତିରୋଧକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶିଶୁମୃତ୍ୟୁ ହାର କମାଇବା, ମା' ଗୃହରେ ପ୍ରସବ ପାଇଁ ଅନୁପ୍ରାଣିତ, ଜିଲାରେ ୧୦୦% ଆନୁଷ୍ଠାନିକ ପ୍ରସବ ଉପରେ ଗୁରୁତ୍ୱ ଦେଇ ସିଡିଏମଓ ଏବଂ ଡିଏସଡବ୍ଲ୍ୟୁଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ସଦର ମହକୁମା ଚିକିତ୍ସାଳୟରେ ଏକ ଗବେଷଣା କେନ୍ଦ୍ର ଖୋଲିବା ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ସିଡିଏମ୍‌ଓଙ୍କୁ କହିଥିଲେ। ସେହିଭଳି ସହରରେ ମିଶନ ଶକ୍ତି ଭବନ ଓ ମିଶନ ଶକ୍ତି ବଜାର ନିର୍ମାଣ କାର୍ଯ୍ୟ ଉପରେ ଅଧୀକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହ ନିର୍ମାଣ ବିଭାଗଙ୍କୁ ପଚାରିଥିଲେ। ଅଧୀକ୍ଷଣ ଯନ୍ତ୍ରୀ ଏହାର ଉତ୍ତରରେ ଏହି ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି ଏବଂ ଅତିଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। ଜିଲାରେ ବିଭିନ୍ନ ପର୍ଯ୍ୟଟନୀସ୍ଥଳର ବିକାଶ, ନିଆଯାଇଥିବା ପଦକ୍ଷେପ ଓ ନୂତନ ପ୍ରସ୍ତାବିତ ପର୍ଯ୍ୟଟନ ପ୍ରୋଜେକ୍ଟ ଉପରେ ବିଶେଷ ଭାବରେ ଡିଟିଓଙ୍କୁ ପଚାରିଥିଲେ। ଜିଲାରେ ଖରିଫ ଧାନ ବିକ୍ରୟ ପାଇଁ ଚାଷୀ ପଞ୍ଜୀକରଣ, ମଣ୍ଡିର ବ୍ୟବସ୍ଥା, ଧାନ ସଂଗ୍ରହ ଉପରେ ସିଏସଓ ଉପ ମୁଖ୍ୟମନ୍ତ୍ରୀ ପରିଡାଙ୍କୁ ଅବଗତ କରିଥିଲେ। ସମୀକ୍ଷା ବୈଠକରେ ଡିପିଏମ୍, ଓଏଲ୍‌ଏମ୍, ଡିପିସି, ମିଶନ ଶକ୍ତି, ୧୦ ବ୍ଲକ ସିଡିପିଓ, ୱାନ ଷ୍ଟପ ସେଣ୍ଟରର ଆଇନ ପରାମର୍ଶଦାତା, ସିଡବ୍ଲ୍ୟୁସି ଅଧ୍ୟକ୍ଷ, ଡିପିସି, ମମତା ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ବୈଠକ ପରେ ଉପ ମୁଖ୍ୟମନ୍ତ୍ରୀ ପରିଡ଼ା ନବରଙ୍ଗପୁର ଜିଲା ଗସ୍ତ ସମୟରେ ସହର ନିକଟସ୍ଥ ହିର୍ଲିଡଙ୍ଗରୀ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିଥିଲେ। ପରେ ସହରର ଅଧିଷ୍ଠାତ୍ରୀ ଦେବୀ ମା' ଭଣ୍ଡାର ଘରଣୀ ଏବଂ ମନ୍ଦିର ପରିସରରେ ମା' ପେଣ୍ଡ୍ରାଣୀଙ୍କୁ ପୂଜାର୍ଚ୍ଚନା କରିଥିଲେ।


ସମୀକ୍ଷା ବୈଠକରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅନ୍ୟ ଅଧିକାରୀ।

# ଆଜି ବିଜେଡିର ରାଇଘର ବନ୍ଦ


ଖବରଦାତା ସମ୍ମିଳନୀରେ ବିଜେଡି ନେତା ପ୍ରଦୀପ ମାଝୀଙ୍କ ସହ ଅନ୍ୟ ସଦସ୍ୟମାନେ ।

## ମୃତ ନର୍ସିଂ ଛାତ୍ରୀଙ୍କ ପରିବାରକୁ ୧ କୋଟି କ୍ଷତିପୂରଣ ଦାବି

ନବରଙ୍ଗପୁର/ ଉମରକୋଟ,୧୦।୮ (ସଦାଶିବ ପ୍ରହରାଜ/ ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ରାଇଘର ଥାନା ଅଞ୍ଚଳର ନର୍ସିଂ ଛାତ୍ରୀଙ୍କ ଭୁବନେଶ୍ୱର ଏମ୍ସଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ଘଟିଛି। ମୃତ ଛାତ୍ରୀଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ଦାବିକରି ବିଜେଡି ପକ୍ଷରୁ ସୋମବାର ୧୨ ଘଣ୍ଟିଆ ରାଇଘର ବ୍ଲକ୍ ବନ୍ଦ ଡାକରା ଦିଆଯାଇଛି । ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାଇଘର ବନ୍ଦ ରହିବ ଏବଂ ସମସ୍ତ ଗାଡ଼ି ମୋଟର ସହ ଦୋକାନ ବଜାର ବନ୍ଦ ରହିବ। ବନ୍ଦ ସମୟରେ ଜରୁରୀକାଳୀନ ସେବାକୁ ଛାଡି ଅନ୍ୟ ସମସ୍ତ ଦୋକାନ, ବଜାର ଓ ଗାଡି ଚଳାଚଳ ବନ୍ଦ ରହିବ ବୋଲି ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର ସୂଚନା ଦେଇଛନ୍ତି। ପୀଡ଼ିତାଙ୍କ ପରିବାରକୁ କ୍ଷତିପୂରଣ ସହ ପରିବାରର ଜଣକୁ ସରକାରୀ ଚାକିରି ଦେବାକୁ ବିଜେଡି ଦାବି କରିଛି। ଡବଲ ଇଞ୍ଜିନ ସରକାରରେ ଡବଲ ଏଫଆଇଆର୍ ଦେବା ପରେ ମଧ୍ୟ ସରକାର ନିଷ୍କ୍ରିୟ। ତେଣୁ ରାଇଘର ନର୍ସିଂ ଛାତ୍ରୀଙ୍କ ଆତ୍ମହତ୍ୟା ନୁହେଁ, ଏହା ସରକାରୀକୃତ ହତ୍ୟା ବୋଲି ଏ ନେଇ ସ୍ଥାନୀୟ ଏକ ହୋଟେଲରେ ବିଜେଡି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ନେତା ପ୍ରଦୀପ ମାଝୀ କହିଛନ୍ତି।

ସେହିଭଳି ଓଡ଼ିଶାରେ ଦେଢ଼ ମାସ ଭିତରେ ୪ଜଣ ଛାତ୍ରୀଙ୍କ ମୃତ୍ୟୁ ଘଟଣା ସୂଚାଇ ଦେଉଛି ଯେ, ଏହି ସରକାର ନାରୀସୁରକ୍ଷା ପ୍ରତି ସମ୍ବେଦନହୀନ ଓ ଅନଭିଜ୍ଞ। ତେଣୁ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବାରେ ବିଫଳ ହୋଇଛି ବୋଲି ପ୍ରଦୀପ କହିଛନ୍ତି। ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ମହିଳା ବିଜେଡି ସଭାନେତ୍ରୀ ମଞ୍ଜୁଳା ମାଝୀ, କୌଶଲ୍ୟା ପ୍ରଧାନୀ, ସରୋଜ ପାତ୍ର, ରବି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ବିଜେଡିର ୧୨ ଘଣ୍ଟିଆ ବନ୍ଦ ଘଟଣାକୁ ନବରଙ୍ଗପୁର ଜିଲା ଭାଜପା ସଭାପତି କୁଞ୍ଜବିହାରୀ ଦାସ ହାସ୍ୟାସ୍ପଦ ବୋଲି କହିଛନ୍ତି। ପୂର୍ବ ସରକାର ସମୟରେ ଅନେକ ଘଟଣା ଘଟିଛି, ହେଲେ ଦୋଷୀଙ୍କୁ ସୁହାଇଲା ଭଳି ଦଣ୍ଡ ବିଧାନ କରାଯାଉଥିଲା। କିନ୍ତୁ ଭାଜପା ସରକାର ସମୟରେ ନାରୀ ନିର୍ଯାତନା ଘଟଣାରେ ଅପରାଧୀଙ୍କୁ ତୁରନ୍ତ ଧରାଯାଉଛି ଓ ଜେଲ୍ ପଠାଯାଉଛି । ତେଣୁ ବିଜେଡି ପକ୍ଷରୁ ଯେଉଁ ବନ୍ଦ ଡାକରା ଦିଆଯାଇଛି ଏହାର କୌଣସି ମାନେ ନାହିଁ ବୋଲି ସେ କହିଛନ୍ତି ।

# ଉପମୁଖ୍ୟମନ୍ତ୍ରୀଙ୍କ ଶହୀଦ ମିନାର ପରିଦର୍ଶନ

ପାପଡାହାଣ୍ଡି, ୧୦।୮ (ସ୍ୱପ୍ନଜିତ ପଟ୍ଟନାୟକ)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରବିବାର ନବରଙ୍ଗପୁର ଜିଲା ଗସ୍ତରେ ଆସି ପାପଡାହାଣ୍ଡି ଶହୀଦ ମିନାର ପରିଦର୍ଶନ କରିଛନ୍ତି। ପାପଡାହାଣ୍ଡିରେ ପହଞ୍ଚିବା ପରେ ଦଳୀୟ କର୍ମୀ ଓ ବ୍ଲକ ପ୍ରଶାସନ ତରଫରୁ ପରିଡ଼ାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରିଡ଼ା ଶହୀଦ ମିନାର ସହ ଏହାର ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାର ଐତିହ୍ୟ ସମ୍ପର୍କରେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା ପରିଡ଼ାଙ୍କୁ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏମ୍‌ପି ବଳଭଦ୍ର ମାଝୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ବିଡିଓ କପିଳ ଦେବ ସାହୁ, କାହ୍ନୁ ଦାସ, ପାପଡାହାଣ୍ଡି ମଣ୍ଡଳ ସଭାପତି ମନୋଜ ଅଗ୍ରୱାଲ, ଏମ୍‌ପିଙ୍କ ପ୍ରତିନିଧି ସୋମନାଥ ପୂଜାରୀଙ୍କ ସହ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଶହୀଦ ମିନାର ପରିସରରେ ଚାରାରୋପଣ କରାଯାଇଥିଲା ।

# କୋଡିଙ୍ଗା ଲ୍ୟାମ୍ପସ୍ ଦୁର୍ନୀତିକୁ ନେଇ ପ୍ରଭାତୀଙ୍କୁ ଭେଟିଲେ ଚାଷୀ

## ସମାଧାନ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ

ନବରଙ୍ଗପୁର,୧୦।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ସର୍କିଟହାଉସଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଚାଷୀମାନେ ଭେଟି କୋଡିଙ୍ଗା ଲ୍ୟାମ୍ପସ୍‌ରେ ହୋଇଥିବା ଦୁର୍ନୀତିକୁ ଡିଆରସିଏସ୍ ଚାପି ଦେଇଥିବା ଅଭିଯୋଗ କରିଛନ୍ତି। ଚାଷୀଙ୍କ ଅଭିଯୋଗର ତୁରନ୍ତ ସମାଧାନ କରିବାକୁ ଜିଲାପାଳଙ୍କୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ଡା. ମହେଶ୍ୱର ସ୍ୱାଇଁ ଚାଷୀଙ୍କ ପ୍ରସଙ୍ଗକୁ ଗୁରୁତର ସହ ନେଇ ଏହି ଘଟଣାର ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କୋଡିଙ୍ଗା ଲ୍ୟାମ୍ପସ ଅଞ୍ଚଳର ଚାଷୀ ସୁବ୍ରତ ମହାପାତ୍ର, ଯୁଧିଷ୍ଠିର ମାଳି, ବିମଳ ବିଷୋୟୀ, ରାଧାମୋହନ ମହାପାତ୍ରଙ୍କ ସମେତ ବହୁ ଚାଷୀ ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟି କୋଡିଙ୍ଗା ଲ୍ୟାମ୍ପସର ଦୁର୍ନିତି ଓ ଦୁର୍ନିତିର ଅଭିଯୋଗ ପରେ ଡିଆରସିଏସ୍ ତଦନ୍ତ କରିବା ପରେ ଉଭୟଙ୍କ ମଧ୍ୟରେ ମଧୁଚନ୍ଦ୍ରିକାରେ ଏହାକୁ ଚାପି ଦେଇଥିବା ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, କୋଡିଙ୍ଗା ଲ୍ୟାମ୍ପସ୍ ଏମ୍‌ଡି ଦୀର୍ଘ ୧୫ ବର୍ଷ ଧରି ଗୋଟିଏ ସ୍ଥାନରେ ଚାକିରି କରୁଛନ୍ତି। ତାଙ୍କର ଚାକିରି କାଳରେ କୋଡିଙ୍ଗା ଲ୍ୟାମ୍ପସକୁ ସମ୍ପୂର୍ଣ୍ଣ ଭାବେ ତାଙ୍କ କବଜାରେ ରଖିଛନ୍ତି। ଫଳରେ ଚାଷୀଙ୍କୁ ଠିକ ସମୟରେ ସାର ମିଳୁ ନ ଥିବା ବେଳେ ଋଣ ଇତ୍ୟାଦିରେ ବ୍ୟାପକ ଅନିୟମିତତା ହେଉଛି। ଏ ନେଇ ଡିଆରସିଏସ୍‌ଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ପରେ ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲା। ତଦନ୍ତ ସମୟରେ ଚାଷୀଙ୍କ ପକ୍ଷରୁ ଆବଶ୍ୟକ ପ୍ରମାଣ ମଧ୍ୟ ଦିଆଯାଇଛି। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଲ୍ୟାମ୍ପସ ଏମଡିଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି ଚାଷୀମାନେ ଅଭଯୋଗ କରିଛନ୍ତି।

# ଓକିଲ ସଂଘ ଏକାଦଶ ୩-୨ରେ ବିଜୟୀ


ଅତିଥିଙ୍କ ସହ ବିଜୟୀ ଦଳର ଖେଳାଳିମାନେ ।

## ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ

ଉମରକୋଟ,୧୦।୮ (ସନ୍ତୋଷ ଶତପଥୀ)

ସ୍ୱାଧୀନତା ଦିବସ ଉପଲକ୍ଷେ ଉମରକୋଟ ଡଙ୍ଗରିଗୁଡା ୟୁ.ଭି. ୩ ନମ୍ବର ଖେଳ ପଡିଆଠାରେ ଓକିଲ ସଂଘ ଏକାଦଶ ଓ ତହସିଲ ଏକାଦଶ ମଧ୍ୟରେ ରବିବାର ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓକିଲ ସଂଘ ଏକାଦଶ ୩-୨ ଗୋଲରେ ତହସିଲ ଏକାଦଶକୁ ପରାସ୍ତ କରିଛି। ଓକିଲ ସଂଘର ଅଧିନାୟକ ଅଶୋକ କୁମାର ପାଢ଼ୀ, ସହ ଅଧିନାୟକ ରାମ ନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ତହସିଲ ଏକାଦଶର ଅଧିନାୟକ ମେଗବାନ ବାଗ ଥିବାବେଳେ ସହ ଅଧିନାୟକ ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ ଥିଲେ। ଓକିଲ ସଂଘର ଟିମ୍ ମ୍ୟାନେଜର ଶ୍ରୀନିବାସ ପଟ୍ଟନାୟକ ଓ ପ୍ରଶାନ୍ତ କୁମାର ସାହୁ, କୋଚ ଭାବେ ସାନ୍ତନୁ କୁମାର ବାହିନୀପତି, ଉପଦେଷ୍ଟା ଭାବେ ଝାଡେଶ୍ୱର ମହାନ୍ତି, ସନ୍ତୋଷ ସାହୁ, ରବି ପଟ୍ଟନାୟକ ଓ ଯୁଧିଷ୍ଠିର ଦଳେଇ ପ୍ରମୁଖ ଉପସ୍ଥିତ ରହି ଓକିଲ ସଂଘ ଏକାଦଶର ଖେଳାଳିଙ୍କୁ ଉତ୍ସାହିତ କରି ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

# ଖବରଦାତାଙ୍କ ସମସ୍ୟା, ସୁରକ୍ଷାକୁ ଗୁରୁତ୍ୱ

## ଏସ୍‌ୟୁଜେ ସାମ୍ବାଦିକ ସଂଘର ଜିଲା କାର୍ଯ୍ୟକାରିଣୀ ବୈଠକ

ରାୟଗଡ଼ା,୧୦।୮ (ଆଶିଷ ରଞ୍ଜନ ପଣ୍ଡା)

ଷ୍ଟେଟ ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ (ଏସ୍‌ୟୁଜେ)ରାୟଗଡା ଶାଖାର ଜିଲା କାର୍ଯ୍ୟକାରିଣୀ ବୈଠକ-୨୦୨୫ ସ୍ଥାନୀୟ ଗାୟତ୍ରୀ ନଗରସ୍ଥିତ ବରିଷ୍ଠ ନାଗରିକ କଲ୍ୟାଣ ସଂଘ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ୟୁଜେ ଜିଲା ଶାଖା ସଭାପତି ଶିବ ନାରାୟଣ ଗଉଡଙ୍କ ସଭାପତିତ୍ୱରେ ରାଜ୍ୟ ସଂଘ କାର୍ଯ୍ୟକାରୀ ସଭାପତି କୀର୍ତ୍ତିଚନ୍ଦ୍ର ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମହାରଣା ଯୋଗଦେଇଥିଲେ। ଏଥିରେ ସଭାପତି ଗଉଡ ଖବରଦାତାଙ୍କ ସମସ୍ୟା, ଅଧିକାର, ସୁରକ୍ଷା, ପେଶାଗତ ମାନଦଣ୍ଡ ଓ ସାମ୍ପ୍ରତିକ ଘଟଣା ନେଇ ଆଲୋଚନା କରିଥିଲେ। ରାଜ୍ୟ ଏସ୍‌ୟୁଜେ ସଂଘ ଦ୍ୱାରା ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କ ବିଭିନ୍ନ ସମସ୍ୟା ସମାଧାନ, ସୁରକ୍ଷା ଆଇନ ପ୍ରଣୟନ, ଭୁବନେଶ୍ୱରରେ ସାମ୍ବାଦିକ ଭବନ, ବୀମାରାଶିରେ ବୃଦ୍ଧି, ମୃତ୍ୟୁକାଳୀନ ସହାୟତା, ପେନ୍‌ସନ ଲାଗୁ ଆଦି ନେଇ ରାଜ୍ୟ କାର୍ଯ୍ୟକାରୀ ସଭାପତି ସାହୁ ଆଲୋକପାତ କରିଥିଲେ। ଜିଲାରେ ସଂଘକୁ ମଜବୁତ କରି ସଂଘର କାର୍ଯ୍ୟକ୍ରମ ପରିକଳ୍ପନା ସହ ନୂତନ ସଦସ୍ୟ ଭର୍ତ୍ତି, ଧନସଂଗ୍ରହ ଓ ପ୍ରଶିକ୍ଷଣ ଆଦି କାର୍ଯ୍ୟକ୍ରମ କରିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସମସ୍ତ ଯୋଜନା, ସହାୟତା ସମ୍ପର୍କରେ ଡିଆଇପିଆରଓ ପ୍ରଧାନ ସୂଚନା ଦେଇଥିଲେ। ସଂଘ ପକ୍ଷରୁ ଡିଆଇପିଆରଓ ପ୍ରଧାନଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଂଘ ପକ୍ଷରୁ ପେଶାଗତ ଅଧିକାର ସୁରକ୍ଷା ନେଇ ସରକାରଙ୍କୁ ଅନୁରୋଧପତ୍ର ପ୍ରେରଣ କରିବା, ଆଗାମୀ ଦିନରେ ନିୟମିତ ବୈଠକ, ଖବରଦାତାଙ୍କ ବିଧି ସହାୟତା କୋଷ ଗଠନ କରାଯିବା ପାଇଁ ନିଷ୍ପତି ନିଆଯାଇଥିଲା। ବୈଠକରେ ସଂଘର ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ ଅଂଶ୍ରଗହଣ କରିଥିଲେ।

# ୬୦ ବର୍ଷ ବୟସରେ ମାଟ୍ରିକ୍ ପାସ୍ କଲେ ମହିଳା

ଝରିଗାଁ,୧୦।୮ (କିଶୋର ଚନ୍ଦ୍ର ମଣ୍ଡଳ)

ପାଠପଢ଼ା ପ୍ରତି ଆଗ୍ରହ ଏବଂ ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ସବୁ ସମ୍ଭବ। ୬୦ ବର୍ଷ ବୟସର ଜଣେ ମହିଳା ମାଟ୍ରିକ୍ ପାସ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ କାନାକୋଟ ଗ୍ରାମର ଗୋବିନ୍ଦ ଚନ୍ଦ୍ର ରଥଙ୍କ ସ୍ତ୍ରୀ ବିନୋଦିନି ନନ୍ଦ ଗତବର୍ଷ ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇ ଝରିଗାଁ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲେ। ମୋଟ ୫୦୦ ମାର୍କରୁ ୧୬୫ ନମ୍ବର ଆଣି ସେ ଦଶମ ଶ୍ରେଣୀ ପାସ କରିଛନ୍ତି। ବିଦ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷୟିତ୍ରୀ ରୋହିନୀ ତପସ୍ୱିନୀ ହଜାରେଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ବିନୋଦିନିଙ୍କୁ ଦଶମ ଶ୍ରେଣୀ ପାସ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏନେଇ କୃତୀ ମହିଳା ଜଣଙ୍କ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଶିକ୍ଷକଙ୍କୁ କୃତଜ୍ଞତା ଜଣାଇଛନ୍ତି।


ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ମହିଳାଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ମାର୍କଶିଟ୍ ପ୍ରଦାନ କରୁଛନ୍ତି।

# ସିପିଆଇର ୧୮ତମ ଜିଲା ସମ୍ମିଳନୀ

ଜୟପୁର,୧୦।୮ (ପବନ ପାଣିଗ୍ରାହୀ)

ଜୟପୁରରେ ସିପିଆଇର ଦୁଇଦିନିଆ ୧୮ତମ ଜିଲା ସମ୍ମିଳନୀ ଆରମ୍ଭ ହୋଇଯାଇଛି। ଜିଲା ପାର୍ଟି ଅଫିସ ପ୍ରାଙ୍ଗଣରେ ସିପିଆଇର ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ ଲାଲ ପତାକା ଉତ୍ତୋଳନ କରିଥିଲେ। ଏହାପରେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା। ଶହୀଦ ମଣ୍ଡପ ସମ୍ମୁଖରେ ପାର୍ଟିର ଖୋଲା ଅଧିବେଶନ କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରମୋଦ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ ଉଦ୍‌ବୋଧନ ଦେଇଥିଲେ। ଶହେ ବର୍ଷ ଧରି କମ୍ୟୁନିଷ୍ଟ ପାର୍ଟି ଶୋଷଣ ଅତ୍ୟାଚାର ଜାତିଆଣ ଭେଦଭାବ, ସାମ୍ପ୍ରଦାୟିକତାବାଦ ବିରୋଧରେ ସଂଘର୍ଷ ସହ ଦେଶର ମୂଳ ବାସିନ୍ଦା ଆଦିବାସୀ ଦଳିତ ଓ ଚାଷୀମାନଙ୍କୁ ତାଙ୍କ ଭିଟାମାଟି, ଫସଲ ଜମିରୁ ଉଚ୍ଛେଦ କରି ଅତ୍ୟାଚାର କରାଯାଉଛି। କମ୍ୟୁନିଷ୍ଟ ପାର୍ଟି ଏହି ସକଳ ବର୍ଗଙ୍କ ଅଧିକାର ସାବ୍ୟସ୍ତ କରିବା ପାଇଁ ସଂଘର୍ଷ ବଜାୟ ରଖିଛି ବୋଲି ସେ ସୂଚନା ଦେଇଥିଲେ। ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ୧୮ତମ କୋରାପୁଟ ଜିଲା ସମ୍ମିଳନୀର ସଫଳତା କାମନା କରିଥିଲେ। ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ପାର୍ଟିର ୨୪ ରାଜ୍ୟ ସମ୍ମିଳନୀ ଓ ଏହାର ଶତବାର୍ଷିକୀ ସମାରୋହରେ ଜିଲାର ଜନଗଣ ଯୋଗଦେବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ଜିଲା ସମ୍ପାଦକ ରାଉଳ, ବରିଷ୍ଠ ନେତା ରାମକୃଷ୍ଣ ଦାସ, ଆଦିବାସୀ ନେତା ବୁଦ୍ରା ବଡନାୟକ,ଯୁବ ନେତା ନନ୍ଦ ହରିଜନ ପ୍ରମୁଖ ଜିଲାର ସମସ୍ତ ବ୍ଲକ୍ ଓ ସହରାଞ୍ଚଳରେ ପାର୍ଟିର ଶାଖାକୁ ମଜବୁତ୍ କରିବାକୁ ସଂକଳ୍ପ ନେଇଥିଲେ। ଜମି, ଜଳ ଜଙ୍ଗଲର ଅଧିକାର, ବେକାରୀ ସମସ୍ୟା ସମାଧାନ, ଦରଦାମ୍ ବୃଦ୍ଧି,ସେବା କାଗଜ କଳକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଦାବି ନେଇ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲେଇବେ ବୋଲି ସଭାପତି ପ୍ରମୋଦ କୁମାର ମହାନ୍ତି କହିଥିଲେ।


ସମ୍ମିଳନୀରେ ଉପସ୍ଥିତ ସିପିଆଇର କର୍ମକର୍ତ୍ତାମାନେ।

# 'ଯୁବକମାନେ ଜାଗ୍ରତ ହେଲେ କଂଗ୍ରେସ ସରକାର ଗଢ଼ିବ'

■ କଂଗ୍ରେସର ଜିଲାସ୍ତରୀୟ ଯୁବ ଅଧିକାର ସମାବେଶ
■ ବିଜେଡି ଛାଡ଼ି କଂଗ୍ରେସରେ ଯୋଗଦେଲେ ଶତାଧିକ କର୍ମୀ

କୋରୁକୋଣ୍ଡା,୧୦।୮ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ଟାଉନ ହଲରେ କଂଗ୍ରେସର ମାଲକାନଗିରି ଜିଲାସ୍ତରୀୟ ଯୁବ ଅଧିକାର ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ମହେଶ ଦେଶମୁଖ୍ ଯୋଗ ଦେଇଥିଲେ। ରାଜ୍ୟ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର, କାର୍ଯ୍ୟକାରୀ ସଭାପତି କୃଷ୍ଣ ମହାନ୍ତି ଓ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ପ୍ରମୁଖ ଯୋଗ ଦେଇଥିଲେ। ବାଲିମେଳା ଛକ ଶିବ ମନ୍ଦିରଠାରୁ ପ୍ରଥମେ ଏକ ବାଇକ୍ ରାଲି ଯୋଗେ ଜିଲାର ସମସ୍ତ ବ୍ଲକରୁ ଶତାଧିକ ଦଳୀୟ ଯୁବକ ଏହି ରାଲିରେ ଯୋଗ ଦେଇଥିଲେ। ଏହି ବାଇକ୍ ରାଲି ବାଲିମେଳା ସହର ୧ ନଂ. ୱାର୍ଡ ସ୍ଥିତ ମୁଖ୍ୟ ଫାଟକ ନିକଟରେ ପହଞ୍ଚିଲା ପରେ ବାଲିମେଳା ଯୁବ କଂଗ୍ରେସ ପକ୍ଷରୁ ସମସ୍ତ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ସେଠାରୁ ସମସ୍ତେ ପଦଯାତ୍ରାରେ ଆସି ଟାଉନ ହଲରେ ଆୟୋଜିତ ସଭାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୧ ହଜାରରୁ ଊର୍ଦ୍ଧ୍ୱ ଯୁବକ ଯୋଗ ଦେଇଥିଲେ। ଅତିଥିମାନେ ଓଡ଼ିଶାରେ ହେଉଥିବା ନାରୀ ନିର୍ଯାତନାଠାରୁ ଆରମ୍ଭ କରି ଭାଜପା ସରକାର ବର୍ଷକୁ ୨ କୋଟିରୁ ଊର୍ଦ୍ଧ୍ୱ ଯୁବକଙ୍କୁ ଚାକିରି ଦେବୁ କହି ମିଛ ପ୍ରତିଶ୍ରୁତି ଦେଇଥିବା ଆଲୋଚନା କରିଥିଲେ।

ଚିତ୍ରକୋଣ୍ଡା ବିଧାୟକ ଖିଲ ସମଗ୍ର ଭାରତ ବର୍ଷରେ ଭୋଟ ଚୋରି କରି ଭାଜପା ବର୍ତ୍ତମାନ ଶାସନ ଗାଦିରେ ବସିଥିବା ତାଙ୍କ ଅଭିଭାଷଣରେ କହିଥିଲେ। ଏଥିସହ ଯୁବ ଶକ୍ତି ଯଦି ଜାଗ୍ରତ ହୁଏ ତେବେ ଅଗାମୀ ଦିନରେ ନିଶ୍ଚୟ ଓଡ଼ିଶାରେ କଂଗ୍ରେସ ସରକାର ଗଢିବ ବୋଲି ବିଧାୟକ ଖିଲ ମତବ୍ୟକ୍ତ କରିଥିଲେ। ସମାବେଶରେ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀର ଶତାଧିକ ବିଜେଡି କର୍ମୀ ଦଳ ଛାଡି କଂଗ୍ରେସରେ ଯୋଗ ଦେଇଥିଲେ। ସେମାନଙ୍କୁ ଦଳ ପକ୍ଷରୁ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା।

କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ନେତାଙ୍କ ମଧ୍ୟରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ବାଲିମେଳା ନଗର କଂଗ୍ରେସ ସଭାପତି ସୁରେଶ ଖୋସଲା, ଯୁବ କଂଗ୍ରେସ ନେତା ମନୋଜ ନାୟକ, ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ବେଣୁ ହନ୍ତାଳ, ମାଲକାନଗିରି ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସୁନୀଲ ସେଠୀ, କୋରୁକୋଣ୍ଡା ବିଧାୟକ ପ୍ରତିନିଧି ବିନାୟକ ପାତ୍ର ଓ ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ବିଦେଶୀ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ସହ ସମଗ୍ର କାର୍ଯ୍ୟକ୍ରମ ଯୁବ କଂଗ୍ରେସ ନେତା ତଥା ବାଲିମେଳା ବିଧାୟକ ପ୍ରତିନିଧି ଇସାକ୍ ଖୋସ୍‌ଲା ପରିଚାଳନା କରିଥିଲେ ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କଂଗ୍ରେସ ନେତୃବୃନ୍ଦ ।

# ବିକାଶରେ ଗଣମାଧ୍ୟମ ସାମିଲ ହେବାକୁ ପରାମର୍ଶ


କୋରାପୁଟ ସର୍କିଟ ହାଉସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଅନ୍ୟମାନେ ।

କୋରାପୁଟ,୧୦।୮ (ଅମିତାଭ ବେହେରା)

### ଖବରଦାତାଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ

କୋରାପୁଟ ଜିଲାର ଖବରଦାତାଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଆଲୋଚନା କରିଛନ୍ତି। ସ୍ଥାନୀୟ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ମୁଖ୍ୟମନ୍ତ୍ରୀ ମାଝୀ ଜିଲାର ଖବରଦାତାମାନଙ୍କ ସହ ପ୍ରଥମଥର ଖୋଲା ଆଲୋଚନା କରିଥିଲେ। ଓଡ଼ିଶାରେ ଖବରଦାତାଙ୍କ ସୁରକ୍ଷା ଆଇନ କାର୍ଯ୍ୟକାରୀ, ପେନସନ ପ୍ରଦାନ ଓ ରାଜଧାନୀରେ ଏକ ସାମ୍ବାଦିକ ଭବନ ନିର୍ମାଣ ନେଇ ଖବରଦାତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଥିଲେ। ଦାବିଗୁଡ଼ିକ ମଧ୍ୟରୁ ୯୦ ପ୍ରତିଶତ ଦାବି ରାଜ୍ୟ ସରକାର ଦ୍ୱାରା ବିଚାର ବିମର୍ଶ ଚାଲିଛି ଓ ଶୀଘ୍ର ଏହାକୁ ଲାଗୁ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମରେ ଗଣମାଧ୍ୟମ ସାମିଲ ହୋଇ ଏହାକୁ ଅଧିକ ଗତିଶୀଳ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

## ଡିଏଭି କଲେଜ ପ୍ରତିଷ୍ଠା ଦିବସରେ ଚାରାରୋପଣ କଲେ ମୁଖ୍ୟମନ୍ତ୍ରୀ

କୋରାପୁଟ,୧୦।୮ (ଅମିତାଭ ବେହେରା)

କୋରାପୁଟ ସରକାରୀ ଡିଏଭି ମହାବିଦ୍ୟାଳୟର ୫୮ତମ ପ୍ରତିଷ୍ଠା ଦିବସ ଅବସରରେ ପୂର୍ବତନ ଛାତ୍ର ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଚାରାରୋପଣ କରିଛନ୍ତି। ଏଥିରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା,କୋରାପୁଟ ବିଧାୟକ ରଘୁରାମ ମାଛ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ପ୍ରମୁଖ ଉପସ୍ଥିତ ଥିଲେ। ଜୀବନକୁ ସ୍ମରଣୀୟ କରିବା ପାଇଁ ସମସ୍ତେ ଗୋଟିଏ ଲେଖାଏ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ୍ ମହାଜନ, ଡିଏଭି ପ୍ରାକ୍ତନ ଛାତ୍ର ସଂସଦର ସଭାପତି ଅଯୋଧ୍ୟାନାଥ ସାମଲ, କଲେଜ ଅଧ୍ୟକ୍ଷ ଦିପକ କୁମାର ପଟ୍ଟନାୟକ, କୋରାପୁଟ ବନାଖଣ୍ଡ ଅଧିକାରୀ ଭାସ୍କର ରାଓ, ପ୍ରାକ୍ତନ ଛାତ୍ରୀଛାତ୍ର ଉମାଶଙ୍କର ପ୍ରସାଦ ପାତ୍ର, ହର ରଥ, ଶରତ କୁମାର ପଟ୍ଟନାୟକ, ସୁନୀଲ କୁମାର ବିଶ୍ୱାଳ,ନିରଞ୍ଜନ ପାଢୀ, ମାର୍କଣ୍ଡ ପାଢୀ, ପ୍ରୀତିଧାରା ସାମଲ, ସି.ଏଚ୍.ଶାନ୍ତାକାର ଓ ଲଲାଟେନ୍ଦୁ ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଲେଜ ଅଧ୍ୟାପକ ଗୋବିନ୍ଦ ପ୍ରଧାନ, ହିମାଂଶୁ ଶେଖର ନନ୍ଦ, ରାଜେନ୍ଦ୍ର ବରିହା, ଅର୍ଜୁନ ବେହେରା, ପ୍ରଶାନ୍ତ ସାନ୍ତରା ଓ ସହକାରୀ ପ୍ରଫେସର ସୁଶୀଲ କୁମାର ଗଡ଼ନାୟକ ଓ ଶ୍ରୀଚନ୍ଦନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାରାରୋପଣ କରୁଛନ୍ତି।

## ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନକୁ ବିରୋଧ

ଜୟପୁର,୧୦।୮ (ପବନ ପାଣିଗ୍ରାହୀ)

### ଓଡ଼ିଶା ଅମଲା ସଂଘର ଖବରଦାତା ସମ୍ମିଳନୀ

ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖା ସଭାପତି ଶଶୀଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହରେ ଏକ ଖବରଦାତା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଉପସଭାପତି ନରେନ୍ଦ୍ର ନାଥ ତ୍ରିପାଠୀ, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖା ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, ଅମଲା ସଂଘର ବରିଷ୍ଠ ସଦସ୍ୟ(ରାଜସ୍ୱ) ୱାଇ.ଶ୍ରୀନିବାସ ରାଓ ମଞ୍ଚାସୀନ ଥିଲେ।

ସଭାପତି ଦାଶ ବିକ୍ଷୋଭ କରି ରାଜସ୍ୱ ଅମଲା ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ ନିଷ୍ପତିକୁ ଓଡ଼ିଶା ଅମଲା ସଂଘ ବିରୋଧ କରୁଥିବା ସୂଚନା ଦେଇଥିଲେ। ରାଜସ୍ୱ ଅମଲା ସଂଘ କର୍ମଚାରୀମାନଙ୍କ ପ୍ରତି କୁଠାରଘାତ କରିଥିବା ଅତିଥିମାନେ କହିଥିଲେ। ତଳ ଦିନରେ ରାଜସ୍ୱ ଅମଲା ସଂଘ ଓ ଅନ୍ୟ ୨ ସଂଘ ଓଡ଼ିଶା ଅମଲା ସଂଘ ସହ ମିଳିତ ଅମଲା ମଞ୍ଚ ଗଠନ କରି ଏକମାତ୍ର ନ୍ୟାର୍ଯ୍ୟ ଦାବି କନିଷ୍ଠ ସହାୟକମାନଙ୍କର ପ୍ରବେଶିକା ଦରମା ହାର ୪୨୦୦ ପୂରଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆନ୍ଦୋଳନକୁ ଓହ୍ଲାଇବା ପରେ ସରକାରଙ୍କ ପ୍ରତିଶ୍ରୁତି ପାଇଁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। ରାଜସ୍ୱ ଅମଲାମାନଙ୍କର ସ୍ୱତନ୍ତ୍ର କ୍ୟାଡର ପାଇଁ ସରକାର ନିର୍ଦ୍ଧାରଣ କରିବା ପରେ ପୂର୍ବତନ ସରକାରଙ୍କୁ ଧନ୍ୟବାଦ ଦିଆଯାଇଥିଲା। ଏହି ଚକ୍ରାନ୍ତରେ ସମସ୍ତ ଜିଲାସ୍ତରୀୟ ଅମଲା ତାଙ୍କ ନ୍ୟାର୍ଯ୍ୟ ଦାବି ପାଇବାରୁ ବଞ୍ଚିତ ହୋଇଥିଲେ। ପୂର୍ବ ସରକାର ରାଜସ୍ୱ ଅମଲା ସଂଘର ଦାବି ପୂରଣ କରିବା ପରେ ମଧ୍ୟ ରାଜସ୍ୱ ଅମଲା ସଂଘ ପୁଣି ଥରେ କଣ ପାଇଁ ଦାବି ଉପସ୍ଥାପନ କରୁଛନ୍ତି ବୋଲି ସଭାପତି ଦାଶ ପ୍ରଶ୍ନ କରିଥିଲେ।

ରାଜସ୍ୱ ଅମଲା ସଂଘ ରଖିଥିବା ୧୦ ଦାବି କେବଳ ସେମାନଙ୍କ ଉଦ୍ଦେଶ୍ୟରେ, ସେଥିରୁ ୩ ଦାବି ନ୍ୟାୟ ସଙ୍ଗତ ବୋଲି କହିଛନ୍ତି। ବହୁ ପୂର୍ବରୁ ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ସେଥିପ୍ରତି ସରକାର ସଚେତନ ଥିବା ସହ ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେଇଥିବା ସେ ସୁଚନା ଦେଇଥିଲେ । ଅମଲାଙ୍କ ପ୍ରବେଶିକା ଦରମା ହାର ଷଷ୍ଠ ବେତନ କମିଶନ ଅନୁସାରେ ୪୨୦୦ ଗ୍ରେଡ୍ ପେ ପ୍ରଦାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ଦ୍ୱାରା ଜିଲାସ୍ତରୀୟ ସମସ୍ତ ଅମଲା ଉପକୃତ ହେବେ ବୋଲି ସଭାପତି ଦାଶ ଗଣମାଧ୍ୟମକୁ କହିଛନ୍ତି। ମୟୁରଭଞ୍ଜ ଜିଲାଠାରୁ ଆରମ୍ଭ କରି ମାଲକାନଗିରି ପର୍ଯ୍ୟନ୍ତ(କୋରାପୁଟ ଓ ନବରଙ୍ଗପୁର ବ୍ୟତୀତ)ରାଜସ୍ୱ ଅମଲାମାନେ ଓଡ଼ିଶା ଅମଲା ସଂଘ ସହ ଅଛନ୍ତି। ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସହଯୋଗ କରାଯିବ ନାହିଁ ବୋଲି ସଭାପତି ଦାଶ କହିଥିଲେ ।

## ଈଶ୍ୱରୀୟ ରକ୍ଷାବନ୍ଧନ ପାଳିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ସୁନାବେଡ଼ା/ସେମିଳିଗୁଡା,୧୦।୮ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡ଼ା ବ୍ରହ୍ମକୁମାରୀ ପକ୍ଷରୁ ୫ଦିନିଆ ରାଖୀ ସେବା କାର୍ଯ୍ୟକ୍ରମ ଦିବ୍ୟଜ୍ଞାନ ରତ୍ନଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସେମିଳିଗୁଡା ଓ ସୁନାବେଡାର ୨୬ ସଂଗଠନର ଶତାଧିକ ବ୍ୟକ୍ତିଙ୍କୁ ରାଖୀ ବନ୍ଧା ଯାଇଥିଲା। ଏଥିପାଇଁ ୫ଟି ସେବା ସମଷ୍ଟି ଗଠନ କରାଯାଇଥିଲା। କାର୍ଯ୍ୟକ୍ରମରେ ବି.କେ ରୁବି, ବି.କେ ସଂଯୁକ୍ତା, ବିକେ ସଞ୍ଜୁଲତା, ବିକେ ନିର୍ମଳା, ବିକେ ଉମାମହେଶ୍ୱରୀ, ବିଜେ ହୀରାମଣି, ବିକେ ସଂଜୁ, ବିକେ ମମତା, ବିକେ ମଞ୍ଜୁ, ବିକେ ସବିତା, ବିଜେ ଅଜୟ, ବିଜେ ଅନନ୍ତ, ବିକେ ବିଜୟ, ବିକେ ବିଜୟ କୁମାର, ବିକେ ଦୀପକ, ବିକେ କାହ୍ନୁ, ବିକେ ସନ୍ତୋଷ, ବିକେ ଅନିଲ ପ୍ରମୂଖ ସେବା ଯୋଗାଇଥିଲେ। ସମସ୍ତ ବ୍ୟାଙ୍କ, ଶିକ୍ଷା ଅନୁଷ୍ଠାନ,କେନ୍ଦ୍ର ଓ ରାଜ୍ୟ ସରକାରୀ କାର୍ଯ୍ୟାଳୟ, ସିଆଇଏସଏଫ, ୨୦୨କୋବ୍ରା ବଟାଲିୟନ,ପୋଲିସ, ଖବରଦାତାଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ସଦସ୍ୟଙ୍କୁ ରାଖୀ ସେବା ଦିଆଯାଇଥିଲା। ରକ୍ଷା ବନ୍ଧନ ସମ୍ପର୍କରେ ଲିଫଲେଟ ବାଣ୍ଟି ନିଶାମୁକ୍ତ ସମାଜ ଗଠନ ପାଇଁ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀଙ୍କ ହାତରେ ମଧ ଏହି ରାଖୀ ବନ୍ଧା ଯାଇଥିଲା। ସଭାରେ ସେମିଳିଗୁଡା ତହସିଲଦାର, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରଫେସର ସୌରଭ ଗୁପ୍ତା, ସୁନାବେଡା ପୌରାଧ୍ୟକ୍ଷ ଡ.ରାଜେନ୍ଦ୍ର ପାତ୍ର, ମମତା ରାୟ ଓ ମିନତୀ ମିଶ୍ର ଯୋଗଦେଇଥିଲେ।

## ରୋଗୀଙ୍କୁ ରନ୍ଧା ଖାଦ୍ୟ ଯୋଗାଇବାକୁ ଦାବି

ବନ୍ଧୁଗାଁ,୧୦।୮ (ବେଣୁଧର ଲାବାଲା)

### ୨ ବର୍ଷ ପରେ ରୋଗୀ କଲ୍ୟାଣ ବୈଠକ

କୋରାପୁଟ ଜିଲା ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହ ପରିସରରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡାକ୍ତରଖାନା ପ୍ରମୁଖ ରଶ୍ମି ରଞ୍ଜନ ସାମଲଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବିଧାୟକ ପବିତ୍ର ସାଉଁନ୍ତା, ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ମିଣିଆକା ଶିଶୁ ବିକାଶ ଅଧିକାରୀ ଗୀତାଞ୍ଜଳି ମହାରଣା ପ୍ରମୁଖ ଯୋଗଦେଇଥିଲେ।ଏଥିରେ ଡାକ୍ତରଖାନା ପରିସରକୁ ସୋନ୍ଦର୍ଯ୍ୟକରଣ, ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ ଓ ସ୍ୱଚ୍ଛତା ନେଇ ଆଲୋଚନା ହୋଇଥିଲା। ଏହି ସମସ୍ତ କାର୍ଯ୍ୟ ପାଇଁ ବୈଠକ ଜରୁରୀ ଥିବା ବେଳେ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସୁଧାରିବା ସହ ଉପଯୁକ୍ତ ସେବା ପ୍ରଦାନ ପାଇଁ ପ୍ରତି ୬ ମାସରେ ଥରେ ବୈଠକ ବସିବା ନିୟମ ଥିବା ବେଳେ ୨ ବର୍ଷେ ହେବ ହୋଇ ନ ଥିଲା। ପୂର୍ବ ସମସ୍ୟା ସୁଧୁରୁ ନ ଥିବା ବେଳେ ନୂତନ ସମସ୍ୟା ଯୋଗୁ ସେବା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ରୋଗୀଙ୍କୁ ଦୀର୍ଘ ବର୍ଷ ଧରି ବ୍ରେଡ, ଖିର ପ୍ୟାକେଟ ଓ ବିସ୍କୁଟ ଆଦି ଶୁଖିଲା ଖାଦ୍ୟ ଦୁଇ ଓଳି ରୋଗୀଙ୍କୁ ଖାଇବାକୁ ଦିଆଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପ୍ରତି ରୋଗୀ ପାଇଁ ୯୫ ଟଙ୍କା ଆସୁଥିବାରୁ ରନ୍ଧା ଖାଦ୍ୟ ଯୋଗାଇବାକୁ ଦାବି ହୋଇଛି। ବୈଠକ ନ ହେବାରୁ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ସହ ରୋଗୀଙ୍କୁ ଉପଯୁକ୍ତ ସେବା ପ୍ରଦାନରେ ବ୍ୟତିକ୍ରମ ହେଉଛି। ସଭାରେ ବିଧାୟକ ସାଉଁନ୍ତା ରୋଗୀଙ୍କ କଠୋରିକୁ ଯାଇ ସେମାନଙ୍କ ଚିକିତ୍ସା ଓ ଖାଇବା ବିଷୟରେ ବୁଝିଥିଲେ। ରୋଗୀ ଓ ପ୍ରସୁତ କକ୍ଷରେ ଶୀତତାପ ଯନ୍ତ୍ର ଲଗେଇବା, ରୋଗୀଙ୍କ ମନୋରଞ୍ଜନ ଉଦ୍ୟାନ ଓ ଗୋଟିଏ ଏକ୍ସରେ ମେସିନ ବସେଇବାକୁ ବୈଠକରେ ଆଲୋଚନା କରାଯାଇଛି। ବିପିଏମ୍ ନୀଳକଣ୍ଠ ପାଣି ସଭା ପରିଚାଳନା କରିଥିଲେ।



ବୈଠକରେ ଉପସ୍ଥିତ ବିଧାୟକ ପବିତ୍ର ସାଉଁନ୍ତା ଓ ଅନ୍ୟମାନେ।

## ବାର୍ଷିକ ନବାନ୍ନ ମହୋତ୍ସବ


ମସୁରି ମହିମା ମଣ୍ଡପରେ ଉପସ୍ଥିତ ମହିମା ସାଧୁସନ୍ଥ।

ନନ୍ଦପୁର,୧୦।୮ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ବାଡେଲ ପଞ୍ଚାୟତର ମସୁରି ଗ୍ରାମରେ ସ୍ଥାପିତ ଭୀମଭୋଇ ମହିମା ଧର୍ମ ଗବେଷଣା ପରିଷଦ ଓ ମହିମା ମଣ୍ଡପରେ ରବିବାର ନୂଆଖାଇ ପର୍ବ ତଥା ବାର୍ଷିକ ନବାନ୍ନ ମହୋତ୍ସବ ବିଧି କରାଯାଇଛି। ପରିଷଦ ଅଧ୍ୟକ୍ଷ ବାବା ବୀଣାକର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମଣ୍ଡପ ପରିସରରେ ଅଖଣ୍ଡ ଧୁନି, ବତୀ ସ୍ଥାପନ କରାଯାଇ ଶୂନ୍ୟବ୍ରହ୍ମଙ୍କୁ ପ୍ରାର୍ଥନା କରାଯାଇଥିଲା। ଅଞ୍ଚଳର ମହିମା ଭକ୍ତ ଓ ସାଧୁସନ୍ଥଙ୍କ ଦ୍ୱାରା ନୂଆ ସାମଗ୍ରୀ ଏକତ୍ରିତ କରାଯାଇଥିଲା। ସୋମବାର ଭୋରରୁ ଅନ୍ନହାଣ୍ଡି ନବାନ୍ନ ଶୂନ୍ୟବ୍ରହ୍ମଙ୍କୁ ଅର୍ପଣ କରାଯିବ। ଏହାପରେ ସମସ୍ତ ସାଧୁଜନ ଉକ୍ତ ନବାନ୍ନ ସେବନ କରିବେ ବୋଲି ବାବା ବୀଣାକର କହିଛନ୍ତି। ସେହିପରି ବ୍ଲକ୍‌ରେ ଥିବା ଖୁଡୁବ, ସର୍ବତି ଓ ଲାମତ଼ା ଆଦି ମହିମା ମଣ୍ଡପ ମଧ ବାର୍ଷିକ ନବାନ୍ନ ମହୋତ୍ସବ ବିଧି ପାଳନ ନେଇ ଚଳଚଞ୍ଚଳ ହୋଇଛି।

## ୧୨ଦିନ ହେବ ଅନ୍ଧାରରେ ୪ ଗାଁ

ନନ୍ଦପୁର,୧୦।୮ (ତୁଷାର କାନ୍ତ ମହାନ୍ତି)

### ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ କସନ୍ଦି ପଞ୍ଚାୟତରେ ୧୨ ଦିନ ହେବ ବିଦ୍ୟୁତ୍ ସମସ୍ୟା ଲାଗି ରହି ୪ ଗାଁ ଅନ୍ଧାରରେ ରହିଛି। ଭାଲୁଗୁଡ଼ା, ବଣ୍ଡକାପୁଟ, ରେଢ଼ାପୁଟ ଓ ନୂଆପୁଟ ଗ୍ରାମବାସୀ ନନ୍ଦପୁର ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଥିଲେ। ମାସିକ ବିଲ ଓ ଦଶହରା ଇନାମ୍ ନେବାରେ କର୍ତ୍ତୃପକ୍ଷ ଅବହେଳା କରୁ ନ ଥିବା ବେଳେ ଆମକୁ କାହିଁକି ଅନ୍ଧାରରେ ରଖିଛ ବୋଲି ଧନପତି ଗୋଲରୀ, ଦନାର୍ଦ୍ଦନ ତାଲାବ, ଚୈତନ୍ୟ ବୁରୁଡି, ବଳରାମ ବୁରୁଡି, କ୍ରିଷ୍ଣା କିଷାନୀ, ଘାଷି ହନ୍ତାଳ, ଧନ କାଡ଼ିଆ ଓ ଲାଇଲୁ ଗୁଞ୍ଜିଆ ପ୍ରମୁଖ ପ୍ରଶ୍ନ କରିଥିଲେ। କାର୍ଯ୍ୟାଳୟରେ ଯନ୍ତ୍ରୀ ଅନୁପସ୍ଥିତ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଯନ୍ତ୍ରୀ ପ୍ରଭୁ ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ ସେ ଛୁଟିରେ ଅଛନ୍ତି। କିନ୍ତୁ ସେ ଅନ୍ୟ କର୍ମଚାରୀଙ୍କୁ ୪ ଗ୍ରାମ ପରିଦର୍ଶନ କରି ବିଦ୍ୟୁତ୍ ବିଭ୍ରାଟର କାରଣ ଖୋଜି ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବେ ବୋଲି କହିଛନ୍ତି।

## ୪ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଜୟପୁର,୧୦।୮ (ପବନ ପାଣିଗ୍ରାହୀ)

ଜୟପୁର ବରିଷ୍ଠ ନାଗରିକ କମିଟି ପକ୍ଷରୁ ୪ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ରବିବାର ଦାବିପତ୍ର ପ୍ରଦାନ କରାଯାଇଛି। ଜୟପୁରର ପୁରୁଣା ଐତିହାସିକ ଜଗନ୍ନାଥ ସାଗରକୁ ସୌନ୍ଦର୍ଯ୍ୟକରଣ କରିବା, ଜୟପୁରରୁ ଭୁବନେଶ୍ୱର ୩୬ ସିଟ ବିମାନସେବା, ଜୟପୁର ଭୁବନେଶ୍ୱର ପର୍ଯ୍ୟନ୍ତ ଅନ୍ୟ ଏକ ରେଳସେବା ଯୋଗାଇବା, ଏଏମଏସର ଏକ ଶାଖା ଖୋଲିବା ଆଦି ଦାବି ରହିଛି। ଏହି ସମୟରେ ବରିଷ୍ଠ ନାଗରିକ କମିଟି ସଭାପତି ମୀନକେତନ ଦାସ, ଡ.ସୁରେଶ ଦାସ, ଡ. ନରସିଂହ ପାଣିଗ୍ରାହୀ ଓ ଭୀମସେନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକଙ୍କ ଆତ୍ମହତ୍ୟା

ଜୟପୁର,୧୦।୮ (ପବନ ପାଣିଗ୍ରାହୀ)

ଜୟପୁର ଗାଗନାପୁର ରାସ୍ତା ନିକଟରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ଗାଗନାପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ସହ ଘଟଣାସ୍ଥଳରୁ (ଓଡି୧୦ଆର୦୭୪୮)ଏକ ସ୍କୁଟି ଜବତ କରିଛି। ଯୁବକ ଘରେ ଝଗଡା ଲାଗି ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ତଦନ୍ତକାରି ଅଧିକାରୀ ଏସ୍ଆଇ ଚିତ୍ତରଞ୍ଜନ ପ୍ରଧାନୀ ପ୍ରକାଶ କରିଛନ୍ତି।

## ପରିବହନ ମନ୍ତ୍ରୀଙ୍କ ଶିଶୁ ମନ୍ଦିର ପରିଦର୍ଶନ


କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା।

କୋରାପୁଟ,୧୦।୮ (ଅମିତାଭ ବେହେରା)

କୋରାପୁଟ ଗସ୍ତରେ ଆସି ବାଣିଜ୍ୟ ପରିବହନ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସ୍ଥାନୀୟ ଶିଶୁ ବିଦ୍ୟା ମନ୍ଦିର ପରିଦର୍ଶନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଜେନା ନବନିର୍ମିତ ଶିଶୁ ବାଟିକା ଭବନ ଉଦ୍‌ଘାଟନ କରିଥିଲେ। ଶିଶୁ ବାଟିକା ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବା ସହ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ଶିଶୁ ମନ୍ଦିର ଯୋଜନା ସମଗ୍ର ଓଡ଼ିଶାରେ ପ୍ରଶଂସିତ ବୋଲି ସେ କହିଥିଲେ। ଅନୁଷ୍ଠାନର ଥିବା ସମସ୍ୟା ସମାଧାନ କରାଯିବ ବୋଲି ସେ ପ୍ରତଶ୍ରୁତି ଦେଇଛନ୍ତି। ଛାତ୍ରୀମାନେ ମନ୍ତ୍ରୀଙ୍କ ହାତରେ ରାଖୀ ବାନ୍ଧିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ କୁମାର ମିଶ୍ର, ଉପସଭାପତି ପ୍ରଭାକର ଦାସ, ସମ୍ପାଦକ ବିଭୁଦତ୍ତ ମହାପାତ୍ର,ଯୁଗ୍ମ ସମ୍ପାଦକ ସସ୍ମିତା ବେହେରା, କୋଷାଧ୍ୟକ୍ଷ ଏନ.ରମେଶ,ସଦସ୍ୟ ପ୍ରହ୍ଲାଦ ସାହୁ,ସଦସ୍ୟା ସୁମଲତା ବେହେରା ଓ ପ୍ରଧାନ ଆଚାର୍ଯ୍ୟ ଅଲେଖ ଚନ୍ଦ୍ର ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ୱାଦଶ ଆଦିତ୍ୟଙ୍କ ଅନୁଷ୍ଠାନ ବେଳେ ପଡ଼ିଥିଲା ବାର ହରିବୋଲ

ଡ. ସୁରେନ୍ଦ୍ର କୁମାର ମିଶ୍ର

- ନିର୍ମାଣ ହୋଇଥିଲା ଚଉଦଟି ଯଜ୍ଞଶାଳା
- କସ୍ତୁରିକା ମୋହିନୀ ଦେବୀ ସିନ୍ଦୁକରେ ପଠାଇଥିଲେ ବସ୍ତ୍ର ଓ ପୂଜାସଜ





ରଥର ପାରାଭାଡ଼ି ସମାପ୍ତ ହେବାପରେ ଭୋଇ ସେବକମାନଙ୍କର ହରିବୋଲ ଡାକ।

ଗଜପତିଙ୍କର ସାମ୍ରାଜ୍ୟ ବିଜୟ ସ୍ମାରକୀ ଥିଲା ଅ୧୮ଙ୍କ କାର୍ତ୍ତିକ ଶୁକ୍ଳ ଦଶମୀ। ପଞ୍ଜିକ ଦିନ। ସେହିଦିନ ଭୁବନେଶ୍ୱର ରାଜଗୁରୁ ନରସିଂହପୁରର ଆନନ୍ଦ ରଥ ପହଞ୍ଚିଥିଲେ କୋଣାର୍କରେ। ଗଜପତିଙ୍କ ଆଦେଶରେ ସେମାନେ କୋଣାର୍କରେ ପହଞ୍ଚି ଯଜ୍ଞ ମଣ୍ଡପର ମାପ ଦେଲେ ବାସ୍ତୁଶାସ୍ତ୍ର ଅନୁସାରେ।

ବନ୍ଦାପନା ମଣ୍ଡପର ପୂର୍ବଦିଗକୁ୪ଟିଯଜ୍ଞ ପାଇଁ ଗର୍ଭାଧାନଶାଳା, ସ୍ନାନଶାଳା ଓ ନ୍ୟାସ ଶାଳାର ମାପ ଦେଲେ। ବନ୍ଦାପନା ମଣ୍ଡପର ପଶ୍ଚିମଦିଗକୁ ମାପଦେଲେ। ବଳିଶାଳା ଓ ଦକ୍ଷିଣପଟକୁ 'ଯଜମାନଶାଳା'ର ମାପ ଦେଲେ। ପୀଢ଼ଚାଳଶାଳାର ମାପ ଦେଲେ ଅରୁଣସ୍ତମ୍ଭର ଦକ୍ଷିଣକୁ। ରୋଷଶାଳାର ଦୁଇଟି କୋଠରିକୁ 'ଚାରୁଶାଳା' କରାଯିବାକୁ ସ୍ଥିର ହେଲା। ଏହିପରି ୧୪ଟି ଯଜ୍ଞଶାଳା କରାଯାଇଥିଲା।

୧– ଗର୍ଭାଧାନଶାଳା, ୨– ସ୍ନାନଶାଳା, ୩– ନ୍ୟାସଶାଳା, ୪– ପୁରୋଡ଼ାସଶାଳା, ୫– ଅଙ୍କୁରାରୋପଣଶାଳା, ୬– ବଳିଶାଳା, ୭– ଯଜମାନଶାଳା , ୮– ପୀଢ଼ଚାଳ ଯଜ୍ଞଶାଳା, ୯– ଚାରୁଶାଳା, ୧୦–୧୩: ଚାରିଦ୍ୱାରରେ ୪ଟି ଶାଳା, ୧୪– ନିଶାତଳେ ଛୋଟ ଯଜ୍ଞଶାଳା।

ଦ୍ୱାଦଶ ଆଦିତ୍ୟଙ୍କ ପାଇଁ ବାରଯୋଡ଼ା ସିଲ୍‌କ ଲୁଗା ବରାଦ ହୋଇଥିଲା। ସେହିଦିନ ହାତୀ ପିଠିରେ ଗୋଟିଏ ସିନ୍ଦୁକ ଷୋହଳ ଯୋଡ଼ା ଉତ୍ତରୀୟ ମହାଦେବୀ ପଠାଇଥିଲେ। ସିନ୍ଦୁକ ଖୋଲାଗଲା ଅଧିକାରୀମାନଙ୍କ ଉପସ୍ଥିତିରେ। ସିନ୍ଦୁକରେ କ'ଣ କ'ଣ ଆସିଥିଲା ଏଠାରେ ଆମେ ଉଲ୍ଲେଖ କରୁଅଛୁ। ମହାଦେବୀ ଯଜ୍ଞ ଅନୁଷ୍ଠାନ ପାଇଁ କେତେ ସଜାଗ ଥିଲେ ଏବଂ ବହୁ ପୂର୍ବରୁ ଏସବୁ ଜିନିଷ ସଂଗ୍ରହ କରିଥିଲେ, ତାହା ଜାଣିହେବ। ୧) ୨୫ ଯୋଡ଼ା ପଗଡ଼ି ଥିଲା ସିନ୍ଦୁକରେ। ୨୫ଜଣ ନିରୀକ୍ଷକଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ବରାଦ ଦିଆଯାଇ ପ୍ରସ୍ତୁତ ହୋଇଥିଲା। ୨) ୨୩୭ଟି ସୂତା ଧୋତି ଯୋଡ଼–ଅନୁଷ୍ଠାନ ପାଇଁ ୨୩୭ ଜଣ ଶିଳ୍ପୀ ବରଣ ହୋଇଥିଲେ। ୩) ୨୨୬ଟି ଗାମୁଛା– ସମୁଦାୟ ପୂଜା କାମରେ ବ୍ୟବହାର ପାଇଁ, ୪) ୨୮ଟି ପିତ୍ତଳ ଗରା– ଚଉଦଟି ମଣ୍ଡପରେ ବ୍ୟବହାର ପାଇଁ। ୫) ୫ଟି ଦୀପରୁଖା। ୬) ସହସ୍ର ଧାରା ସ୍ନାନପାତ୍ର ଗୋଟିଏ। ୭) ଛୋଟ ପ୍ରଭା ଦୁଇଟି, ଯେଉଁଥିରେ ବିଗ୍ରହ ବିଜେ କରନ୍ତି। ୮) ପୂଜାପାତ୍ର ସଜ– ପାଞ୍ଚୋଟି। ୯) ପଦ୍ମଝରି ଚାରୋଟି। ଏହି ଝରିର ମୁହଁଟି ପଦ୍ମ ଆକୃତିର ଯେଉଁ ବାଟଦେଇ ଝରିରୁ ଜଳ ବାହାରେ। ୧୦) ଠିଆ ଦର୍ପଣ ଛଅଟି।

ଏତିକି ଆବଶ୍ୟକୀୟ ସଜ ମହାଦେବୀ ସଂଗ୍ରହ କରି ସିନ୍ଦୁକରେ ପଠାଇଦେବା ବଡ଼ କଥା ନୁହେଁ। ଏଥିପ୍ରତି ତାଙ୍କର ଅନୁରାଗ ଓ କର୍ତ୍ତବ୍ୟକୁ ବିଚାର କରିବା କଥା। ମହାରାଜା ମନ୍ଦିରଟିଏ ନିର୍ମାଣ କରାଉଛନ୍ତି, ସେଥିପାଇଁ ଯେଉଁ ଯଜ୍ଞ ଅନୁଷ୍ଠାନ ହେବ ସେ ବିଷୟରେ ଅବଗତ ହୋଇ ସଂଗ୍ରହ କରି ପଠାଇବା ଏକ ସକାରାତ୍ମକ ପ୍ରେରଣା। ଆଢ଼େଇ ହୋଇ ଚୁପ୍‌ଚାପ୍ ରହିଯାଇଥିଲେ, କେହି ଆଙ୍ଗୁଠି ଦେଖାଇବାକୁ ନ ଥିଲେ, ତଥାପି ମାନସିକ ପ୍ରସ୍ତୁତିକୁ ଲକ୍ଷ୍ୟ କରିବା କଥା। ଏହି ମହାଦେବୀ ହେଉଛନ୍ତି ମହାରାଣୀ କସ୍ତୁରିକା ମୋହିନୀ, ଯାହାଙ୍କୁ ଗଜପତିଙ୍କ ପାର୍ଷଦମାନେ 'ରାଜମାତା' ବୋଲି ସମ୍ବୋଧନ କରୁଥିଲେ। ପୂର୍ବରୁ ସୂଚନା ଦେଇଥିଲୁ ମହାଦେବୀ ହେଉଛନ୍ତି ମଦୁରାଇ ମହାରାଜାଙ୍କ କନ୍ୟା।

ବାସୁ ବଢ଼େଇ ଶୁବ, ଶୁଚ ଓ ପ୍ରଣିତା ଆଣି ଯୋଗାଇବା ଦିବସ ଥିଲା କାର୍ତ୍ତିକ ପୂର୍ଣ୍ଣିମା। ସେହିଦିନ ୨୮ଜଣ ଶିଳ୍ପୀ ସ୍ନାନ ପରେ ଭଣ୍ଡାରଘରକୁ ଆସି ହାତଯୋଡ଼ି ପ୍ରଥମ 'ହରିବୋଲ' ଧ୍ୱନି ଦେଇଥିଲେ। ଚଳଚଞ୍ଚଳ ହୋଇଗଲା ବାତାବରଣ। ସମସ୍ତ ପୂଜା ଉପକରଣକୁ ନାଲି ସିଲ୍‌କ କନାରେ ଗୁଡ଼ାଇ ସୂତ୍ରଧର ଶିବେଇ ସାମନ୍ତରାଙ୍କ ଶିବିର ସାମନାରେ ରଖି 'ଶାଙ୍ଗି' (ବାହାଙ୍ଗି)ରେ ଲଦି ଗର୍ଭାଧାନଶାଳାରେ ପହଞ୍ଚାଇଥିଲେ। ସେଇଠି ପଡ଼ିଥିଲା ଦ୍ୱିତୀୟ ହରିବୋଲ। ସେଣେ ସାତଜଣ ପଥୁରିଆ ବାର ଭରଣ ଧାନରେ (ଭରଣକ ୪୦ ଗୌଣି)ରେ ବିଜେ ପ୍ରତିମାଙ୍କୁ ବିଜେ କରି ଚାରିପଟ କନାରେ ଆବଦ୍ଧ କରି ହରିବୋଲ ପକାଇ ଶାଳା ନିକଟରେ ପହଞ୍ଚାଇଥିଲେ। ଏହା ଥିଲା ତୃତୀୟ ହରିବୋଲ। ପ୍ରତିବର୍ଷ ମହାପ୍ରଭୁଙ୍କ ରଥ ନିର୍ମାଣ ମୂଳରୁ ଶେଷ ପର୍ଯ୍ୟନ୍ତ ଭୋଇ ସେବକ ନଅ ହରିବୋଲ ପକାଇଥାନ୍ତି। ଦ୍ୱାଦଶ ଆଦିତ୍ୟଙ୍କ ଅନୁଷ୍ଠାନବେଳେ ପଡ଼ିଥିଲା ଦ୍ୱାଦଶ ହରିବୋଲ। ଆଗକୁ ଦେଖିବା ହରିବୋଲର ରହସ୍ୟ ଓ ପରମ୍ପରା।

## ଜଟଣୀରୁ ମିଳିଲା ଥର୍

### ଦୁର୍ଘଟଣାରେ ଝିଅ ମୃତ, ମା'ପୁଅ ଗୁରୁତର ଘଟଣା

ଭୁବନେଶ୍ୱର,୧୦।୮ (ସତ୍ୟଜିତ୍ ରାଉତ)

ପାତ୍ରପଡ଼ା ପେଟ୍ରୋଲ ପମ୍ପ ନିକଟ ୧୬ ନମ୍ବର ଜତୀୟ ରାଜପଥରେ ଦୁର୍ଘଟଣା ଘଟାଇ ଜୀବନ ନେଇଥିବା ଥର୍ ଗାଡ଼ିକୁ ରବିବାର ଖଣ୍ଡଗିରି ପୋଲିସ ଜବତ କରିଛି। ଦୁର୍ଘଟଣା ପରେ ଚାଳକ ଜଟଣୀ ଥାନା ନିକଟରେ ଗାଡିକୁ ରଖି ଫେରାର ହୋଇଯାଇଥିଲେ। ପୋଲିସ ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ କରି ତାହାକୁ ଠାବ କରିଥିଲା। ତେବେ ଉକ୍ତ ଥର୍ ଗାଡିଟି ଜଟଣୀ କୁସୁମାଟି ଅଞ୍ଚଳର ଓ ଗାଡି ମାଲିକଙ୍କ ପୁଅ ଦୁର୍ଘଟଣା ଘଟାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ପ୍ରୟାସ ଚାଲିଥିବା ଖଣ୍ଡଗିରି ଥାନାଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି। ଏହି ଦୁର୍ଘଟଣାରେ ଫୁଲେଶ୍ୱରୀ ବସ୍ତିରେ ରହୁଥିବା ୮ ବର୍ଷୀୟା ଝିଅ ରେସମା ରାହୁଲଙ୍କ ମୃତ୍ୟୁ ଘଟିଥିବା ବେଳେ ମା' ରେବତୀ ଓ ୨ ବର୍ଷର ପୁଅ ମାହି ଗୁରୁତର ହୋଇ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ରେବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି।

ଅପରପକ୍ଷରେ ରବିବାର ପୂର୍ବାହ୍ନରେ



ଜବତ ହୋଇଥିବା ନରହନ୍ତା ଥର୍ ଗାଡ଼ି ଓ ଜାତୀୟ ରାଜପଥ ଅବରୋଧ ଯୋଗୁ ଗାଡ଼ିମୋଟର ଅଟକି ରହିଛି।

### ଜାତୀୟ ରାଜପଥ ଅବରୋଧ କଲେ ଫୁଲେଶ୍ୱରୀ ବାସିନ୍ଦା

ଦୁର୍ଘଟଣା ଘଟିଥିବା ସ୍ଥାନରେ ଜାତୀୟ ରାଜପଥକୁ ଫୁଲେଶ୍ୱରୀ ବସ୍ତିବାସିନ୍ଦା ଅବରୋଧ କରିଥିଲେ। ମୃତାହତଙ୍କ ପରିବାର ଲୋକେ ଓ ବସ୍ତି ଲୋକମାନେ ଏକାଠି ହୋଇ ଟାୟାର ଜାଳି ପ୍ରତିବାଦ କରିଥିଲେ। ଫଳରେ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ଶତାଧିକ ଗାଡି ଅଟକି ରହିଥିଲା। ଆନ୍ଦୋଳନକାରୀମାନେ ଦୁର୍ଘଟଣାସ୍ଥଳରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ଦାବି କରିଥିଲେ। ଜଣେ ମହିଳାଙ୍କ କହିବା ଅନୁଯାୟୀ, ଦୁର୍ଘଟଣା ଘଟିଥିବା ସ୍ଥାନରେ ଫୁଟଓଭରବ୍ରିଜ୍ ହେବାର ଥିଲା। କିନ୍ତୁ କେତେଜଣଙ୍କ ସ୍ୱାର୍ଥ ପାଇଁ କିଛି ଦୂରରେ ଫୁଟ ଓଭରବ୍ରିଜ୍ ନିର୍ମାଣ କରାଯାଇଛି। ହେଲେ ସେଥିରେ କେହି ଯାଉନାହାନ୍ତି। ସେହିଭଳି ଦୁର୍ଘଟଣାସ୍ଥାନରେ ସୁରକ୍ଷା ପାଇଁ ଟ୍ରାଫିକ୍ କର୍ମଚାରୀ ମୁତୟନ କରାଯାଉ ବୋଲି ଲୋକମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ମୃତା ରେସମାଙ୍କ ମା' ରେବତୀଙ୍କ ଭାଇ ନନ୍ଦନକାନନ ଅଞ୍ଚଳରେ ଚାକିରି କରନ୍ତି। ଶନିବାର ସକାଳୁ ରେବତୀ ତାଙ୍କ ଭାଇଙ୍କ ହାତରେ ରାଖୀ ବାନ୍ଧିବାକୁ ଦୁଇ ପିଲାଙ୍କ ସହ ଯାଇଥିଲେ। ସେମାନେ ଏକ ବସ୍ ଯୋଗେ ଆସି ପାତ୍ରପଡାଠାରେ ଓହ୍ଲାଇଥିଲେ। ସନ୍ଧ୍ୟା ପ୍ରାୟ ୬ଟା ୩୦ରେ ରେବତୀ ପିଲାଦ୍ୱୟଙ୍କୁ ଧରି ନିଜ ଘର ଫୁଲେଶ୍ୱରୀ ବସ୍ତିକୁ ଯିବାପାଇଁ ରାଜପଥ ପାରହେଉଥିବାବେଳେ ରସୁଲଗଡ଼ରୁ ଖୋର୍ଦ୍ଧା ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଥର ଗାଡିଟି ସେମାନଙ୍କୁ ଧକ୍କାଦେଇଥିଲା।

## ଅଭିଯୁକ୍ତଙ୍କୁ ଗଛରେ ବାନ୍ଧିଲେ, ବାଇକ୍ ପୋଡ଼ିଦେଲେ

### ନାବାଳିକାଙ୍କୁ ଅସଦାଚରଣ

ସିମୁଳିଆ,୧୦।୮ (ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ ହୋଇଛି। ଏହି ଘଟଣାରେ ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତଙ୍କୁ ଗଛରେ ବାନ୍ଧି ପକାଇବା ସହ ତାଙ୍କ ବାଇକ୍ ପୋଡ଼ି ଦେଇଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ନବମ ଶ୍ରେଣୀରେ ପଢୁଥିବା ନାବାଳିକା ଜଣକ ରବିବାର ଅପରାହ୍ନରେ ଟ୍ୟୁଶନରୁ ଫେରୁଥିଲେ। ଏହି ସମୟରେ ଖଇରା ବ୍ଲକ ଅନ୍ତରା ଅଞ୍ଚଳର ଜଣେ ଯୁବକ ବାଇକ୍‌ରେ ଆସି ତାଙ୍କୁ ସ୍ଥାନୀୟ କେନାଲ ପାର୍ଶ୍ୱ ବଣ ମଧ୍ୟକୁ ଟାଣି ନେଇ ଅସଦାଚରଣ କରିଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରି କେନାଲ ପାର୍ଶ୍ୱରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ସମ୍ପୃକ୍ତ ଯୁବକଙ୍କୁ କାବୁ କରିଥିଲେ। ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତଙ୍କୁ ଗଛରେ ବାନ୍ଧି ପକାଇବା ସହ ତାଙ୍କ ବାଇକ୍‌ଟିକୁ ନିଆଁ ଲଗାଇ ପୋଡ଼ି ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ଉଲ୍ଲେଖଯୋଗ୍ୟ, ଅଭିଯୁକ୍ତ ଜଣେ ଗାଡ଼ି ଚାଳକ ହୋଇଥିବା ବେଳେ ତାଙ୍କ ନାମରେ ପୂର୍ବରୁ ବିଭିନ୍ନ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।


ଗଛରେ ବନ୍ଧା ହୋଇଥିବା ଅଭିଯୁକ୍ତ।

## ମାସ୍କ ପିନ୍ଧି ଆସିଲେ, ଯୁବତୀଙ୍କୁ ଉଠାଇନେଲେ

ଉଦଳା,୧୦।୮ (ସନ୍ତୋଷ କୁମାର ବାଛିନୀ)

ବଜାରକୁ ମା'ବାପାଙ୍କ ସହିତ ଷ୍ଟେଶନେରି ସାମଗ୍ରୀ କିଣିବାକୁ ଯାଇଥିବା ଜଣେ ଯୁବତୀଙ୍କୁ ମାସ୍କପିନ୍ଧା ୪ ଯୁବକ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା କପ୍ତିପଦା ବଜାରରେ।

ସୂଚନା ଅନୁଯାୟୀ, କପ୍ତିପଦା ଥାନା ସୁଡସୁଡ଼ିଆ ଗ୍ରାମର ଜଣେ ଯୁବତୀ ତାଙ୍କ ମା'ବାପାଙ୍କ ସହିତ ଶୁକ୍ରବାର ବଜାରକୁ ଷ୍ଟେଶନେରି ସାମଗ୍ରୀ କିଣିବାକୁ ଯାଇଥିଲେ। ଦୋକାନରେ ମା'ବାପା ସାମଗ୍ରୀ କିଣୁଥିବା ସମୟରେ ଯୁବତୀ ଜଣକ ଦୋକାନ ବାହାରକୁ ଆସିଥିଲେ। ଏହି ସମୟରେ ୪ ଯୁବକ ମୁହଁରେ ମାସ୍କ ପିନ୍ଧି ଆସି ଉକ୍ତ ଯୁବତୀଙ୍କୁ ଜୋରଜବରଦସ୍ତ ଉଠାଇ ନେଇଥିଲେ। ଯୁବତୀଙ୍କ ବାପା ପାଟି କରିବାରୁ ଯୁବକମାନେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇ ପଳାଇ ଯାଇଥିଲେ। ଏ ନେଇ ନାବାଳିକାଙ୍କ ବାପା କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିବାପରେ ପୋଲିସ ଏକ ନିଖୋଜ ମାମଲା(ନଂ.୩୫/୨୫) ରୁଜୁ କରିଥିବାବେଳେ ଅଭିଯୁକ୍ତମାନଙ୍କ ଟେର୍ ପାଇପାରିନାହିଁ। ତେବେ ପୋଲିସ ଅପହରଣ ମାମଲା ରୁଜୁ କରି ତଦନ୍ତ କରିବା ବଦଳରେ ନିଖୋଜ ମାମଲା ରୁଜୁ କରି ଚୁପ୍ ବସିଥିବା ନେଇ ଯୁବତୀଙ୍କ ବାପା ଅଭିଯୋଗ କରିଛନ୍ତି। ଏନେଇ କପ୍ତିପଦା ଏସ୍‌ଡିପିଓ ହୃଷୀକେଶ ନାୟକଙ୍କୁ ପଚାରିବାରୁ ଅପହୃତା ଯୁବତୀଙ୍କ ବୟସ ୨୦ ବର୍ଷ ହୋଇଥିବାରୁ ନିଖୋଜ ମାମଲା ରୁଜୁ ହୋଇଛି ଓ ଖୁବ୍‌ଶୀଘ୍ର ତାଙ୍କୁ ଉଦ୍ଧାର କରାଯିବ ବୋଲି ସେ କହିଛନ୍ତି।

## ୩ ମାଓବାଦୀ ଗିରଫ



ମାଲକାନଗିରି,୧୦।୮ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ୨ ଲକ୍ଷ ପୁରସ୍କାର ଘୋଷିତ ୩ଜଣ ମାଓବାଦୀଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ସୋଡି ନନ୍ଦୁ, ପୁନେମ କୋସା ଓ ମଡକମ ପୋଦିୟା।

ଜଗରଗୁଣ୍ଡା ଥାନା ଅଞ୍ଚଳରେ ୧୫୦ ବାହିନୀ ସିଆରପିଏଫ୍ ବାହିନୀ ଅଲିଗୁଡେମ ଓ ଜୋନାଗୁଡା ଓ ଆଖପାଖ ଅଞ୍ଚଳରେ କୋମ୍ବିଂ କରୁଥିଲେ। ସେହି ସମୟରେ ଉକ୍ତ ୨ ଗ୍ରାମ ନିକଟରେ ୩ଜଣ ମାଓବାଦୀଙ୍କୁ ଗିରଫ କରିଥିଲେ। ଏମାନେ ଜଗରଗୁଣ୍ଡା ଥାନାରେ ଆଇଇଡି ବିସ୍ଫୋରଣରେ ସାମିଲ ଥିବା ତଦନ୍ତରୁ ଜଣାପଡିଛି। ତେବେ ଏହି ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୁକ୍‌ମା ପୋଲିସ ସୂତ୍ରରୁ ପ୍ରକାଶ।

## ୩ ଯୁବକ ଗିରଫ, ୨ ନାବାଳକ ଅଟକ

### ନାବାଳିକାଙ୍କୁ ଜଙ୍ଗଲରେ ଗଣବଳାତ୍କାର ଉଦ୍ୟମ

ଉଦଳା,୧୦।୮ (ସନ୍ତୋଷ କୁମାର ବାଛିନୀ)

ଟ୍ୟୁଶନ ଯାଇଥିବା ଜଣେ କଲେଜ ଛାତ୍ରୀଙ୍କୁ ଉଠାଇନେଇ ଗଣବଳାତ୍କାର ଉଦ୍ୟମ ଘଟଣାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳରେ ପୁଣି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ରକ୍ଷାବନ୍ଧନ ଦିନ ବୁଲିବାକୁ ଯାଇଥିବା ଜଣେ ନାବାଳିକାଙ୍କୁ ଜଙ୍ଗଲରେ ଗଣବଳାତ୍କାର ଉଦ୍ୟମ କରାଯିବା ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ପୋଲିସ ୩ ଯୁବକଙ୍କୁ ଗିରଫ କରିଥିବାବେଳେ ୨ ନାବାଳକଙ୍କୁ ଅଟକ ରଖିଛି। ଏସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ. ୩୨୪/୨୫) ରୁଜୁ ହୋଇଛି। ଗିରଫ ଯୁବକମାନେ ହେଲେ ଉଦଳା ଥାନା ଅଧୀନ ବୃନ୍ଦାଗଡ଼ି ଗ୍ରାମର ଗଣେଶ ଦ୍ୱିବେଦୀ(୩୨), ଜିତ୍‌ରାୟ ସୋରେନ(୪୫), ରୋହିତ ନାଏକ(୨୦)।

ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ୧୬ ବର୍ଷର ଜଣେ ନାବାଳିକା ତାଙ୍କ ୨ ନାବାଳକ ସାଙ୍ଗଙ୍କ ସହ ବୁଲିବାକୁ ଯାଇଥିଲେ। ଜଙ୍ଗଲ ନିକଟରେ ଜଣେ ନାବାଳକ ସାଙ୍ଗ ଶୌଚ ନିମନ୍ତେ ଯାଇଥିଲା ଅନ୍ୟ ଜଣେ ନାବାଳିକାଙ୍କ ପାଖରେ ଛିଡ଼ା ହୋଇଥିଲେ। ଏହି ସମୟରେ ସେଠାରେ ୩ ଯୁବକ ଗଣେଶ, ଜିତ୍‌ରାୟ ଓ ରୋହିତ ଆସି ପହଞ୍ଚିଥିଲେ। ସେମାନେ ନାବାଳିକାଙ୍କ ପାଖରେ ଛିଡ଼ା ହୋଇଥିବା ନାବାଳକଙ୍କୁ ଶୌଚ ନିମନ୍ତେ ଯାଇଥିବା ସାଙ୍ଗଙ୍କୁ ଖୋଜି ଆଣିବା ପାଇଁ ପଠାଇ ଦେଇଥିଲେ। ଏହାପରେ ଉକ୍ତ ୩ ଯୁବକ ନାବାଳିକାଙ୍କୁ ଏକୁଟିଆ ପାଇ ଗଣବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ଜଣକ କୌଶଳକ୍ରମେ ସେମାନଙ୍କୁ ଗୋଇଠା ମାରି ସେଠାରୁ ଖସି ପଳାଇ ଆସିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଉଦଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେମାନଙ୍କ ସହ ଥିବା ୨ ନାବାଳକ ସାଙ୍ଗଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ବୃଦ୍ଧାଙ୍କ ସନ୍ଦେହଜନକ ମୃତ୍ୟୁ

### ସମ୍ପତ୍ତି ପାଇଁ ମାଡ଼ ମରାଯାଇଥିବା ଝିଅଙ୍କ ଅଭିଯୋଗ

ଆସିକା,୧୦।୮ (ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ଗଙ୍ଗାପୁର ପଞ୍ଚାୟତ ଦନ୍ତାରିବଗଡ଼ ଗ୍ରାମର ଜଣେ ବୃଦ୍ଧାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଉଦୟ ଗୌଡ଼ଙ୍କ ସ୍ତ୍ରୀ ଲକ୍ଷ୍ମୀ ଗୌଡ (୭୫)। ଶନିବାର ରାତିରେ ମା'ଙ୍କୁ ଭାଇ, ଭାଉଜ ମାଡ଼ ମାରିଥିବା ଲକ୍ଷ୍ମୀଙ୍କ ଝିଅ ଲିଲି ତାରିଣୀ ଆସିକା ଥାନାରେ ଅଭିଯୋଗ କରଛନ୍ତି। ତେବେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ ରବିବାର ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁ କିଭଳି ହୋଇଛି ଜଣାପଡିବ ବୋଲି ପୋଲିସ କହିଛି।

ପ୍ରକାଶ ଯେ, ଲକ୍ଷ୍ମୀଙ୍କ ପରିବାରରେ ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ର କରି ସବୁବେଳେ ଝଗଡ଼ା ଲାଗି ରହୁଥିଲା। ଶନିବାର ରାତିରେ ମଧ୍ୟ ପୁଅବୋହୂଙ୍କ ସହ ଲକ୍ଷ୍ମୀଙ୍କ ଯୁକ୍ତିତର୍କ ହୋଇଥିଲା। ବିଳମ୍ବିତ ରାତିରେ ଲକ୍ଷ୍ମୀ ଘର ଭିତରେ ଝାଡାବାନ୍ତି ହୋଇ ମୁମୂର୍ଷୁ ଅବସ୍ଥାରେ ପଡିଥିବା ବେଳେ ପରିବାର ଲୋକେ ତାଙ୍କୁ ଆସିକା ସରକାରୀ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଲକ୍ଷ୍ମୀଙ୍କ ଝିଅଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୫/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# Business

## ଓଡ଼ିଶାର ଅଭିବୃଦ୍ଧିରେ ଉଦ୍ୟୋଗୀଙ୍କ ଯୋଗଦାନ ଉଲ୍ଲେଖନୀୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୮ (ଅଭୟ ଦାଶ)

ଓଡ଼ିଶା ସରକାରଙ୍କ ସହଯୋଗିତାରେ ଟାଇ ଭୁବନେଶ୍ୱର ଦ୍ୱାରା ଆୟୋଜିତ ଦୁଇଦିନିଆ ଜାତୀୟ ଉଦ୍ୟୋଗିକତା ସମ୍ମିଳନୀ 'ଟାଇକନ୍ ଭୁବନେଶ୍ୱର-୨୦୨୫' ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଓଡ଼ିଶାର ଅଭିବୃଦ୍ଧିରେ ଉଦ୍ୟୋଗୀମାନଙ୍କ ଯୋଗଦାନ ଉଲ୍ଲେଖନୀୟ। ଏପରିକି ଏକ ଅଗ୍ରଣୀ ଉଦ୍ଭାବନ କେନ୍ଦ୍ର ଭାବେ ଓଡ଼ିଶାର ଉତ୍‌ଥାନକୁ ଆଲୋକିତ କରି ମୁଖ୍ୟମନ୍ତ୍ରୀ ମାଝୀ ରାଜ୍ୟର ଅଭିବୃଦ୍ଧି ଯାତ୍ରାରେ ସହଯୋଗୀ ହେବା ପାଇଁ ଉଦ୍ୟୋଗୀମାନଙ୍କୁ ଆମନ୍ତ୍ରିତ କରିଥିଲେ। ସେହିଭଳି ଗ୍ଲୋବାଲ କାପାବିଲିଟି ସେଣ୍ଟର୍ସ (ଜିସିସି), ଚିପ ଡିଜାଇନ, ବ୍ଲକଚେନ ଓ ଏଆଇ ରିସର୍ଚ୍ଚ କ୍ଷେତ୍ରରେ ରାଜ୍ୟର ନେତୃତ୍ୱକୁ ଉଲ୍ଲେଖ କରି ସେ କହିଥିଲେ, ଆପଣମାନେ ଥରେ ଏଠାକୁ ଆସିବା ପରେ, ଏହା ଆପଣଙ୍କର ୨ୟ ଘର ଭଳି ଅନୁଭବ ହେବ। ଏପରିକି ମିଳିତ ଭାବେ ଆମେ ଓଡ଼ିଶାକୁ ପୂର୍ବ ଭାରତର ଉଦ୍ୟୋଗ ରାଜଧାନୀରେ ପରିଣତ କରିପାରିବା। ଏଥିସହିତ ସେ କଟକ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁର ସହରକୁ ନୂଆ ଡିଜିଟାଲ ହବ୍ ଭାବେ ବିକଶିତ କରିବା ପାଇଁ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ। ଏହା ଭିଜନ ଓଡିଶା-୨୦୩୬ ଓ ବିକଶିତ ଭାରତ ୨୦୪୭ ସହ ସମନ୍ୱିତ ରହିଛି। ସେହିପରି ସମ୍ମାନିତ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏଆଇ ଗ୍ରହଣୀୟତା କ୍ଷେତ୍ରରେ ଓଡ଼ିଶାର ଅଗ୍ରଗାମୀ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ଏହାର ନିଜସ୍ୱ ଏଆଇ ନୀତି ସହିତ ଓ ୨୦୨୫-୨୬ ବଜେଟରେ ଓଡ଼ିଶା ଏଆଇ ମିଶନ ପାଇଁ ୨୫ କୋଟି ଟଙ୍କାର ଆବଣ୍ଟନ କରିଥିବା ପ୍ରଥମ ରାଜ୍ୟରେ ପରିଣତ ହୋଇଛି। ସେ କୋରାପୁଟରେ ଏଆଇ-ଆଧାରିତ କଫି ଚାଷର ତଦାରଖ ଏବଂ ଶିଶୁ କୁପୋଷଣ, ମାତୃ ମୃତ୍ୟୁହାର (ଏମଏମଆର) ଓ ଶିଶୁ ମୃତ୍ୟୁହାର ଭଳି ସ୍ୱାସ୍ଥ୍ୟ ସମସ୍ୟା କ୍ଷେତ୍ରରେ ପ୍ରଗତିକୁ ଟ୍ରାକ୍ କରିବା ପାଇଁ ଆଗାମୀ ଏଆଇ-ଭିତ୍ତିକ ପ୍ରକଳ୍ପ ସମେତ କୃଷି ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏଆଇର ପ୍ରୟୋଗଗୁଡ଼ିକୁ ଉଲ୍ଲେଖ କରିଥିଲେ। ଏଥିସହିତ ଓଡିଶା ସେମିକଣ୍ଡକ୍ଟର ପଲିସି ଏବଂ ଭୁବନେଶ୍ୱରରେ ଏକ ଫିନଟେକ ସେଣ୍ଟର ସ୍ଥାପନ କରିବା ପାଇଁ ସ୍ୱାକ୍ଷରିତ ହୋଇଥିବା ଏମଓୟୁଗୁଡିକ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ।

ଏହି ପରିପ୍ରେକ୍ଷୀରେ ଏକାଧିକ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଯେଉଁଥିରେ ରିସର୍ଚ୍ଚ, ପାଇଲଟ ପ୍ରୋଜେକ୍ଟ, ଟେକ୍ କୋର ଡେଭ୍‌ଲପମେଣ୍ଟ, ପଲିସି ଇନ୍‌ପୁଟ୍‌ସ ଓ ଇନୋଭେଶନ ଇକୋସିଷ୍ଟମ ବିଲ୍ଡିଙ୍ଗ କ୍ଷେତ୍ରରେ ଇଲେକଟ୍ରୋନିକ୍ସ ଓ ଆଇଟି ବିଭାଗ ଏବଂ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ସହଭାଗିତା, ଓ-ଚିପ କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ଓକାକ୍ ଓ ଏସ୍‌ଏଫଏଏଲ (ସେମିକଣ୍ଡକ୍ଟର ଫାବ୍‌ଲେସ୍ ଆକ୍‌ସିଲରେଟର ଲାବ) ମଧ୍ୟରେ ସହଭାଗିତା, ବୈଷୟିକ ସହଭାଗିତା ପାଇଁ ଇଏସସି ଓଡିଶା ଓ ହିଟାଚି ଏମଜିଆରଏମ ମଧ୍ୟରେ ନଲେଜ ପାର୍ଟନରଶିପ ଏବଂ ଷ୍ଟାର୍ଟଅପ ସପୋର୍ଟ ନେଟ୍‌ୱର୍କଗୁଡିକୁ ମଜଭୁତ କରିବା ପାଇଁ ଟାଇ ଭୁବନେଶ୍ୱର ଓ ଇନ୍‌କ୍ୟୁବେଶନ ସେଣ୍ଟରଗୁଡିକ ମଧ୍ୟରେ ସହଭାଗିତା ଆଦି ଅନ୍ତର୍ଭୁକ୍ତ ରହିଛି।

ଏହିଅବସରରେ ଟାଇ ଭୁବନେଶ୍ୱରର ଅଧ୍ୟକ୍ଷ ଅୟସକାନ୍ତ ମହାନ୍ତି କହିଥିଲେ, ଏହି ସମ୍ମିଳନୀ ଓଡ଼ିଶାର କ୍ଷମତାକୁ ପ୍ରଦର୍ଶିତ କରିଛି ଏବଂ ଅନ୍ତର୍ଜାତୀୟ ସହଭାଗିତା ପାଇଁ ମଞ୍ଚ ପ୍ରସ୍ତୁତ କରିଛି। ସମ୍ମିଳନୀରେ ବିବିଧ ଅଂଶଗ୍ରହଣ ଏକ ଉଲ୍ଲେଖନୀୟ ଉଦ୍ଭାବନ କେନ୍ଦ୍ର ଭାବେ ଭୁବନେଶ୍ୱରର ସ୍ଥିତିକୁ ସୁଦୃଢ କରିଛି।



ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ,ସାଂସଦ ରବି ନାରାୟଣ ବେହେରା,ସାଂସଦ ସୁଜିତ କୁମାର, ଆଇଟି ସଚିବ ବିଶାଲ କୁମାର ଦେବ, ଶିଳ୍ପ ସଚିବ ହେମନ୍ତ ଶର୍ମା, ଟାଇ ଗ୍ଲୋବାଲର ଅଧ୍ୟକ୍ଷ ମୁରଲୀ ବୁକ୍କାପଟନମ, ଟାଇ ଭୁବନେଶ୍ୱରର ଅଧ୍ୟକ୍ଷ ଅୟସକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଅଛନ୍ତି।

## ବିଦ୍ୟା ବାଲାନ ଭାସ୍‌ମଲର ବ୍ରାଣ୍ଡ୍ ଆମ୍ବାସାଡ଼ର

ଭୁବନେଶ୍ୱର,୧୦।୮




ବଲିଉଡ ଅଭିନେତ୍ରୀ ବିଦ୍ୟା ବଲାନଙ୍କୁ ହେୟାର କଲର ବ୍ରାଣ୍ଡ୍ ଭାସ୍‌ମଲ ତା'ର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରିଛି। ଏପରିକି ବିଦ୍ୟା ବଲାନ୍‌ଙ୍କ ସହ ଭାସମଲ ହେନ୍ନା କ୍ରିମ ହେୟାର କଲରର ଏକ ନୂତନ ଟେଲିଭିଜନ କର୍ମସିଆଲ (ଟିଭିସି)ର ଶୁଭାରମ୍ଭ କରିଛି। କମ୍ପାନୀର ଏହି ବିଜ୍ଞାପନଭିତ୍ତିକ ଟିଭିସିଟି ସମସ୍ତ ମୌଳିକ ସୌନ୍ଦର୍ଯ୍ୟକାରିତା ଓ ପାରମ୍ପରିକତା ତଥା ସହଯୋଗୀ କାହାଣୀକୁ ବିସ୍ତୃତ ଭାବେ ଆବଦ୍ଧ କରିପାରିଛି। ବିଶେଷ କରି ଏହା ହେନ୍ନାର ପ୍ରାକୃତିକ ଉପକାରିତାର ସହଜ କ୍ରିମ ଫର୍ମାଟ ଉପରେ ଆଲୋକପାତ କରିବା ସହିତ ଐତିହ୍ୟ ଏବଂ ନବୀନତାର ଭାବପ୍ରବଣ ମହକତା ପ୍ରଦାନ କରିଛି। ଏହି ଅଭିଯାନର ବାର୍ତ୍ତାଗୁଡ଼ିକ ପ୍ରତ୍ୟେକ ମହିଳାଙ୍କ ସଶକ୍ତୀକରଣର ଆବେଗତାକୁ ଧରି ରଖିବା ସହିତ ଯଥାର୍ଥରେ 'ସୁରକ୍ଷିତ ରହେ ମେରେ ବାଲ' କହିବା ସହିତ ଏଥିରେ ଦୂର ଅବଧିର ବିଶ୍ୱସନୀୟତାକୁ ଯୋଡ଼ି ପାରିଛି। ଏ ସମ୍ପର୍କରେ ଏଚଆରଆଇପିଏଲର ଏମ୍‌ଡି ତଥା ସିଇଓ ଧୀରଜ ଅରୋରା କହିଛନ୍ତି, ଭାସମଲର ଜୟଯାତ୍ରାରେ ଆମର ବ୍ରାଣ୍ଡ-ପ୍ରତିଷ୍ଠା ପାଇଁ ଏହା ଏକ ପ୍ରମୁଖ ମାଇଲଖୁଣ୍ଟ ହେବ। ଏହା ଜରିଆରେ ଆମର ରହିଥିବା ବିସ୍ତାରିତ ରଣନୀତିକୁ ଅଧିକ ଶକ୍ତିଶାଳୀ କରିବା ଦିଗରେ ବେଶ୍ ସହାୟକ ହେବ। ଆଞ୍ଚଳିକତାର ବିଭିନ୍ନ ଦିଗକୁ ପ୍ରତିଫଳିତ କରିବା ସଙ୍ଗେ ସଙ୍ଗେ ଏହା ଏକ ଜାତୀୟ ପ୍ରାସଙ୍ଗିକତାକୁ ଗୌରାବନ୍ୱିତ କରିପାରିଛି।

## ଇଣ୍ଡସ ସହ ଫୋନ୍‌ପେର ସହଭାଗିତା

ଭୁବନେଶ୍ୱର,୧୦।୮

ଦେଶର ପ୍ରମୁଖ ଡିଜିଟାଲ ପେମେଣ୍ଟସ ଆଣ୍ଡ ଆର୍ଥିକ ସେବା ପ୍ରଦାନକାରୀ ପ୍ଲାଟଫର୍ମ ଫୋନ୍‌ପେ ଏବଂ ଇଣ୍ଡସ ମଧ୍ୟରେ ସହଭାଗିତା ହୋଇଛି। ଏପରିକି ଇଣ୍ଡସ୍ ଆପ ଷ୍ଟୋର ପକ୍ଷରୁ ଆଲକାଟେଲ୍ ସହ ଏକ ଗୁରୁତ୍ୱପୂର୍ଣ୍ଣ ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଦୀର୍ଘମିଆଦୀ ଭାଗୀଦାରି ଅନ୍ତର୍ଗତ ଇଣ୍ଡସ୍ ଆପ ଷ୍ଟୋର ଭାରତର ସମସ୍ତ ଆଲକାଟେଲ୍ ସ୍ମାର୍ଟଫୋନରେ ଏକ ପ୍ରି-ଇନ୍‌ଷ୍ଟଲ୍ ଆପ୍ ଷ୍ଟୋର ଭାବେ ଉପଲବ୍ଧ ହେବ। ଫୋନପେ ସହ ଇଣ୍ଡସ୍ ଆପଷ୍ଟୋରର ୪୫ ବିଭାଗରେ ଯାଞ୍ଚ ହୋଇଥିବା ମୋବାଇଲ୍ ଆପ୍ ଏବଂ ଗେମ୍ସର ଏକ ବିଶାଳ ସଂଗ୍ରହ ରହିଛି। ଏହା ୧୨ଟି ଭାରତୀୟ ଭାଷାକୁ ସମର୍ଥନ ଏବଂ ୧୦ଟି ଆଞ୍ଚଳିକ ଭାଷାରେ ଭଏସ୍ ସର୍ଚ୍ଚ ସୁବିଧା ଦେଉଛି। ଅପରପକ୍ଷରେ ଏହା ଏକ ଭିଡିଓ ଆଧାରିତ ଆପ୍ ଅନ୍ୱେଷଣ ଅନୁଭୂତି ପ୍ରଦାନ କରଛି। ଯାହା ବ୍ୟବହାରକାରୀଙ୍କୁ ଡାଉନଲୋଡ୍ କରିବା ପୂର୍ବରୁ ଆପ୍‌ଗୁଡ଼ିକୁ ପ୍ରିଭ୍ୟୁ କରିବାର ସୁଯୋଗ ଦେଉଛି। ସେହିଭଳି ଅନ୍ତର୍ଜାତୀୟ ବଜାରରେ 'ଆଲକାଟେଲ୍' ବ୍ରାଣ୍ଡକୁ ପ୍ରତିନିଧିତ୍ୱ ଏବଂ ପରିଚାଳନା କରିବା ପାଇଁ ଟିସିଏଲ୍‌ଠାରୁ ଏନଏକ୍ସଟି ସେଲ୍ ଇଣ୍ଡିଆ ସ୍ୱତନ୍ତ୍ର ଅଧିକାର ପାଇଛି। ଭାରତ ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ସହିତ ସମନ୍ୱିତ ହୋଇ ଭାରତୀୟ ଉପଯୋଗକାରୀ ଏବଂ ଡେଭଲପରମାନଙ୍କୁ ସଶକ୍ତ କରୁଥିବା ସ୍ଥାନୀୟ ପ୍ରଯୁକ୍ତି ସମାଧାନକୁ ସମନ୍ୱିତ କରିବାରେ ଏହି ସହଭାଗିତା ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି। ଇଣ୍ଡସ୍ ଆପଷ୍ଟୋର ଭାରତରେ ଶୁଭାରମ୍ଭ ହେବା ପରେ ଶୀଘ୍ର ଆଲକାଟେଲ୍ ସହିତ ହାତ ମିଳାଇଥିଲା। ଇଣ୍ଡସ୍ ଆପଷ୍ଟୋରର ମୁଖ୍ୟ ବ୍ୟବସାୟିକ ଅଧିକାରୀ ପ୍ରିୟା ଏମ୍. ନରସିଂହନ କହିଛନ୍ତି, ଆମେ ଆଲକାଟେଲ୍ ସହିତ ଭାରତରେ ସେମାନଙ୍କ ଯାତ୍ରାର ପ୍ରାରମ୍ଭିକ ପର୍ଯ୍ୟାୟରେ ଯୋଡ଼ି ହୋଇଥିବାରୁ ଖୁସି ଅଛୁ। ଏନ୍‌କ୍ସଟିସେଲ୍ ଇଣ୍ଡିଆର ମୁଖ୍ୟ ବ୍ୟବସାୟିକ ଅଧିକାରୀ ଆତୁଲ୍ ବିକେକ୍ କହିଛନ୍ତି,ଯେତେବେଳେ ଆମେ ଆଲକାଟେଲ୍ ସ୍ମାର୍ଟଫୋନଗୁଡ଼ିକୁ ଭାରତୀୟ ବଜାରରେ ପୁନର୍ବାର ଆଣିବାକୁ ପ୍ରସ୍ତୁତ ହେଉଛୁ।

## କସିଓକୁ ୩ ମିଲିୟନ ଡଲାରର ସିଡ୍ ଫଣ୍ଡିଙ୍ଗ

ଭୁବନେଶ୍ୱର,୧୦।୮

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଦ୍ୱାରା ପରିଚାଳିତ ଭିଡିଓ ଟେଲିମାଟ୍ରିକ୍ସ ଷ୍ଟାର୍ଟଅପ 'କସିଓ'କୁ ନିକଟରେ ୩ ମିଲିୟନ ଡଲାରର ସିଡ୍ ଫଣ୍ଡିଙ୍ଗ ମିଳିଛି। ଏପରିକି ଚଳିତ ବର୍ଷ ଏପ୍ରିଲରେ କମ୍ପାନୀ ଏହାର ବିଦ୍ୟମାନ ରାଉଣ୍ଡର ଅଂଶ ଭାବେ ୧.୨ ମିଲିୟନ ଡଲାରର ପାଣ୍ଠି ହାସଲ କରିଥିବା ଘୋଷଣା କରିଥିଲା। ସେହିଭଳି ଏହି ପାଣ୍ଠିକୁ କସିଓର ଗବେଷଣା ଓ ବିକାଶର ବିସ୍ତାର ସହିତ ଏହାର ଏଆଇ କ୍ଷମତାଗୁଡିକୁ ଉନ୍ନତ କରିବା ଏବଂ ଭାରତର ଫ୍ଲିଟ ଅପରେଟର, ଇଣ୍ଟରସିଟି ଓ ଇନ୍‌ଟ୍ରାସିଟି ବସ୍ ଅପରେଟର ଏବଂ ସ୍କୁଲ ଟ୍ରାନ୍ସପୋର୍ଟ ନେଟ୍‌ୱର୍କଗୁଡିରେ ପ୍ଲାଟଫର୍ମର ଉପସ୍ଥିତିକୁ ବୃଦ୍ଧି କରିବା ପାଇଁ ବ୍ୟବହାର କରାଯିବ। କମ୍ପାନୀ ଏହାର ଅନ୍-ଗ୍ରାଉଣ୍ଡ ଇନ୍‌ଷ୍ଟଲେଶନ ଓ ସର୍ଭିସିଙ୍ଗ କ୍ଷମତାକୁ ମଜଭୁତ କରିବା ପାଇଁ ମଧ୍ୟ ଯୋଜନା ରଖିଛି, ଯାହା ଫ୍ଲିଟଗୁଡିକ ପାଇଁ ସୁଗମ ଗ୍ରହଣକୁ ନିଶ୍ଚିତ କରିବ। ଏ ସମ୍ପର୍କରେ କସିଓର ସହପ୍ରତିଷ୍ଠାତା ତଥା ସିଇଓ ଅଙ୍କିତ ଆଚାର୍ଯ୍ୟ କହିଛନ୍ତି, ଆମେ ଏଭଳି ଏକ ଟେକ୍ନୋଲୋଜି ନିର୍ମାଣ କରୁଛୁ, ଯାହା ସୁରକ୍ଷାକୁ ଦୃଶ୍ୟମାନ ଓ କାର୍ଯ୍ୟକ୍ଷମ କରିଥାଏ। ଆମେ ପଠାଉଥିବା ପ୍ରତ୍ୟେକ ଆଲର୍ଟ ଦୁର୍ଘଟଣା ରୋକିବା, ପରିବାରକୁ ସୁରକ୍ଷିତ ରଖିବା ଓ ଜୀବନ ବଞ୍ଚାଇବା ପାଇଁ ସୁଯୋଗ ଦେଇଥାଏ। ସେହିପରି କସିଓର ସହପ୍ରତିଷ୍ଠାତା ତଥା ସିଟିଓ ପ୍ରାଲ କହିଛନ୍ତି, ଏହି ନୂଆ ନିବେଶ ଆମକୁ ଆମର ଟେକ୍ନୋଲୋଜିକୁ ସୁଦୃଢ କରିବା ସହିତ ଆମର ଟିମକୁ ବୃଦ୍ଧି କରିବା ଏବଂ ଉପସ୍ଥିତି ବିସ୍ତାର କରିବାକୁ ଆମକୁ ଅନୁମତି ଦେଉଛି, ଯାହା ସଡକ ସୁରକ୍ଷା ବ୍ୟତିକ୍ରମ ନୁହେଁ ବରଂ ନିୟମରେ ପରିଣତ ହୋଇଛି ବୋଲି ନିଶ୍ଚିତ କରୁଛି।

## ୧୩ରେ ଜୟଆଲୁକ୍କାସର କଟକ ଷ୍ଟୋର ଉଦ୍‌ଘାଟନୀ ଉତ୍ସବ

ଭୁବନେଶ୍ୱର,୧୦।୮

Joyalukkas
World's favourite jeweller

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ 'ଜୟଆଲୁକ୍କାସ'ର ସମ୍ପ୍ରସାରଣ ସହିତ ଓଡ଼ିଶା ବଜାରରେ ନୂତନ ଷ୍ଟୋରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କଟକ ବଜାରରେ ଜୟଆଲୁକ୍କାସର ପ୍ରଥମ ତଥା ଏକ୍ସକ୍ଲୁସିଭ ଶୋ'ରୁମ୍ ଚଳିତ ମାସ ୧୩ ତାରିଖ ସନ୍ଧ୍ୟା ୫ଘଟିକାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହେବାକୁ ଯାଉଛି। ଅଗଷ୍ଟ ୧୩ରେ ଅନୁଷ୍ଠିତ ହେବାକୁ ଥିବା ଏହି ଉଦ୍‌ଘାଟନୀ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ଏହି ବିଶେଷ ଶୁଭାରମ୍ଭକୁ ଆକର୍ଷଣୀୟ କରିବା ପାଇଁ ଜୟଆଲୁକ୍କାସ ପକ୍ଷରୁ ଡାଇମଣ୍ଡ ଏବଂ ଅନକଟ ଡାଇମଣ୍ଡ ଅଳଙ୍କାର ଉପରେ ୨୫% ରିହାତି ଦିଆଯାଉଛି। ଏପରିକି ୧,୦୦,୦୦୦ଟଙ୍କା ଏବଂ ତା'ଠାରୁ ଅଧିକ ମୂଲ୍ୟର ସୁନା ଏବଂ ମୂଲ୍ୟବାନ ଷ୍ଟୋନର ଅଳଙ୍କାର ଉପରେ ୫ ଗ୍ରାମ୍ ରୁପା ବାର ପ୍ରଦାନ କରାଯାଉଛି। ଉଲ୍ଲେଖଯୋଗ୍ୟ, ପ୍ରତ୍ୟେକ କ୍ରେତା କେବଳ ଅଫର ଅବଧି ମଧ୍ୟରେ ପ୍ରତ୍ୟେକ କ୍ରୟ ସହିତ ଏକ ସୁନିଶ୍ଚିତ ମାଗଣା ଉପହାର ପାଇବେ।

ଏ ନେଇ ଜୟଆଲୁକ୍କାସ ଗ୍ରୁପର ଅଧ୍ୟକ୍ଷ ଡ. ଜୟଆଲୁକ୍କାସ କହିଛନ୍ତି, କଟକ ବଜାରକୁ ଜୟଆଲୁକ୍କାସ୍‌କୁ ଆଣି ଆମେ ବହୁତ ଖୁସି ଅଛୁ। ଏହା ଏକ ପରମ୍ପରାରେ ପରିପୂର୍ଣ୍ଣ ସହର ଏବଂ ସୂକ୍ଷ୍ମ କାରିଗରୀର ଆଦର ପାଇଁ ବେଶ ଜଣାଶୁଣା ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଆମେ କେବଳ ଅସାଧାରଣ ଅଳଙ୍କାରର ଅଫର ପ୍ରଦାନ କରିବା ପାଇଁ ଉତ୍ସର୍ଗୀକୃତ ତାହା ନୁହେଁ, ବରଂ ଗ୍ରାହକମାନେ ଏହାକୁ ଅଧିକ ଭାବେ ପସନ୍ଦ କରିବେ ବୋଲି ଆମର ବିଶ୍ୱାସ ରହିଛି। ଏହି ଶୁଭାରମ୍ଭ ଉତ୍ସବରେ ଆମ ସହ ଯୋଗ ଦିଅନ୍ତୁ ଏବଂ ସପିଂର ଆନନ୍ଦ ନେବା ପାଇଁ ଆମେ ସମସ୍ତଙ୍କୁ ଆନ୍ତରିକତାର ସହ ସ୍ୱାଗତ କରୁଛୁ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଯୋଜନାବଦ୍ଧ ଭାବେ ଅବସ୍ଥିତ ଏବଂ ଅନ୍ତର୍ଜାତୀୟ ମାନଦଣ୍ଡ ଅନୁଯାୟୀ ଡିଜାଇନ୍ ହୋଇଥିବା ଏହି ନୂତନ ଶୋ'ରୁମ୍ ମିଲେନିୟମ୍ ସିଟିରେ ଏକ ବିଶ୍ୱସ୍ତରୀୟ ଏବଂ ବିଳାସପୂର୍ଣ୍ଣ ସପିଂ ଅଭିଜ୍ଞତା ଆଣିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ................................



ମୁବସ୍ୱର୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତ ଜିତିଲା ୧୪ ପଦକ

**ବ୍ୟାଙ୍କକ୍, ୧୦।୮ (ପି.ଟି.)**

ମହିଳା ବକ୍ସର ନିଶା ଓ ମୁସ୍କାନ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଏସିଆନ ବକ୍ସିଂ ଚାମ୍ପିୟନଶିପରେ ରବିବାର ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ପୁରୁଷ ବିଭାଗରେ ରାହୁଲ କୁଣ୍ଡୁ ପୋଡିୟମ ଶୀର୍ଷରେ ରହିଛନ୍ତି। ଫଳରେ ଭାରତ ୧୪ ପଦକ ସହ ଏହାର ଅଭିଯାନ ଶେଷ କରିଛି। ୩ ସ୍ୱର୍ଣ୍ଣ ବ୍ୟତୀତ ଭାରତ ୭ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ଲାଭ କରିଛି।

**ଏସିଆନ ୧୯ବର୍ଷରୁ କମ୍ ବକ୍ସିଂ**

୧୯ବର୍ଷରୁ କମ୍ କାଟେଗୋରିରେ ଭାଗ ନେଇଥିବା ଭାରତର ୧୦ମହିଳା ବକ୍ସରଙ୍କ ମଧ୍ୟରୁ ୯ଜଣ ପଦକ ସହ ଫେରିବେ। ତନ୍ମଧ୍ୟରେ ୨ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୨ ବ୍ରୋଞ୍ଜ ରହିଛି। ଚାମ୍ପିୟନଶିପ୍‌ରେ ଭାରତୀୟଙ୍କୁ କାଜାଖସ୍ତାନ, ଉଜ୍‌ବେକିସ୍ତାନ ଓ ଚାଇନା ସମେତ ଅନ୍ୟ ଦେଶର ବକ୍ସରମାନଙ୍କ ସହ ମୁକାବିଲା କରିବାକୁ ପଡ଼ିଥିଲା। ୫୪ କେଜି କାଟେଗୋରିର ନିଶା ଚାଇନାର ସିରୁଇ ୟାଙ୍ଗଙ୍କ ବିପକ୍ଷ ତୃତୀୟ ଓ ଫାଇନାଲ ରାଉଣ୍ଡରେ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ରେକର୍ଡ ୪:୧ରେ ବିଜୟ ଲାଭ କରିଥିବା ବେଳେ ମୁସ୍କାନ (୫୭କେଜି) ଆକ୍ରମଣାତ୍ମକ ଲଢ଼େଇ ସହ କାଜାଖସ୍ତାନର ଆୟାଝାନ ଏର୍ମେକଙ୍କୁ ଏକ ୩:୨ ବିଭାଜିତ ରାୟରେ ହରାଇ ଦେଇଛନ୍ତି। ଆରତୀ କୁମାରୀ (୭୫କେଜି) ଚାଇନାର ଟଙ୍ଗ୍‌ଟଙ୍ଗ୍ ଗୁ'ଙ୍କଠାରୁ ହାରିଯାଇଥିବା ବେଳେ କ୍ରତିକା ୱାସନ (୮୦କେଜି) କାଜାଖସ୍ତାନର କୁରାଲେ ୟେଜିନ୍‌ବେକିଜି ନିକଟରୁ ୨:୩ରେ ପରାଜିତ ହୋଇଥିଲେ। ପାର୍ଚି ଟୋକାସ (୮୦+କେଜି) ସମାନ ବ୍ୟବଧାନରେ ଉଜ୍‌ବେକିସ୍ତାନର ସୋବିରାଖୋନ୍ ଶାଖୋବିଦ୍ଦିନୋଭାଙ୍କ ବିପକ୍ଷ ମୁକାବିଲାରେ ହାରିଯାଇଛନ୍ତି। ୬୦କେଜି ଫାଇନାଲରେ ଭିନି ଉଜବେକିସ୍ତାନର ସେଭାରା ମାମାତୋଭାଙ୍କଠାରୁ ହାରିଯାଇଥିବା ବେଳେ ୬୫କେଜି ଟାଇଟଲ ମୁକାବିଲାରେ ନିଶାଙ୍କୁ ଜାପାନର ଆରିନ୍ଦା ଆକିମୋତୋ ୪:୧ରେ ପରାସ୍ତ କରିଛନ୍ତି। ୟାଶିକା (୫୧କେଜି), ଆକାଂକ୍ଷା ଫଲାସ୍ୱାଲ (୭୦କେଜି) ଗୋଟିଏ ଲେଖାଏ ବ୍ରୋଞ୍ଜ ପାଇଛନ୍ତି। ଅନ୍ୟପକ୍ଷରେ ପୁରୁଷ ୭୫କେଜି କାଟେଗୋରିରେ ରାହୁଲ କୁଣ୍ଡୁ ଉଜ୍‌ବେକିସ୍ତାନର ମହମ୍ମଦଜନ୍ ୟାକୁପ୍‌ବୋଏଭେବଙ୍କୁ ବିଭାଜିତ ନିଷ୍ପତ୍ତିରେ ୪:୧ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମୌସମ ସୁହାଗ ୬୫କେଜି ଶ୍ରେଣୀରେ ଉଜବେକିସ୍ତାନ ଜାଖୋନ୍‌ଗିର ଜେନିଦ୍ଦିନୋଭଙ୍କଠାରୁ ହାରିଯାଇଥିବା ବେଳେ ହେମନ୍ତ ସାଙ୍ଗୱାନ କାଜାଖସ୍ତାନର ରସୁଲ ଆସାନଖାନୋଭଙ୍କଠାରୁ ପରାଜିତ ହୋଇଯାଇଛନ୍ତି। ଶିବମ (୫୫କେଜି) ଓ ଗୌରବ (୮୫କେଜି) ପ୍ରତ୍ୟେକ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପାଇଥିଲେ। ୧୯ବର୍ଷରୁ କମ୍ ଓ ୨୨ବର୍ଷରୁ କମ୍ ଏହି ମହାଦେଶୀୟ ଇଭେଣ୍ଟ ପାଇଁ ଭାରତ ୪୦ ଜଣିଆ ଦଳ ପଠାଇଛି।



ପଦକ ବିଜୟୀ ଭାରତୀୟ ବକ୍ସର।

# ରମେଶ ପ୍ରଥମ ଭାରତୀୟ ପଦକ ବିଜେତା

**ଚେନ୍ନାଇ, ୧୦।୮ (ପି.ଟି.)**



ରମେଶ ବୁଢ଼ିଆଲ ପ୍ରଥମ ଭାରତୀୟ ଭାବେ ଏସିଆନ ସର୍ଫିଙ୍ଗ ଚାମ୍ପିୟନଶିପ୍‌ରେ ଏକ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି। ସେ ଓପନ ପୁରୁଷ କାଟେଗୋରିରେ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ବୁଢ଼ିଆଲ ଆହୁରି ମଧ୍ୟ ଦେଶର ପ୍ରଥମ ଭାବେ ଇଭେଣ୍ଟର

**ଏସିଆନ ସର୍ଫିଙ୍ଗ**

ପଦକ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ସେ ୧୨.୬୦ ପଏଣ୍ଟ ସହ ବ୍ରୋଞ୍ଜ ପଦକ ଲାଭ କରିଥିଲେ। କୋରିଆର କାନୋଆ ହିଜାଏ ୧୫.୧୭ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିବାବେଳେ ଇଣ୍ଡୋନେସିଆର ପାଜାର ଆରିୟାନା (୧୪.୫୭ ପଏଣ୍ଟ)ଙ୍କୁ ରୌପ୍ୟ ମିଳିଛି। ଓପନ ମହିଳା କାଟେଗୋରିରେ ଜାପାନର ଆନ୍‌ରି ମାଷୁନୋ (୧୪.୯୦ ପଏଣ୍ଟ) ଏକ କଡ଼ା ମୁକାବିଲାରେ ତାଙ୍କ ଦେଶର ସୁମୋକୋ ସାତୋ (୧୩.୭୦)ଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ଜିତିଥିଲେ। ଥାଇଲାଣ୍ଡର ଇସାବଲେ ହିସ୍ସ (୧୧.୭୫ ପଏଣ୍ଟ) ବ୍ରୋଞ୍ଜ ପଦକ ପାଇଛନ୍ତି। ପୂର୍ବରୁ ୧୮ ବର୍ଷରୁ କମ୍ ବାଳକ କାଟେଗୋରିରେ କୋରିଆର କାନୋଆ ହିଜାଏ ୧୪.୩୩ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଚାଇନାର ଶିଡଙ୍ଗ୍ ଉ' (୧୩.୧୦) ଓ ଶୁଲୋଉ ଜିଆଙ୍ଗ (୮) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ। ୧୮ବର୍ଷରୁ କମ୍ ବାଳିକା ବିଭାଗରେ ଚାଇନାର ସିକି ୟାଙ୍ଗ୍ ଆଧିପତ୍ୟ ବିସ୍ତାର କରି ୧୪.୫୦ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ତାଙ୍କ ଦେଶର ଶୁହାନ୍ ଜିନ୍(୧୦.୩୩) ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ଜିତିଥିଲେ। ଥାଇଲାଣ୍ଡର ଇସାବେଲ (୮.୧୦ ପଏଣ୍ଟ)ଙ୍କୁ ବ୍ରୋଞ୍ଜ ପଦକ ମିଳିଛି।

# ମସ୍ତିଷ୍କରେ ଆଘାତ: ଦୁଇ ଜାପାନିଜ ବକ୍ସରଙ୍କ ମୃତ୍ୟୁ

**ଟୋକିଓ,୧୦।୮(ଏପି):** ଦୁଇଟି ଭିନ୍ନ ଭିନ୍ନ ବାଉଟ୍‌ରେ ମସ୍ତିଷ୍କରେ ଆଘାତ ଲାଗିବା କାରଣରୁ ଦୁଇ ଜାପାନିଜ ବକ୍ସରଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ କୋରାକୁଏନ ହଲରେ ଗତ ୨ ତାରିଖରେ ଅନୁଷ୍ଠିତ ଓରିଏଣ୍ଟାଲ ଓ ପାସିଫିକ୍ ବକ୍ସିଂ ଫେଡେରେଶନ ଜୁନିୟର ଲାଇଟ୍‌ୱେଟ୍ ଚାମ୍ପିୟନ ୟମାତୋ ହାଟାଙ୍କ ବିପକ୍ଷ ୧୨ ରାଉଣ୍ଡ ବିଶିଷ୍ଟ ମୁକାବିଲା ପରେ ୨୮ ବର୍ଷୀୟ ଶିଗେତୋଷୀ କୋଟାରି ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ମସ୍ତିଷ୍କରେ ଲାଗିଥିବା ଆଘାତ ଯୋଗୁ ତାଙ୍କ ମସ୍ତିଷ୍କ ଓ ହାଡ଼ ମଧ୍ୟରେ ରକ୍ତ ଜମାଟ ବାନ୍ଧିଥିଲା। ତାଙ୍କର ତୁରନ୍ତ ମସ୍ତିଷ୍କ ଅସ୍ତ୍ରୋପଚାର କରାଯାଇଥିଲା ହେଲେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିଲା। ଶନିବାର ୟୋଜି ସାଇଟୋ ବିପକ୍ଷ ମୁକାବିଲାରେ ୨୮ ବର୍ଷୀୟ ହିରୋମାସା ଉରାକାୱା ନକ୍‌ଆଉଟ୍‌ର ସମ୍ମୁଖୀନ ହୋଇଥିଲେ। ତାଙ୍କର ମଧ୍ୟ ମସ୍ତିଷ୍କରେ ସମାନ ଆଘାତ ଲାଗିଥିଲା। କ୍ରାନିଓଟୋମି କରାଯିବା ସତ୍ତ୍ୱେ ତାଙ୍କ ଜୀବନକୁ ଡାକ୍ତରମାନେ ବଞ୍ଚାଇ ପାରି ନ ଥିଲେ। ଶିଗେତୋଷୀ କୋଟାରିଙ୍କ ମୃତ୍ୟୁର ଦିନକ ପରେ ହିରୋମାସା ଉରାକାୱାଙ୍କ ମୃତ୍ୟୁ ଏକ ହୃଦୟ ବିଦାରକ ଖବର। ଆମେ ସେମାନଙ୍କ ପରିବାରବର୍ଗ, ବନ୍ଧୁ ଓ ଜାପାନିଜ ବକ୍ସିଂ ଜଗତ ପ୍ରତି ସମବେଦନା ଜଣାଉଛୁ ବୋଲି ୱାର୍ଲ୍ଡ ବକ୍ସିଂ ଅର୍ଗାନାଇଜେଶନ (ଡବ୍ଲ୍ୟୁବିଓ) ପକ୍ଷରୁ କୁହାଯାଇଛି।

# ଦୁଇ ଦଶନ୍ଧିରେ ଭାରତକୁ ପ୍ରଥମ ଥର ଯୋଗ୍ୟତା



ଯୋଗ୍ୟତା ହାସଲ କରିଥିବା ଭାରତୀୟ ଦଳ।

**ୟାନ୍‌ଗନ, ୧୦।୮ (ପି.ଟି.)**

ଭାରତ ଦୁଇ ଦଶନ୍ଧିରେ ପ୍ରଥମ ଥର ଏଏଫ୍‌ସି ୨୦ବର୍ଷରୁ କମ୍ ମହିଳା ଏସିଆନ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିପାରିଛି। ରବିବାର ଗ୍ରୁପ 'ଡି' ଫାଇନାଲ କ୍ୱାଲିଫାଇଙ୍ଗ ମ୍ୟାଚରେ ମ୍ୟାନ୍‌ମାରକୁ ୧-୦ ଗୋଲରେ

**ଏଏଫ୍‌ସି ୨୦ବର୍ଷରୁ କମ୍ ମହିଳା ଏସିଆ କପ୍**

ହରାଇ ଦେଇଛି। ଥୁଉନା ଷ୍ଟାଡିୟମ ଖେଳାଯାଇଥିବା ଏହି ମ୍ୟାଚରେ ପୂଜା ଖେଳର ୨୭ତମ ମିନିଟ୍‌ରେ ନିର୍ଣ୍ଣାୟକ ଗୋଲ୍ ସ୍କୋର କରିଥିଲେ। ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ଘରୋଇ ଦଳ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ରହିଥିଲା। ଏହି ବିଜୟ ସହ ଭାରତ ୭ ପଏଣ୍ଟ ସହ ଗ୍ରୁପ୍‌ର ଶୀର୍ଷରେ ରହିବା ସହ ଥାଇଲାଣ୍ଡରେ ହେବାକୁଥିବା ମୁଖ୍ୟ ଟୁର୍ନାମେଣ୍ଟର ୨୦୨୬ ସଂସ୍କରଣ ପାଇଁ ଯୋଗ୍ୟତା ଅର୍ଜନ କରିଛି।

# ପ୍ରଥମ ଟି୨୦ ଜିତିଲା ଅଷ୍ଟ୍ରେଲିଆ

**ଡାର୍ୱିନ, ୧୦।୮:** ଟିମ୍ ଡେଭିଡ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୧୭ ରନ୍‌ରେ ଜିତି ନେଇଛି। ଏହି ବିଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ହାସଲ କରିଛି। ଡେଭିଡ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୧୨ ତାରିଖରେ ସମାନ ଭେନ୍ୟୁରେ ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୨୦ ଓଭରରେ ୧୭୮ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଡେଭିଡ୍ ୫୨ ବଲରେ ୮୩ ଓ କାମେରନ ଗ୍ରୀନ ୧୩ ବଲରେ ୩୫ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପାଇଁ କ୍ୱେନା ମାଫାକା ୪ ଓ କାଗିସୋ ରାବାଡା ୨ ଉଇକେଟ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୯ ଉଇକେଟ ହରାଇ ୧୬୧ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ଲାଗି ରିୟାନ ରିକଲଟନ ସର୍ବାଧିକ ୭୧ ଓ ଟ୍ରିଷ୍ଟାନ ଷ୍ଟବ୍ସ ୩୭ ରନ କରିଥିଲେ। ଅଷ୍ଟ୍ରେଲିଆ ପାଇଁ ଜୋଶ ହାଜେଲଉଡ୍ ଓ ବେନ ଡ୍ୱାରଶୁଇସ ୩ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ: ୨୦ ଓଭରରେ ୧୭୮/ଅଲଆଉଟ୍(ଟିମ ଡେଭିଡ-୮୩, କାମେରନ ଗ୍ରୀନ-୩୫, କ୍ୱେନା ମାଫାକା-୪/୨୦, କାଗିସୋ ରାବାଡା-୨/୨୯)। ଦକ୍ଷିଣ ଆଫ୍ରିକା: ୨୦ ଓଭରରେ ୧୬୧/୯(ରିୟାନ ରିକଲଟନ-୭୧, ଟ୍ରିଷ୍ଟାନ ଷ୍ଟବ୍ସ-୩୭, ବେନ ଡ୍ୱାରଶୁଇସ-୩/୨୬)।

# ଅସ୍ମିତା ସିଟି ଲିଗ୍: ଓଜିପି କ୍ଲବ ଚାମ୍ପିୟନ



ଚାମ୍ପିୟନ ଓଜିପି କ୍ଲବ୍ ଟ୍ରଫି ସହ।

**ଭୁବନେଶ୍ୱର, ୧୦।୮ (ବିଜୟ ରଣା)**

କଟକସ୍ଥିତ ବି.ଓ.ଏସ୍.ଇ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ରବିବାର ୧୩ବର୍ଷରୁ କମ୍ ଅସ୍ମିତା ସିଟି ଲିଗ୍ ୨୦୨୫-୨୬ (ବାଳିକା) ଦିନିକିଆ ନକ୍‌ଆଉଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ୮ଟି ଦଳ ଦଳରେ ୧୪ଜଣ ଲେଖାଏଁ ଖେଳାଳି ଏହିପର ମୋଟ ୧୧୨ ଜଣ ଖେଳାଳି ଥିଲେ। ମ୍ୟାଚ୍‌ଗୁଡ଼ିକ ୯-ଏ-ସାଇଡ୍ ଫର୍ମାଟରେ ଖେଳାଯାଇଥିଲା। ରୋମାଞ୍ଚକ ପାଇନାଲରେ ଓଜିପି କ୍ଲବ ଶୁଟ୍ ଆଉଟରେ ଓଡିଏମ୍ ଫୁଟ୍‌ବଲ କ୍ଲବକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୧-୧ରେ ଅମୀମାଂସିତ ରହିଥିଲା। ଓଜିପି କ୍ଲବ ତରଫରୁ ବିଜୟଲକ୍ଷ୍ମୀ ହାଁସ୍‌ଦା ଏବଂ ଓଡିଏମ୍ ଫୁଟ୍‌ବଲ କ୍ଲବ ତରଫରୁ ବୈଷ୍ଣବୀ ଜେନା ଗୋଲ୍ ସ୍କୋର କରିଥିଲେ। ପେନାଲ୍‌ଟି ଶୁଟ୍‌ଆଉଟରେ ଓଜିପି କ୍ଲବ ୪-୩ ଗୋଲ୍‌ରେ ବିଜୟୀ ହୋଇ ଟ୍ରଫି ହାସଲ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଅନ୍ତର୍ଜାତୀୟ ଫୁଟ୍‌ବଲର ତଥା ଓଡ଼ିଶା ସିନିୟର ମହିଳା ଫୁଟ୍‌ବଲ ଦଳର କୋଚ୍ ଗୀତାଞ୍ଜଳୀ ଖୁଣ୍ଟିଆ, ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ବୈଷୟିକ ନିର୍ଦ୍ଦେଷକ ଅକ୍ଷୟ ଦାସ ଓ ଫାଓ ସଦସ୍ୟ କାର୍ତ୍ତିକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ଜୁନିୟର ମହିଳା ହକି: ହରିୟାଣା-ଝାଡ଼ଖଣ୍ଡ ଫାଇନାଲ

**କାକିନାଡା, ୧୦।୮ (ପି.ଟି.)**

ହକି ହରିୟାଣା ଓ ହକି ଝାଡ଼ଖଣ୍ଡ ଉଭୟେ ସମାନ ୩-୦ ଗୋଲ୍‌ରେ ବିଜୟ ହାସଲ କରି ଏଠାରେ ଚାଲିଥିବା ଜାତୀୟ ଜୁନିୟର ମହିଳା ହକି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଛତିଶଗଡ଼ ହକି ବିପକ୍ଷ ପ୍ରଥମ ସେମିଫାଇନାଲରେ ଅଧିନାୟକ ଶଶି କାଶା (୮ମ ମିନିଟ)ଏକ ଗୋଲ୍ ସ୍କୋର କରି ହରିୟାଣାକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ପରେ ସୁପ୍ରିୟା (୪୫ତମ ଓ ୪୭ତମ) କ୍ରମାଗତ ଦୁଇଟି ଗୋଲ ସ୍କୋର କରି ସେମାନଙ୍କ ଦଳକୁ ୩-୦ ଗୋଲରେ ବିଜୟୀ କରାଇଥିଲେ। ଦ୍ୱିତୀୟ ସେମିଫାଇନାଲରେ ସ୍ୱିଟି ଡୁଙ୍ଗ୍ ଡୁଙ୍ଗ୍ (୧୩ତମ), ରୀନା କୁଲୁ (୫୬ତମ) ଓ ଅଧିନାୟିକା ରଜ୍‌ନୀ କେର୍‌କେଟା (୫୯ତମ)ଙ୍କ ଗୋଲ ସହାୟତାରେ ଉତ୍ତର ପ୍ରଦେଶକୁ ୩-୦ରେ ହରାଇଦେଇଥିଲା ଝାଡ଼ଖଣ୍ଡ। ସୋମବାର ଫାଇନାଲ ମ୍ୟାଚ ଖେଳାଯିବାକୁଥିବା ବେଳେ ଛତିଶଗଡ଼ ଓ ଉତ୍ତର ପ୍ରଦେଶ ତୃତୀୟ ସ୍ଥାନ ପାଇଁ ମୁକାବିଲା କରିବେ।


# Classified Everyday

0674-2580101, 9692975378



REAL ESTATE

SALE

ଭୁବନେଶ୍ୱର ମଞ୍ଚେଶ୍ୱର, ବାଲିଅନ୍ତା ନିକଟରେ ଘରବାରୀ ପ୍ଲଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ- 7735922768. D-1572

BDA Approved Apartment Near Sum Hospital, Kalinganagar, Times Gurukul, Duplex near CVRaman, Tamando, Bhubaneswar- 7854015157 D-76295

Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492. D-1376

Duplex sale with gated Society near Allms Hospital, Bhubaneswar- 9777433701. D-1614

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। ୯୧୭୮୬୬୦୬୬୬. D-1617

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**

ମୁଁ ମମତା ଦାସ, ବୟସ- ୫୨ ବର୍ଷ, ସ୍ୱାମୀ- ସୋମନାଥ ଦାସ, ସା/ପୋ- ପଦ୍ମସାହି, ଆଠଗଡ଼, ଥାନା- ଆଠଗଡ଼, ଜିଲ୍ଲା- କଟକ ଜଣାଉଅଛି ଯେ, ମୋର ଖରିଦ କରିଥିବା ଜମି ପ୍ଲଟ୍ ନଂ.- ୧୮୨୬, ଯାହାକି ପୂର୍ବରୁ ମାଲିକାନା ସ୍ୱତ୍ୱ- ମନୋରମା ମିଶ୍ର, କବଲା ନଂ.- ୬୯୮, କବଲା ବୃତ୍ତି ତା.- ୦୩।୧୧।୧୯୯୮, ପଟ୍ଟା ନଂ.- ୫୪୬ ଥିଲା, ତାହା ଖୁଣ୍ଟୁଣୀ କଲେଜ ନିକଟରେ ହଜିଯାଇଛି, ତେଣୁ ଅନୁରୋଧ କରୁଛି କେହି ସହୃଦୟ ବ୍ୟକ୍ତି ଏହି କବଲାକୁ ପାଆନ୍ତି ତେବେ ନୃସିଂହ ଚରଣ ପଟ୍ଟନାୟକ, ମୋ.- ୯୮୫୩୩୧୧୧୮୯ ରେ ଜଣାଇବାକୁ ଅନୁରୋଧ। ଜମି କବଲା ହଜିବା ଘଟଣା ମୋ ଦ୍ୱାରା ଖୁଣ୍ଟୁଣୀ ଥାନାରେ ତା- ୦୪।୦୮।୨୦୨୫ରିଖରେ ଜଣାଇ ଦିଆଯାଇଛି। D-୧୬୧୪

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱ ରମ୍ଭାମଣୀ ଧଳ
ଧୋବାଗଡିଆ, କୁପାରୀ, ବାଲେଶ୍ୱର
ଆବିର୍ଭାବ: ୦୮।୦୫।୧୯୩୧
ତିରୋଧାନ:୦୧।୦୮।୨୦୨୫
ଆପଣ ଆମକୁ ଶୋକସାଗରରେ ଭସାଇଦେଇ ସଂସାରରୁ ବିଦାୟ ନେଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଆଦର୍ଶ ଆମ ପାଇଁ ପ୍ରେରଣାର ଉତ୍ସ ହୋଇରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
:ଶୋକସନ୍ତପ୍ତ:
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ଧଳ ପରିବାରବର୍ଗ।
ଧ-1615

ଦଶାହ କ୍ରିୟା ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଭୀମସେନ ମହାପାତ୍ର
ତୁଳସୀଚଉରା, ଚନ୍ଦନପୁର, ପୁରୀ।
ଆବିର୍ଭାବ: ୨୬।୦୧।୧୯୬୨
ତିରୋଧାନ: ୦୨।୦୮।୨୦୨୫
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ଧର୍ମପରାୟଣତା ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ, ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁପରିଜନ ଓ ଆତ୍ମୀୟସ୍ୱଜନ।
ଧ-1616


# ଓଡିଏମ୍, ବିକାଶ ରେସିଡେନସିଆଲ ବିଜୟୀ

**ଭୁବନେଶ୍ୱର,୧୦।୮(ଅନାଦି କର)**

ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ରବିବାର ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ ଓଡିଏମ୍ ଗ୍ଲୋବାଲ ଓ ବିକାଶ ରେସିଡେନସିଆଲ ସ୍କୁଲ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଓଡିଏମ୍ ଗ୍ଲୋବାଲ ୧୩-୧ ଗୋଲରେ ଡିଏଭି ସ୍କୁଲ ଚନ୍ଦ୍ରଶେଖରପୁର ଦଳକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଶ୍ରୀଜଲ କିସ୍କୋ ସର୍ବାଧିକ ୬ଟି ଓ ସ୍ୱର୍ଣ୍ଣ ସାହୁ ୪ଟି ଗୋଲ

**ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟ୍‌ବଲ**

ଦେଇଥିବା ବେଳେ ଆଶିଷ କୁମାର, ରେୟାଂଶ ଶ୍ୟାମ ଓ ବାବାସାନ ହେମ୍ବ୍ରମ ଗୋଟିଏ ଲେଖାଏ ସ୍କୋର କରିଥିଲେ। ଡିଏଭି ପକ୍ଷରୁ ମନ୍ମଥ ପ୍ରଧାନ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ସର୍ବାଧିକ ଗୋଲ କରିଥିବା ଶ୍ରୀଜଲଙ୍କୁ ଅତିଥି ଭାବେ ବିଏଏ ଉପସଭାପତି ରାଧା ମହାପାତ୍ର ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ବିକାଶ ରେସିଡେନସିଆଲ ସ୍କୁଲ ୫-୦ ଗୋଲରେ ରାମକ୍ରିଷ୍ଣ ଶିକ୍ଷା କେନ୍ଦ୍ରକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଏ ସାଇ ପ୍ରସାଦ (୨୫ତମ), ଆର୍ଯ୍ୟନ ଲେନି(୨୭ତମ), ରଞ୍ଜନ ମୁଣ୍ଡା (୪୦ତମ), ସୌମ୍ୟ ରଞ୍ଜନ ମୁଣ୍ଡା (୪୮ତମ) ଓ ରଶ୍ମିକାନ୍ତ ନାୟକ (୫୬ତମ) ଗୋଲ କରିଥିଲେ। ବିଜୟୀ ଦଳର ବି ଏସ୍ ପ୍ରସାଦଙ୍କୁ ଅତିଥି ଭାବେ ସେଞ୍ଚୁରିଅନ ୟୁନିଭରସିଟିର ଡାଇରେକ୍ଟର ଅଫ୍ ସ୍ପୋର୍ଟ୍ସ ରବି ନାରାୟଣ ରାଉତରାୟ ପୁରସ୍କୃତ କରିଥିଲେ।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଶ୍ରୀଜଲ କିସ୍କୋ।

# ପାନୀୟ ଜଳ ଓ ଦୀର୍ଘାୟୁ ଜୀବନ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

''ତମ୍ବାପାତ୍ରରେ ପାଣି ରଖି ପିଇବା ଦ୍ୱାରା କୋଲାଜେନ ନାମକ ଏକ ପଦାର୍ଥର ମାତ୍ରା ଆମ ଶରୀରରେ ବୃଦ୍ଧି ପାଇଥାଏ। ଫଳରେ ବାହ୍ୟ ଚର୍ମ କୁଞ୍ଚନ ହ୍ରାସ ପାଇବା ସହ ଚର୍ମ ପରିଷ୍କାର ରହିଥାଏ। ତେଣୁ ଅନ୍ୟ ପାତ୍ର ଅପେକ୍ଷା ତମ୍ବାପାତ୍ରରେ ପାଣି ପିଇବା ଉଚିତ। ବେଳେବେଳେ ଆମର ଦୈନନ୍ଦିନ ଖାଦ୍ୟରେ କିଛି ଗୁରୁପାକ ଖାଦ୍ୟ ଖାଇବା ହେତୁ ବଦହଜମୀ ସମସ୍ୟା ସୃଷ୍ଟି ହୋଇଥାଏ। ତମ୍ବାପାତ୍ରରେ ପାଣି ପିଇଲେ ଏପରି ସମସ୍ୟା ଦୂର ହେବା ସହ ସେହି ପାଣି ଆମ ଶରୀରର ଓଜନ ହ୍ରାସ କରିବା, ପେଟରେ ଅଲ୍‌ସର ହେବା ଆଶଙ୍କା ଦୂର କରିବା ସହ ଥଣ୍ଡାଜନିତ ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। ରାତିରେ ତମ୍ବାପାତ୍ରରେ ପାଣିରଖି ସକାଳୁ ଖାଲିପେଟରେ ଏହାକୁ ପିଇବା ଦ୍ୱାରା ଶରୀରକୁ ଅଧିକ ପୋଷଣ ମିଳିଥାଏ।''



ପୃଥିବୀ ପୃଷ୍ଠରେ ରହିଥିବା ସମସ୍ତ ବୃକ୍ଷଲତା ଓ ସମସ୍ତ ପ୍ରାଣୀଜଗତ ଜଳ ବିନା ବଞ୍ଚିରହିବା ଅସମ୍ଭବ। ଜଳ ହିଁ ଜୀବନ। ବୃକ୍ଷଲତା ଆଦି ପାଇଁ ଜଳର ପ୍ରକାରଭେଦ ଅଧିକ ଜରୁରୀ ନ ଥିବା ବେଳେ, ମନୁଷ୍ୟ ପାଇଁ ପାନୀୟ ଜଳ ନିମନ୍ତେ ସ୍ୱଚ୍ଛ ଓ ପରିଷ୍କାର ତଥା ଜୀବାଣୁ ଭୂତାଣୁବିହୀନ ଜଳ ନିତାନ୍ତ ଆବଶ୍ୟକ। ଏହାଦ୍ୱାରା ଆମେ ସୁସ୍ଥ, ନିରୋଗ ତଥା ଦୀର୍ଘାୟୁ ହୋଇପାରିବା। ସାଧାରଣତଃ ବର୍ଷା ଋତୁରେ ସ୍ୱଚ୍ଛ ପରିଷ୍କାର ପାନୀୟ ଜଳ ନିମନ୍ତେ ଅଧିକ ସତର୍କ ରହିବା ଆବଶ୍ୟକ। ବିଶେଷଭାବରେ ନଦୀ, ନାଳ, କୂପ, ଜଳାଶୟ ଆଦିର ଜଳ ଦୂଷିତ ହୋଇଥାଏ। ତେଣୁ ଜଳକୁ ଭଲଭାବେ ଫୁଟାଇ ଛାଣି ପାନୀୟଜଳ ଭାବେ ବ୍ୟବହାର କରିବା ଜରୁରୀ। ପୂର୍ବ ସମୟ ଅପେକ୍ଷା ବର୍ତ୍ତମାନ ସ୍ଥିତି ବଦଳିଯାଇଛି। ବନ୍ୟା ବାତ୍ୟା ଆଦିର ପୂର୍ବ ସୂଚନା ବିଭିନ୍ନ ପତ୍ରପତ୍ରିକା ବୈଦ୍ୟୁତିକ ଗଣମାଧ୍ୟମରୁ ମିଳିଯାଉଛି। ଯାହାଫଳରେ ୪ରୁ ୫ଦିନ ପର୍ଯ୍ୟନ୍ତ ପାନୀୟ ଜଳ ସୁରକ୍ଷିତ ଭାବେ ରଖି ବ୍ୟବହାର କରାଯାଇପାରୁଛି। ବନ୍ୟା ବାତ୍ୟାର ପରବର୍ତ୍ତୀ ସମୟ ବହୁତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ସମୟରେ ସବୁ ଜଳାଶୟର ଜଳ ଦୂଷିତ ହୋଇଥାଏ। ତେଣୁ ଆମେ ଅତି କମ୍‌ରେ ୪ରୁ ୫ ଦିନ ପାଇଁ ପରିଷ୍କାର ଜଳ ସୁରକ୍ଷିତ ରଖି ଏହାକୁ ପାନୀୟ ଭାବେ ବ୍ୟବହାର କରିପାରିବା, ଯାହାଦ୍ୱାରା ଡାଇରିଆ, ଟାଇଫଏଡ୍ ଆଦି ବିଭିନ୍ନ ସଂକ୍ରମଣଜନିତ ରୋଗ ତଥା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ ଆମେ ନିଜକୁ ରକ୍ଷା କରିପାରିବା। ଆଗ କାଳରେ ଆମର ପୂର୍ବ ପିଢ଼ିର ବୟସ୍କ ବ୍ୟକ୍ତିମାନେ ସକାଳୁ ଉଠି ବାସିପାଣି ପିଉଥିଲେ। କାରଣ ଏହି ପାଣି ସ୍ୱାସ୍ଥ୍ୟ ପାଇଁ ଭଲ। ତମ୍ବାପାତ୍ର, ମାଟିପାତ୍ରରେ ପାଣି ରଖି ପିଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ହୋଇଥାଏ।

କୌଣସି କାରଣରୁ ଘରକୁ ଏକାଧିକ ଦିନ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଗଲେ ଆମେ ଅସୁବିଧାରେ ପଡ଼ିଥାଉ। ଜରୁରିକାଳୀନ ପରିସ୍ଥିତିରେ ପାନୀୟ ଜଳର ଆବଶ୍ୟକ ପଡ଼ିଲେ ଘରେ ସଞ୍ଚିତ ପାଣିକୁ ବ୍ୟବହାର କରିଥାଉ। ଉକ୍ତ ପାଣି ଆମ ସ୍ୱାସ୍ଥ୍ୟ ପାଇଁ କେତେ ପରିମାଣରେ ଭଲ କି ଖରାପ ତାହା ଜାଣିବାର ଆବଶ୍ୟକତା ରହିଛି। ଜଳକୁ କାଚ ଗ୍ଲାସ କିମ୍ବା କୌଣସି ପାତ୍ରରେ ରାତିତମାମ ରଖିବା ଦ୍ୱାରା ତାହା ବାୟୁରେ ଥିବା କାର୍ବନ ଡାଇଅକ୍ସାଇଡ ସଂସ୍ପର୍ଶରେ ଆସିଥାଏ। ପାଣି ସହ ଏହା ମିଶିବା ଦ୍ୱାରା ପାନୀୟ ଜଳର ସ୍ୱାଦ କିଛି ମାତ୍ରାରେ ଖରାପ ଲାଗିଥାଏ, ତଥାପି ଉକ୍ତ ପାଣି ପିଇବା ସ୍ୱାସ୍ଥ୍ୟ ପକ୍ଷେ ସୁରକ୍ଷିତ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ନଳକୂପ ଜଳର 'ସେଲ୍‌ଫ ଲାଇଫ' ୬ମାସ ପର୍ଯ୍ୟନ୍ତ ରହିଥାଏ। ଛଅ ପରେ ଉକ୍ତ ଜଳରେ କ୍ଲୋରିନର ମାତ୍ରା କ୍ରମଶଃ ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଥାଏ ଯଦ୍ଦ୍ୱାରା ଉକ୍ତ ଜଳରେ ଜୀବାଣୁ ବୃଦ୍ଧିପାଇବା ଆରମ୍ଭ ହୋଇଥାଏ। ଉକ୍ତ ଜଳ ଗରମ ପରିବେଶରେ ରହିଲେ ଜୀବାଣୁ ଅଧିକ ବୃଦ୍ଧି ପାଇବାର ସମ୍ଭାବନା ରହିଥାଏ। ପ୍ଲାଷ୍ଟିକର ବ୍ୟବହାର ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। କିନ୍ତୁ ଆଜିକାଲି ପ୍ଲାଷ୍ଟିକ ବୋତଲରେ ପାନୀୟ ଜଳ ଓ ଥଣ୍ଡା ପାନୀୟର ବହୁଳ ବ୍ୟବହାର ହେଉଛି। ଖାଦ୍ୟ ଓ ଔଷଧ ପ୍ରଶାସନ ବିଭାଗ(ଏଫ୍‌ଡିଏ) ବୋତଲ ପାଣିରେ ସେଲ୍‌ଫ ଲାଇଫ ଲେବଲ ଲଗାଇବା ଆବଶ୍ୟକ।

ବୋତଲରେ ପାଣି ସଂରକ୍ଷଣ କରାଯିବାବେଳେ ସିଧାସଳଖ ସୂର୍ଯ୍ୟକିରଣ ଏବଂ କୌଣସି ରାସାୟନିକ ପଦାର୍ଥଠାରୁ ଦୂରେଇ ରଖିବା ଉଚିତ। ସୂର୍ଯ୍ୟକିରଣ ପାଣିରେ ଥିବା ଜୀବାଣୁକୁ ବୃଦ୍ଧି ଘଟାଇବାରେ ସହାୟକ ହେବାର ସମ୍ଭାବନା ଅଧିକ ରହିଥାଏ। ତେଣୁ ଜଳ ହେଉ କିମ୍ବା ପାନୀୟ ଜଳ ବୋତଲରେ ସଂରକ୍ଷିତ ବେଳେ ଏସବୁ ପ୍ରତି ଠିକ୍ ଧ୍ୟାନଦେବାର ଆବଶ୍ୟକତା ରହିଛି। କାରଣ ଉତ୍ତମ ପାନୀୟ ଜଳ ହିଁ ଆମ ଶରୀରରେ ରୋଗପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରାଇବାରେ ସହାୟକ ହୋଇଥାଏ। ତା' ସହ ସ୍ୱାସ୍ଥ୍ୟକୁ ସୁସ୍ଥ ରଖିବା ଏବଂ ଆମକୁ ଦୀର୍ଘାୟୁ ରଖିବାରେ ସହାୟକ ହୋଇଥାଏ।

ଆମ ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ବିଭିନ୍ନ ଧାତୁ ପାତ୍ରରେ ପାନୀୟ ଜଳ ରଖି ପିଇବା ସ୍ୱାସ୍ଥ୍ୟପ୍ରଦ ବୋଲି ଉଲ୍ଲେଖ ରହିଛି। ତମ୍ବାପାତ୍ରରେ ପାଣି ରଖି ପିଇବା ଦ୍ୱାରା କୋଲାଜେନ ନାମକ ଏକ ପଦାର୍ଥର ମାତ୍ରା ଆମ ଶରୀରରେ ବୃଦ୍ଧି ପାଇବା ଦ୍ୱାରା ଆମ ଶରୀରର ବାହ୍ୟ ଚର୍ମ କୁଞ୍ଚନ ହ୍ରାସ ପାଇବା ସହ ଚର୍ମ ପରିଷ୍କାର ରହିଥାଏ। ତେଣୁ ଅନ୍ୟ ପାତ୍ର ଅପେକ୍ଷା ତମ୍ବାପାତ୍ରରେ ପାଣି ପିଇବା ଉଚିତ। ବେଳେବେଳେ ଆମର ଦୈନନ୍ଦିନ ଖାଦ୍ୟରେ କିଛି ଗୁରୁପାକ ଖାଦ୍ୟ ଖାଇବା ହେତୁ ବଦହଜମୀ ସମସ୍ୟା ସୃଷ୍ଟି ହୋଇଥାଏ। ତମ୍ବା ପାତ୍ରରେ ପାଣି ପିଇଲେ ଏପରି ସମସ୍ୟା ଦୂର ହୋଇଥାଏ। ସେହି ପାଣି ଆମ ଶରୀରର ଓଜନ ହ୍ରାସ କରିବା, ପେଟରେ ଅଲ୍‌ସର ହେବା ଆଶଙ୍କା ଦୂର କରିବା ସହ ଥଣ୍ଡାଜନିତ ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। ରାତିରେ ତମ୍ବାପାତ୍ରରେ ପାଣି ରଖି ସକାଳୁ ଖାଲିପେଟରେ ଏହାକୁ ପିଇବା ଦ୍ୱାରା ଶରୀରକୁ ଅଧିକ ପୋଷଣ ମିଳିଥାଏ। ତା' ସହିତ ଏସିଡିଟି ଓ କୋଷ୍ଠକାଠିନ୍ୟ ସମସ୍ୟା କେତେକାଂଶରେ ଦୂର ହୋଇଥାଏ। ତମ୍ବାରେ 'ଆଣ୍ଟିମାଇକ୍ରୋବାୟଲ' ଗୁଣ ରହିଥିବାରୁ ଏହା କ୍ଷତିକାରକ ଜୀବାଣୁ ଏବଂ ଭାଇରସ୍‌କୁ ସମୂଳେ ନଷ୍ଟ କରିବା ସହ ଜଳକୁ ଶୁଦ୍ଧ କରିବାରେ ସାହାଯ୍ୟ କରେ। ତମ୍ବାରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଶରୀର ପାଇଁ ବେଶ୍ ଉପକାରୀ। ବେଳେବେଳେ ନିମ୍ନମାନର ତମ୍ବାପାତ୍ର ଏବଂ ବିଭିନ୍ନ ମିଶ୍ରିତ ଧାତୁରେ ନିର୍ମିତ ତମ୍ବାପାତ୍ରରେ ପାଣିରଖି ପିଇବା ଦ୍ୱାରା ଏହା ଶରୀର ପାଇଁ ଖରାପ ପ୍ରଭାବ ପକାଇବାର ଅଧିକ ସମ୍ଭାବନା ରହିଥାଏ। କେବଳ ସେତିକି ନୁହେଁ, ଯକୃତ ଉପରେ ଖରାପ ପ୍ରଭାବ ପକାଇବା ସହ ଝାଡ଼ା ବାନ୍ତି ଆଦି ହେବାର ଆଶଙ୍କା ରହିଥାଏ। ପାନୀୟ ଜଳ ବ୍ୟବହାର ନିମନ୍ତେ ତମ୍ବାପାତ୍ର ଉଚ୍ଚ ମାନର ହେବା ଆବଶ୍ୟକ। ବ୍ୟବହାର ହେଉଥିବା ତମ୍ବାପାତ୍ରକୁ ନିୟମିତ ସଫା କରିବା ଉଚିତ, ଯଦ୍ଦ୍ୱାରା ଜୀବାଣୁ ବୃଦ୍ଧି ହ୍ରାସ ଘଟିଥାଏ। ତମ୍ବାପାତ୍ରରେ କୌଣସି ଫଳରସ, ଅମ୍ଳଯୁକ୍ତ ପାନୀୟ ରଖି ସେବନ କରିବା ଅନୁଚିତ। ତମ୍ବା ଏକ ଉଚ୍ଚ ତାପଜ ଧାତୁ ହୋଇଥିବାରୁ ଏଥିରେ ଗରମ ପାଣି ରଖି ପିଇବା ଅନୁଚିତ। କେବଳ ପରିଷ୍କାର ତଥା ସାଧାରଣ ଜଳ ତମ୍ବାପାତ୍ରରେ ରଖି ପିଇବା ଦ୍ୱାରା ଏହା ସ୍ୱାସ୍ଥ୍ୟୋପକାରୀ ହେବା ସହ ଦୀର୍ଘାୟୁ ଜୀବନରେ ସହାୟକ ହୋଇଥାଏ।

ମାଟିପାତ୍ରରେ ଜଳ ସେବନ ସ୍ୱାସ୍ଥ୍ୟ ପାଇଁ ହିତକର। ଫ୍ରିଜ୍ ପାଣି ଅପେକ୍ଷା ମାଟିପାତ୍ରରେ ପାଣି ରଖି ପିଇବା ସ୍ୱାସ୍ଥ୍ୟପ୍ରଦ। ମାଟି ପାତ୍ରରେ ପାଣି ପ୍ରାକୃତିକ ଉପାୟରେ ଥଣ୍ଡା ରହିଥାଏ। ସାମ୍ପ୍ରତିକ ପରିସ୍ଥିତିରେ ବାୟୁମଣ୍ଡଳରେ ଦିନକୁ ଦିନ ତାପମାତ୍ରା ବୃଦ୍ଧିପାଉଛି। ଏଭଳି ସ୍ଥିତିରେ ଫ୍ରିଜ୍ ପାଣି ଅପେକ୍ଷା ମାଟିପାତ୍ର, ମାଟିହାଣ୍ଡିରେ ପାଣି ରଖି ଦୈନନ୍ଦିନ ଏହାକୁ ପାନୀୟ ଜଳ ଭାବେ ବ୍ୟବହାର କରିବା ଉଚିତ। ଏହାଦ୍ୱାରା ଆମ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଦୀର୍ଘାୟୁ ହେବାରେ ସହାୟକ ହୋଇଥାଏ।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭



## ସୁସ୍ଥ ଶରୀର ଅନ୍ତରାଳେ...



ସୁସ୍ଥ ରହିବାକୁ କିଏ ବା ନ ଚାହେଁ? ହେଲେ ଏଥିପ୍ରତି ଆମକୁ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ତନ୍ମଧ୍ୟରୁ ପ୍ରଥମ ହେଲା ଜୀବନଶୈଳୀ। ଆମେ ଯଦି ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରିବା ତେବେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବା। ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବା ଦରକାର। ତା'ସହ ରାତିରେ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବା ଆବଶ୍ୟକ। କାରଣ ସୁସ୍ଥ ରହିବା ପଛରେ ନିଦ୍ରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଖାଦ୍ୟ ତାଲିକାରେ ଯେତେ ମସଲାଯୁକ୍ତ, ତେଲଯୁକ୍ତ ଖାଦ୍ୟ କମ୍ ସାମିଲ କରିବେ ସେତେ ଭଲ। ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ସୀମିତ ପରିମାଣରେ ଖାଆନ୍ତୁ। ସବୁବେଳେ ଏପରି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହୋଇପାରୁଥିବ। ଆଉ ଏକ କଥା ହେଲା, ନିୟମିତ ସମୟ ଅନ୍ତରାଳରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ନିହାତି ଆବଶ୍ୟକ। କୌଣସି ରୋଗର କାରଣ ଜାଣିବା ମାତ୍ରେ ତାହାକୁ ଅବହେଳା କରନ୍ତୁ ନାହିଁ। କାରଣ ଏହା ଭବିଷ୍ୟତରେ ଗୁରୁତର ସମସ୍ୟା ସୃଷ୍ଟି କରିଥାଏ ଏବଂ ସେଥିରୁ ଆରୋଗ୍ୟଲାଭ କରିବାକୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନିଜକୁ ସୁସ୍ଥ ରଖିବାକୁ ଚାହୁଁଥିଲେ ନିଜର ଦୈନନ୍ଦିନ ଜୀବନଶୈଳୀ ତାଲିକାରେ ବ୍ୟାୟାମ ସାମିଲ କରନ୍ତୁ। ଦିନକୁ ଅତିକମ୍‌ରେ ୨-୩ ଲିଟର ପାଣି ପିଅନ୍ତୁ।

## ଅସନ୍ତୁଳିତ ରକ୍ତ ସଞ୍ଚାଳନ ଓ କିଡ୍‌ନୀ ସମସ୍ୟା



ଆମ ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବରେ ହେବା ନିହାତି ଦରକାର। ନ ହେଲେ ତାହା କେତେକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ବେଳେବେଳେ ଏହାର ଠିକ୍ ସମୟରେ ଚିକିତ୍ସା କରା ନ ଗଲେ ତାହା ଜୀବନନାଶକ ସାଜିଥାଏ। ତେବେ ଯଦି ଶରୀର ଭିତରେ ରକ୍ତ ସଞ୍ଚାଳନ ଅଧିକାଂଶ ସମୟ ଅସନ୍ତୁଳିତ ରହିଲା, ତେବେ ତାହା ଭବିଷ୍ୟତରେ କିଡ୍‌ନୀ ସମସ୍ୟାର କାରଣ ସାଜିପାରେ ବୋଲି ସିଡ୍‌ନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ ରକ୍ତ ସଞ୍ଚାଳନଜନିତ ସମସ୍ୟା ସହ ଜଡ଼ିତ କେତେଜଣ ବ୍ୟକ୍ତିଙ୍କର ଶାରୀରିକ ପରୀକ୍ଷା ତନ୍ନ ତନ୍ନ କରିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ସମୟରେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ କେତେଜଣଙ୍କଠାରେ କିଡ୍‌ନୀଜନିତ ସମସ୍ୟାର ଲକ୍ଷଣ ଦେଖିବାକୁ ମିଳିଥିଲା। ମନୁଷ୍ୟ ଶରୀରରେ ଯଦି ରକ୍ତ ସଞ୍ଚାଳନ ଅଧିକାଂଶ ସମୟ ଅସନ୍ତୁଳିତ ରହିଲା ତେବେ ତାହାର ପ୍ରଭାବ କିଡ୍‌ନୀ ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଏଭଳି ସମସ୍ୟା ଦେଖାଦେବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହେବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ସ୍ମରଣଶକ୍ତି ବୃଦ୍ଧିର ନୂଆ ଉପାୟ



ଆମର ସ୍ମରଣଶକ୍ତି ଦୃଢ଼ ରହିବା ଆବଶ୍ୟକ। ଏହାର ଏକ ସରଳ ତଥା ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜକୁ ଟେନ୍‌ସନ ଏବଂ ଅବସାଦଠାରୁ ଦୂରେଇ ରଖିପାରିଲେ ତେବେ ତାଙ୍କର ସ୍ମରଣଶକ୍ତି ପୂର୍ବାପେକ୍ଷା ତୀବ୍ର ହୋଇଥାଏ। ଏଭଳି ବିଷୟକୁ ନେଇ ନିକଟରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହି ସର୍ଭେ ସମୟରେ ଯେଉଁମାନେ ନିଜକୁ ଟେନ୍‌ସନ ଏବଂ ଅବସାଦଠାରୁ ଯଥାସମ୍ଭବ ଦୂରେଇ ରଖିପାରୁଥିଲେ ସେମାନଙ୍କର ସ୍ମରଣଶକ୍ତି ପୂର୍ବାପେକ୍ଷା ସକ୍ରିୟ ରହୁଥିବାର ଜଣାପଡ଼ିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଥିପାଇଁ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ଲିଭର କାର୍ଯ୍ୟଧାରାକୁ ସକ୍ରିୟ କରାଏ କଲରା

କଲରାରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରିରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ କଲରା ଖାଆନ୍ତି ତେବେ ତାହା ତାଙ୍କର ଲିଭର ବା ଯକୃତ କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରିଥାଏ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ଆପଣ ମେଦବହୁଳତା ସମସ୍ୟା ସହ ଜଡ଼ିତ କି? ତେବେ ନିୟମିତ କଲରା ଖାଆନ୍ତୁ। ଏହା ଦ୍ୱାରା ଓଜନ ଅନେକାଂଶରେ ନିୟନ୍ତ୍ରଣରେ ରହିଥାଏ



ବୋଲି ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ପୁଷ୍ଟିବିଜ୍ଞାନୀମାନେ ମତ ଦେଇଛନ୍ତି। କଲରା ଡାଇବେଟିସ୍ ରୋଗୀଙ୍କ ପାଇଁ ଏକ ବରଦାନ ସଦୃଶ। କାରଣ ଏହା ରକ୍ତରେ ଶର୍କରା (ସୁଗାର) ପରିମାଣକୁ କେତେକାଂଶରେ ସନ୍ତୁଳିତ ରଖିଥାଏ। କେବଳ ସେତିକି ନୁହେଁ, ଯଦି କୋଲେଷ୍ଟରଲ ପରିମାଣ ଅସନ୍ତୁଳିତ ରହିଛି, ତେବେ ତାହାକୁ ନିୟନ୍ତ୍ରଣକୁ ଆଣିଥାଏ। କଲରାର ଆଉ ଏକ ଉପକାରୀ ଗୁଣ ହେଲା, ତାହା କେଶ ମୂଳକୁ ଦୃଢ଼ କରିବା ସହ ଚର୍ମରେ ସତେଜତା ଆଣିଥାଏ। ନିଜର ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି ଦୃଢ଼ କରିବାକୁ ଚାହୁଁଛନ୍ତି କି? ଯଦି ହଁ, ତେବେ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ କଲରା ସାମିଲ କରନ୍ତୁ। କଲରା ଜୁସ୍ ମଧ୍ୟ ବେଶ୍ ଉପକାରୀ।

## ଜାଣିରଖନ୍ତୁ...



ବର୍ତ୍ତମାନ ବର୍ଷା ଋତୁ। ତେଣୁ ଏହି ସମୟରେ ନିଜକୁ ସୁସ୍ଥ ରଖିବାକୁ ହେଲେ ଆମକୁ ଅଧିକ ସତର୍କ ରହିବାକୁ ପଡ଼ିବ। ଏହି ଦିନରେ ନିଜର ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ। ବିଶେଷଭାବରେ ଉକ୍ତ ଋତୁରେ ଥଣ୍ଡା, କାଶ, ଜ୍ୱର ଆଦିର ଅଧିକ ଆଶଙ୍କା ରହିଥାଏ। ତେଣୁ ଏହାର ପ୍ରାରମ୍ଭିକ ଲକ୍ଷଣ ଜାଣିବା ମାତ୍ରେ ଚିକିତ୍ସା କରାଇ ନିଅନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ଋତୁରେ ସବୁବେଳେ ପାଣିକୁ ଫୁଟାଇ ଥଣ୍ଡା କରି ପିଅନ୍ତୁ। ବାସି ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ସବୁବେଳେ ଉଷୁମ ଖାଦ୍ୟ ଖାଆନ୍ତୁ। ଏହି ସମୟରେ ମଶା, ମାଛିଙ୍କ ଉପଦ୍ରବ ବେଶି ରହିଥାଏ। ତେଣୁ ଘରର ଚାରିପାଖ ପରିଷ୍କାର ରଖନ୍ତୁ। ନିଜକୁ ଓଦା ଏବଂ ସନ୍ତସନ୍ତିଆ ସ୍ଥାନଠାରୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ। ଏହି ସମୟରେ ଜଙ୍କ୍ ଫୁଡ୍ ଯେତେ କମ୍ ଖାଇବେ ସେତେ ଭଲ। ଖାଦ୍ୟ ତାଲିକାରେ ଭିଟାମିନ୍-ସି ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। କାରଣ ଏହା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଘରେ ଯଦି ଛୋଟ ପିଲା ଅଛନ୍ତି ତେବେ ଥଣ୍ଡା, ଜ୍ୱର, କାଶ ପାଇଁ ଔଷଧ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଘରେ ରଖନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➤ତଟକା ଫଳମୂଳ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ଏହା ଶରୀରକୁ ଶକ୍ତି ଯୋଗାଇବା ସହ ମନକୁ ପ୍ରଫୁଲ୍ଲ ରଖିଥାଏ।

➤ପ୍ରତିଦିନ ରାତିରେ ପ୍ରାୟ ୭-୮ଘଣ୍ଟା ଶୋଇବା ଦ୍ୱାରା ମୁଣ୍ଡବ୍ୟଥାରୁ କେତେକାଂଶରେ ଉପଶମ ମିଳିଥାଏ। କାରଣ ଶୋଇବା ଦ୍ୱାରା ଆମ ମସ୍ତିଷ୍କକୁ ଆବଶ୍ୟକ ମୁତାବକ ବିଶ୍ରାମ ମିଳିଥାଏ।



➤ଗାଜରରେ ପୋଟାସିୟମ୍ ଓ କ୍ୟାଲ୍‌ସିୟମର ମାତ୍ରା ଭରିରହିଛି। ଏହାକୁ ନିୟମିତ ଖାଇଲେ ତାହା ଅସ୍ଥିକୁ ମଜଭୁତ କରିଥାଏ। କେବଳ ସେତିକି ନୁହେଁ, ହୃତ୍‌ପିଣ୍ଡ କାର୍ଯ୍ୟଧାରାକୁ ମଧ୍ୟ ସକ୍ରିୟ ରଖିଥାଏ।

➤ଚର୍ବିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏଥିଯୋଗୁ କୋଲେଷ୍ଟରଲ ସ୍ତର ବୃଦ୍ଧି ପାଇଥାଏ।

➤ରକ୍ତହୀନତା ଭୋଗୁଥିବା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ନିଜ ଦୈନନ୍ଦିନ ଖାଦ୍ୟ ଭାବରେ ଖାଇପାରିବେ।

➤ଆଖୁରସ ପିଇବା ଦ୍ୱାରା ଖାଦ୍ୟ ହଜମ ଠିକ୍ ଭାବେ ହୋଇଥାଏ। ଏଥିରେ ପୋଟାସିୟମ୍ ଥିବାରୁ ପାକସ୍ଥଳୀକୁ ସଂକ୍ରମଣରୁ ମଧ୍ୟ ରକ୍ଷା କରିଥାଏ।

➤ଖାଦ୍ୟ ତାଲିକାରେ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇବ।

## ଯୋଗ କରିବା ସମୟରେ...

ବର୍ତ୍ତମାନ ଆମ ଜୀବନରେ ଯେଉଁ ପ୍ରମୁଖ ଜିନିଷର ଆବଶ୍ୟକତା ରହିଛି ତାହା ହେଲା ଯୋଗ। ଯଦି ଜଣେ ବ୍ୟକ୍ତି ପ୍ରତିଦିନ କିଛି ସମୟ ଯୋଗ କରନ୍ତି ତେବେ ତାହାର ସୁପ୍ରଭାବ ଶରୀର ଉପରେ ପଡ଼ିଥାଏ। ତେବେ ଯୋଗ କରିବା ପୂର୍ବରୁ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେବା ନିହାତି ଆବଶ୍ୟକ। ପ୍ରଥମେ ଏ ବିଷୟରେ ଅଭିଜ୍ଞ ଯୋଗ ପ୍ରଶିକ୍ଷକଙ୍କ ସହ ଆଲୋଚନା କରନ୍ତୁ। ତାଙ୍କ ଅଧୀନରେ ଯଦି ସେ କିଛି ମାସ ଯୋଗ କରିବାକୁ ପରାମର୍ଶ ଦିଅନ୍ତି ତେବେ ତାହାକୁ ଗ୍ରହଣ କରନ୍ତୁ। ସବୁବେଳେ ଏକ ପ୍ରଦୂଷଣମୁକ୍ତ ସ୍ଥାନରେ ଯୋଗ କରନ୍ତୁ। ସବୁଠାରୁ ବଡ଼ କଥା ହେଲା ପ୍ରତିଦିନ କେତେ ସମୟ ଯୋଗ କରିବେ ଏବଂ କେଉଁ ସମୟରେ କରିବେ ତାହା ନିର୍ଦ୍ଧାରଣ କରନ୍ତୁ। ଯୋଗ କରିବା ସମୟରେ ଆଦୌ ଅନ୍ୟମନସ୍କ ରୁହନ୍ତୁ ନାହିଁ। ଯେତିକି ସମୟ ଯୋଗ କରୁଛନ୍ତି ସେତିକି ସମୟ ଯୋଗରେ ହିଁ ମନ କେନ୍ଦ୍ରୀତ କରନ୍ତୁ। ଯୋଗ କରିବା ସମୟରେ ମନକୁ ଶାନ୍ତ ରଖନ୍ତୁ। ଯୋଗ କରିବାକୁ କେତେକ ସାମଗ୍ରୀର ଆବଶ୍ୟକତା ପଡ଼ିଥାଏ। ତେଣୁ ସେଗୁଡ଼ିକୁ ସଂଗ୍ରହ କରି ପାଖରେ ରଖନ୍ତୁ। ଯଦି ଗ୍ରୁପ୍ ଯୋଗ କରୁଛନ୍ତି ତେବେ ସେହି ସମୟରେ ଅନ୍ୟ କାହା ସହ ନିଜକୁ ତୁଳନା କରନ୍ତୁ ନାହିଁ। ଯାହା ଶିଖୁଛନ୍ତି କିମ୍ବା ଯୋଗ ପ୍ରଶିକ୍ଷକ ଯାହା ନିର୍ଦ୍ଦେଶ ଦେଉଛନ୍ତି ତାହାକୁ ଠିକ୍ ଭାବରେ ଅନୁସରଣ କରନ୍ତୁ।







ଦର୍ଶକ ଗ୍ୟାଲେରିରେ ମାସ୍କଟ ଓଲି। ପରିବାର ସହ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ।

# ଭାରତୀୟ ଆଥଲେଟ୍‌ଙ୍କ ପ୍ରଭାବୀ ପ୍ରଦର୍ଶନ

**ଭୁବନେଶ୍ୱର, ୧୦।୮ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତାରେ ଭାରତୀୟ ପ୍ରତିଯୋଗୀମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ବିଦେଶର ନାମୀ ଖେଳାଳିଙ୍କ ଅନୁପସ୍ଥିତିରେ ଉପଯୁକ୍ତ ଫାଇଦା ହାସଲ କରିଛନ୍ତି

**ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍**

ଘରୋଇ ଆଥଲେଟ୍। କଳିଙ୍ଗ ଷ୍ଟାଡିୟମର ପାଗ ଓ ପରିବେଶରୁ ଫାଇଦା ଉଠାଇ ଅନେକ ଇଭେଣ୍ଟରେ ଭାରତୀୟମାନେ କ୍ଲିନ୍ ସୁଇପ୍ ମଧ୍ୟ କରିଛନ୍ତି। ୪୦୦ ମିଟର ପୁରୁଷରେ ପ୍ରଥମ ୩ଟି ଯାକ ସ୍ଥାନ ଭାରତୀୟମାନେ ହାସଲ କରିଥିବାବେଳେ ମହିଳା ୪୦୦ ମିଟରରେ ପ୍ରଥମ ଦୁଇ ସ୍ଥାନରେ ଭାରତୀୟ ହିଁ ରହିଛନ୍ତି। ମହିଳା ଜାଭେଲିନ୍ ଥ୍ରୋରେ ଭାରତର ତାରକା ଆଥଲେଟ୍ ଅନୁ ରାଣୀ ଚମତ୍କାର ଥ୍ରୋ କରି ପ୍ରଥମ ହୋଇଛନ୍ତି। ନିକଟରେ ପୋଲାଣ୍ଡରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ଅନୁ ଏଠାରେ ମଧ୍ୟ ୬୨.୦୧ ମିଟର ଥ୍ରୋ କରି ଅପ୍ରତିଦ୍ୱନ୍ଦ୍ୱୀ ସାବ୍ୟସ୍ତ ହୋଇଥିଲେ। ତାଙ୍କର ଅନ୍ୟ କୌଣସି ପ୍ରତିଦ୍ୱନ୍ଦ୍ୱୀ ୬୦ ମିଟର ସ୍ପର୍ଶ କରିପାରି ନ ଥିଲେ। ମହିଳା ୧୦୦ ମିଟରରେ ଅଭିନୟା ରାଜାରାଜନ, ସ୍ନେହା ଏସ.ଏସ. ଓ ନିତ୍ୟା ଗାନ୍ଧେ ପ୍ରଥମ ୩ ସ୍ଥାନ ଅଧିକାର କରି ନେଇଥିଲେ। ମହିଳା ୧୦୦ ମିଟର ହର୍ଡଲ୍ସରେ ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁଙ୍କ ସମେତ ଭାରତୀୟମାନେ ପ୍ରଥମ ୩ ସ୍ଥାନ ସୁଇପ୍ କରିଛନ୍ତି। ମହିଳା ଲଙ୍ଗଜମ୍ପରେ ଶାଇଲି ସିଂ, ଭବାନୀ ଯାଦବ ଓ ସାନ୍ଦ୍ରା ବାବୁ ଏବଂ ପୁରୁଷ ଟ୍ରିପଲ ଜମ୍ପରେ ଅବଦୁଲା ଅବୁବାକର, କାର୍ତ୍ତିକ ଉନ୍ନିକ୍ରିଷ୍ଣନ ଓ ଗେଲି ଭେନିଷ୍ଟେର ପ୍ରଥମ ୩ ସ୍ଥାନ ହାସଲ କରିଛନ୍ତି। ୮୦୦ ମିଟରର ପୁରୁଷ ଓ ମହିଳା ବିଭାଗରେ କେବଳ ଭାରତୀୟମାନେ ପୋଡିୟମ ମଣ୍ଡନ କରିଛନ୍ତି। ମହିଳା ୧୫୦୦ ମିଟରରେ ପୂଜା, ଲିଲି ଦାସ ଓ ଅମନଦୀପ କୌର ଭାରତର ଟେକ ରଖିଛନ୍ତି। ପୁରୁଷ ୨୦୦ ମିଟରରେ ଓଡ଼ିଶା ଏଚ୍‌ପିସିର ଅନିମେଶ କୁଜୁର ପ୍ରଥମ ସ୍ଥାନ ଅଧିକାର କରି ଦେଶ ତଥା ରାଜ୍ୟର ସମ୍ମାନ ରଖିଛନ୍ତି।




ପୁରୁଷ ୧୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ ଅବସରରେ ଓଡ଼ିଶାର ଲାଲୁ ପ୍ରସାଦ ଭୋଇ (ବାମରୁ ତୃତୀୟ)।




ମହିଳା ୧୦୦ ମିଟର ରେସ୍‌ରେ ଭାଗ ନେଇଥିବା ଓଡ଼ିଶାର ଶ୍ରାବଣୀ ନନ୍ଦ (ଡାହାଣ)।

## ଅଭିନୟା, ଆଜେମ ଦ୍ରୁତତମ ଧାବିକା, ଧାବକ

**ଭୁବନେଶ୍ୱର, ୧୦।୮ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତାର ଗ୍ଲାମର ଇଭେଣ୍ଟ ୧୦୦ ମିଟରରେ ଭାରତର ଅଭିନୟା ରାଜାରାଜନ ଓ ମାଲେସିଆର ମହମ୍ମଦ ଆଜେମ ବିନ୍ ଯୁଗ୍ମ ପ୍ରଥମ ସ୍ଥାନ ଅଧିକାର କରି ଯଥାକ୍ରମେ ଦ୍ରୁତତମ ଧାବିକା ଓ ଧାବକ ହୋଇଛନ୍ତି। ୧୦୦ ମିଟର ମହିଳାରେ ଅଭିନୟା ୧୧.୫୭ ସେକେଣ୍ଡ ସମୟ ନେଇ ପ୍ରଥମ, ସ୍ନେହା ଏସ୍.ଏସ୍. (ଭାରତ) ୧୧.୭୦ ସେକେଣ୍ଡ ସହ ଦ୍ୱିତୀୟ ଏବଂ ନିତ୍ୟା ଗାନ୍ଧେ (ଭାରତ) ୧୧.୭୦ ସେକେଣ୍ଡ ସହିତ ତୃତୀୟ ହୋଇଛନ୍ତି। ସେହିପରି ପୁରୁଷ ୧୦୦ ମିଟରରେ ଆଜେମ ୧୦.୩୫, ଚାମୋଦ ଏମ. ଯୋଦ୍ଧାସିଂ (ଶ୍ରୀଲଙ୍କା) ୧୦.୪୩ ଓ ଡାନିଶ ଇଫତିକାର ମୁହା (ମାଲେସିଆ)୧୦.୫୦ ସେକେଣ୍ଡ ସହିତ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## ଫଳାଫଳ

**୪୦୦ ମିଟର ପୁରୁଷ**
ପ୍ରଥମ: ବିଶାଲ ଟି.କେ.(ଭାରତ)–୪୫.୭୨ ସେକେଣ୍ଡ
ଦ୍ୱିତୀୟ: ଅମୋଜ ଜ୍ୟାକବ(ଭାରତ)–୪୫.୮୬ ସେକେଣ୍ଡ
ତୃତୀୟ: ସନ୍ତୋଷ କୁମାର ଟି.(ଭାରତ)–୪୬.୮୯ ସେକେଣ୍ଡ

**୪୦୦ ମିଟର ମହିଳା**
ପ୍ରଥମ: ବିଜୟା କୁମାରୀ ଜି.କେ.(ଭାରତ)– ୫୩.୪୦ ସେକେଣ୍ଡ
ଦ୍ୱିତୀୟ: ଦେବ୍ୟାନିବା ମହେନ୍ଦ୍ରସ (ଭାରତ)–୫୩.୮୭ ସେକେଣ୍ଡ
ତୃତୀୟ: ଲୌସି ଇଭାନ୍ସ (ଗ୍ରେଟ ବ୍ରିଟେନ)–୫୪.୨୮ ସେକେଣ୍ଡ

**ମହିଳା ଜାଭେଲିନ୍ ଥ୍ରୋ**
ପ୍ରଥମ: ଅନୁ ରାଣୀ (ଭାରତ)–୬୨.୦୧ ମିଟର
ଦ୍ୱିତୀୟ: ଏନ. ହାତରାବାଗଲେକା (ଶ୍ରୀଲଙ୍କା)–୫୬.୨୭ ମିଟର
ତୃତୀୟ: ଦୀପିକା (ଭାରତ)–୫୪.୨୦ ମିଟର

**୧୦୦ ମିଟର ପୁରୁଷ**
ପ୍ରଥମ: ମହମ୍ମଦ ଆଜେମ ବିନ୍ (ମାଲେସିଆ)–୧୦.୩୫ ସେକେଣ୍ଡ
ଦ୍ୱିତୀୟ: ଚାମୋଦ ଏମ. ଯୋଦ୍ଧାସିଂ (ଶ୍ରୀଲଙ୍କା)–୧୦.୪୩ ସେକେଣ୍ଡ
ତୃତୀୟ: ଡାନିଶ ଇଫତିକାର ମୁହା (ମାଲେସିଆ)–୧୦.୫୦ ସେକେଣ୍ଡ

**୧୦୦ ମିଟର ମହିଳା**
ପ୍ରଥମ: ଅଭିନୟା ରାଜାରାଜନ (ଭାରତ)– ୧୧.୫୭ ସେକେଣ୍ଡ
ଦ୍ୱିତୀୟ: ସ୍ନେହା ଏସ.ଏସ. (ଭାରତ)– ୧୧.୭୦ ସେକେଣ୍ଡ
ତୃତୀୟ: ନିତ୍ୟା ଗାନ୍ଧେ (ଭାରତ)–୧୧.୭୦ ସେକେଣ୍ଡ

**ମହିଳା ୧୦୦ ମିଟର ହର୍ଡଲ୍ସ**
ପ୍ରଥମ: ପ୍ରଜ୍ଞା ପ୍ରଶାନ୍ତି ସାହୁ (ଭାରତ)– ୧୩.୭୪ ସେକେଣ୍ଡ
ଦ୍ୱିତୀୟ: ନନ୍ଦିନୀ କୋଙ୍ଗାନ (ଭାରତ)– ୧୩.୮୦ ସେକେଣ୍ଡ
ତୃତୀୟ: ଅଞ୍ଜଳି ସି. (ଭାରତ)– ୧୪.୦୦ ସେକେଣ୍ଡ

**ମହିଳା ଲଙ୍ଗଜମ୍ପ**
ଶାଇଲି ସିଂ (ଭାରତ)– ୬.୨୮ ମିଟର
ଭବାନୀ ଯାଦବ (ଭାରତ)– ୬.୧୩ ମିଟର
ସାନ୍ଦ୍ରା ବାବୁ (ଭାରତ)– ୬.୧୦ ମିଟର

**ପୁରୁଷ ଟ୍ରିପଲ ଜମ୍ପ**
ଅବଦୁଲା ଅବୁବାକର (ଭାରତ)–୧୬.୫୩ ମିଟର
କାର୍ତ୍ତୀକ ଉନ୍ନିକ୍ରିଷ୍ଣନ (ଭାରତ)–୧୬.୪୨ ମିଟର
ଗେଲି ଭେନିଷ୍ଟେର (ଭାରତ)– ୧୬.୨୬ ମିଟର

**ପୁରୁଷ ୮୦୦ ମିଟର**
ମହମ୍ମଦ ଅଫଜାଲ (ଭାରତ)–୧:୪୬.୬୦ ସେକେଣ୍ଡ
ପ୍ରକାଶ ଗାଡାଡେ (ଭାରତ)–୧:୪୭.୧୪ ସେକେଣ୍ଡ
କ୍ରିଶନ କୁମାର (ଭାରତ)– ୧:୪୮.୦୦ ସେକେଣ୍ଡ

**ମହିଳା ୮୦୦ ମିଟର**
ଅମନଦୀପ କୌର (ଭାରତ)–୨:୦୪.୩୧ ସେକେଣ୍ଡ
ହୁଇଡ୍ରୋମ ଭୁମେଶ୍ୱର (ଭାରତ)– ୨:୦୬.୯୬ ସେକେଣ୍ଡ
ଥୋଟା ସଂକୀର୍ତ୍ତନା (ଭାରତ)– ୨:୦୭.୧୭ ସେକେଣ୍ଡ

**ପୁରୁଷ ଜାଭେଲିନ୍ ଥ୍ରୋ**
ରୁମେଶ ଥରଙ୍ଗା (ଶ୍ରୀଲଙ୍କା)–୮୬.୫୦ ମିଟର
ଶିବମ ଲୋହାକାରେ (ଭାରତ)–୮୦.୭୩ ମିଟର
ସୁମେଧା ରଣସିଂହେ (ଶ୍ରୀଲଙ୍କା)–୮୦.୬୫ ମିଟର

**ମହିଳା ୧୫୦୦ ମିଟର**
ପୂଜା (ଭାରତ)–୪:୧୫.୧୩ ସେକେଣ୍ଡ
ଲିଲି ଦାସ (ଭାରତ)–୪:୧୭.୬୬ ସେକେଣ୍ଡ
ଅମନଦୀପ କୌର (ଭାରତ)–୪:୨୭.୧୪ ସେକେଣ୍ଡ

**ପୁରୁଷ ୨୦୦ ମିଟର**
ପ୍ରଥମ: ଅନିମେଶ କୁଜୁର (ଭାରତ)–୨୦.୭୭ ସେକେଣ୍ଡ
ଦ୍ୱିତୀୟ: କୋ ସୁଙ୍ଗୱାନ (କୋରିଆ)–୨୦.୯୫ ସେକେଣ୍ଡ
ତୃତୀୟ: ରଗୁଲ କୁମାର ଜି.(ଭାରତ)–୨୧.୧୭ ସେକେଣ୍ଡ

**ପୁରୁଷ ୪ଗୁଣା ୪୦୦ ମିଟର ରିଲେ**
ପ୍ରଥମ: (ଶ୍ରୀଲଙ୍କା) –୩:୦୮.୨୨ ସେକେଣ୍ଡ
ଦ୍ୱିତୀୟ: (ଭାରତ 'ଏ')–୩:୦୮.୩୭ ସେକେଣ୍ଡ
ତୃତୀୟ: (ଇରାକ)–୩:୦୮.୭୪ ସେକେଣ୍ଡ

**ମହିଳା ୨୦୦ ମିଟର**
ଆଞ୍ଜେଲ ସିଲଭିଆ ଏମ.(ଭାରତ)–୨୩.୯୫ ସେକେଣ୍ଡ
ନିତ୍ୟା ଗାନ୍ଧେ (ଭାରତ)–୨୪.୧୧ ସେକେଣ୍ଡ
ଉନ୍ନତି ଆୟାପ୍ପା (ଭାରତ)– ୨୪.୫୬ ସେକେଣ୍ଡ

**ପୁରୁଷ ୫୦୦୦ ମିଟର**
ୱାବେରି ଇଗୁଶ ହୁସେନ (ଦିବୋତି)–୧୪:୦୫.୩୬ ସେକେଣ୍ଡ
ଅଭିଷେକ ପାଲ (ଭାରତ)– ୧୪:୧୦.୬୦ ସେକେଣ୍ଡ
ସାୱନ ବାରୱାଲ (ଭାରତ)–୧୪:୧୩.୪୧ ସେକେଣ୍ଡ

## ଲାଲୁ ପ୍ରସାଦ ଚତୁର୍ଥ

ପୁରୁଷ ୧୦୦ ମିଟରରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଲାଲୁ ପ୍ରସାଦ ଭୋଇ ୪ର୍ଥ ସ୍ଥାନରେ ରହି ପୁରସ୍କାର ଲାଭ କରିଛନ୍ତି। ହିଟ୍‌ରେ ୧୦.୬୧ ସେକେଣ୍ଡ ନେଇଥିବା ଲାଲୁ ଫାଇନାଲ୍ସରେ ୧୦.୫୪ ସେକେଣ୍ଡ ସମୟ ନେଇଥିଲେ। ମାଲେସିଆର ମହମ୍ମଦ ଆଜେମ ବିନ୍ (୧୦.୩୫), ଶ୍ରୀଲଙ୍କାର ଚାମୋଦ ଏମ. ଯୋଦ୍ଧାସିଂ (୧୦.୪୩) ଓ ମାଲେସିଆର ଡାନିଶ ଇଫତିକାର ମୁହା (୧୦.୫୦) ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

### ଶ୍ରାବଣୀଙ୍କୁ ୫ମ ସ୍ଥାନ

ମହିଳା ୧୦୦ ମିଟର ରେସ୍‌ରେ ଭାଗ ନେଇଥିବା ଓଡ଼ିଶାର ଶ୍ରାବଣୀ ନନ୍ଦ ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ କରି ନ ପାରି ୫ମ ସ୍ଥାନରେ ରହିଛନ୍ତି। ହିଟ୍‌ରେ ୧୧.୯୨ ସେକେଣ୍ଡ ନେଇଥିବା ଶ୍ରାବଣୀ ଫାଇନାଲ୍ସରେ ୧୧.୮୬ ସେକେଣ୍ଡ ସମୟ ନେଇଥିଲେ।

## ରୁମେଶ ଥରଙ୍ଗାଙ୍କୁ ଟୋକିଓ ଟିକେଟ

**ଭୁବନେଶ୍ୱର, ୧୦।୮ (ତପନ ସ୍ୱାଇଁ):** କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତାରେ କେବଳ ଶ୍ରୀଲଙ୍କାର ରୁମେଶ ଥରଙ୍ଗାଙ୍କୁ ଟୋକିଓ ୱାର୍ଲ୍ଡ ଚାମ୍ପିୟନଶିପ୍ ପାଇଁ ଟିକେଟ୍ ମିଳିଛି। ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ସେ ୮୬.୫୦ ମିଟର ପକାଇ ଟୋକିଓ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ପ୍ରଥମ ଉଦ୍ୟମରେ ହିଁ ରୁମେଶ ୮୬.୫୦ ମିଟର ଥ୍ରୋ କରି ଏହି ସଫଳତା ହାସଲ କରି ନେଇଥିଲେ। ଯୋଗ୍ୟତା ହାସଲ କରିବା ପାଇଁ କ୍ୱାଲିଫାଇଂ ମାର୍କ ଥିଲା ୮୫.୨୦ ମିଟର। ଚଳିତବର୍ଷ ସେପ୍ଟେମ୍ବର ୧୩ରୁ ୨୧ ପର୍ଯ୍ୟନ୍ତ ଜାପାନର ଟୋକିଓଠାରେ ୱାର୍ଲ୍ଡ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଭାରତର ଶିବମ ଲୋହାକାରେ ୮୦.୭୩ ଓ ଶ୍ରୀଲଙ୍କାର ସୁମେଧା ରଣସିଂହେ ୮୦.୬୫ ମିଟର ସହିତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଭାରତର ରୋହିତ ଯାଦବ (୮୦.୩୫), ସଚିନ ଯାଦବ (୭୯.୮୦) ଓ ଯଶବୀର ସିଂ (୭୮.୫୩) ନିରାଶ କରିଛନ୍ତି।



Authorized Dealers: Jeypore: Supreme Hero - 9289922183, Raygada: Ajit Hero - 9289922819, Associate Dealers: Laxmipur: Tarini Motors - 7205862853, Semiliguda: K P Enterprises - 9437233464, Nabarangpur: Arun Sales & Service - 9437174795, Gunpur: M/s Sai Sharan Automobiles - 9437234012, Malkangiri: Kanishka Automobiles - 9437181980, Kotpad: Shai Automobiles - 7205593156, Umerkote: Bharat Sales - 9937455659/9777765563, Kalimela: Laxminiyati Motors - 9861002055, Bissam cuttack: Patnaik Motors - 7008615208, Muniguda: Sandeep Automobiles - 9668388730.

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ